କାଳିଚରଣ
ନାଟକାବଳୀ

Digitized by srujanika@gmail.com

ଚକ୍ରୀ

(ଅଭିନବ ସଂସ୍କରଣ)

କବିଚନ୍ଦ୍ର
କାଳୀଚରଣ ପଟ୍ଟନାୟକ
ନାଟ୍ୟାର୍ଘ୍ୟ

Digitized by srujanika@gmail.com

ପ୍ରକାଶକ—

ଇଉନାଇଟେଡ୍ ବୁକ୍ ହାଉସ୍
କଟକ—୨

ସର୍ବସ୍ୱତ୍ୱ ଓ ଅଭିନୟ ପ୍ରଦର୍ଶନ ଅଧିକାର
କେବଳ ଲେଖକର

ମୂଲ୍ୟ
ଟ ୨-୫୦

—ଅଢ଼େଇ ଟଙ୍କା—

Digitized by srujanika@gmail.com

ଦୁଇପଦ

'ଚଣ୍ଡୀ' ଅନେକ ଜନର ଲେଖା ଓ ଓଡ଼ିଶା ଥିଏଟର୍ସରେ ଶତାଧିକବାର ଅଭିନୀତ । ଲେଖା ଓ ପରିକଳ୍ପନା ସମ୍ପର୍କରେ ନାନା ବହିରୁ ମୁଁ ସାହାଯ୍ୟ ପାଇଛି । ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ—ସବୁ ଜଗତ୍ରୁ ଏ ବହିରେ ସରଞ୍ଜାମ ସଂଗ୍ରହ କରାଯାଇଅଛି । ମୁଁ ସେହି କବି ଓ ନାଟ୍ୟକାରମାନଙ୍କ ନିକଟରେ ଅନ୍ତରର କୃତଜ୍ଞତା ଜ୍ଞାପନ କରୁଛି ।

ବିନୀତ

ଲେଖକ

Digitized by srujanika@gmail.com

—ପାତ୍ରବର୍ଗ—

ଶ୍ରୀକୃଷ୍ଣ
ନାରଦ
ଅର୍ଜୁନ
ସାତ୍ୟକ
ବୃଷକେତୁ
ବ୍ରାହ୍ମଣ—ଛଦ୍ମବେଶୀ ଶ୍ରୀକୃଷ୍ଣ
ବଭ୍ରୁବାହନ—ମଣିପୁର ରାଜା
ଚିତ୍ରରଥ — „ ମାତାମହ

ଗଙ୍ଗାଦେବୀ
ଚିତ୍ରାଙ୍ଗଦା—ମଣିପୁର ରାଜମାତା
ରେଖା — ବଭ୍ରୁବାହନଙ୍କ ପତ୍ନୀ
ମଞ୍ଜୁ —
ମାଧବୀ— } „ ସଖୀ
ମାଲତୀ—

———

Digitized by srujanika@gmail.com

—ସୂଚନା—

[ମହାପ୍ରଳୟର ସୂଚନା, ଗଙ୍ଗା ତୀର । ଝଡ଼ ଝଞ୍ଜା, ମେଘାଚ୍ଛନ୍ନ ଦିଗ୍‌ମଣ୍ଡଳ, ତରଙ୍ଗାକୁଳିତ ଗଙ୍ଗାଜଳ । ଜଳମଧ୍ୟରେ ଗଙ୍ଗାଦେବୀ । କୂଳରେ ତୀର ଦଣ୍ଡାୟମାନ ଚକ୍ରୀ—ଶ୍ରୀକୃଷ୍ଣ]

ଗଙ୍ଗା—ଚକ୍ରୀ !

ବୁଝିଛି ମୁଁ,
ସବୁ ତୁମର ଚକ୍ରାନ୍ତ !
ଅର୍ଜୁନ ସାରଥୀ ତୁମେ
ଅର୍ଜୁନର ସଖା,
ଅର୍ଜୁନର ସ୍ନେହେ ବନ୍ଧ ଯେଣୁ—
ଆସିଅଛ କରିବାକୁ ରକ୍ଷା
ଅର୍ଜୁନର ପ୍ରାଣ ।
କିନ୍ତୁ, ଚକ୍ରଧାରୀ !
ମନେରଖ—
ତ୍ରିଭୁବନେ ନାହିଁ କାର ସାଧ୍ୟ
ଗଙ୍ଗା ଅଭିଶାପୁଁ ଆଜ
ଅର୍ଜୁନରେ କରେ ପରିତ୍ରାଣ ।

କୃଷ୍ଣ—କିନ୍ତୁ ଜନନୀ ତ ସଦା କ୍ଷମାମୟୀ

ଗଙ୍ଗା—କ୍ଷମା ?

ହେ ଗୋବିନ୍ଦ !
କ୍ଷମା ତ ସ୍ୱର୍ଗୀୟ,—
ସମ୍ଭବଇ ଜନନୀ ନିକଟେ ।
ଗଙ୍ଗା ଯେ ଜନନୀ ନୁହେଁ—
ରାକ୍ଷସୀ-ରାକ୍ଷସୀ ।

Digitized by srujanika@gmail.com

ଏକେ ଏକେ ସପ୍ତ ସୁଭେ
ଅବହେଳେ ଯେ କରିଛି ହତ୍ୟା—
କହ, କହ ନାରାୟଣ !
କଏ ତାକୁ କହିବ ଜନନୀ ?
ରାକ୍ଷସୀ ମୁଁ ।
ରଙ୍ଗା ରାକ୍ଷସୀର କ୍ରୋଧ
ନ ହୋଇବ ଶାନ୍ତ—
ଯେତେଦିନ
ଅର୍ଜୁନର ଛିନ୍ନମୁଣ୍ଡ
ଭକ୍ଷି ନାହିଁ ଶୃଗାଳ କୁକ୍କୁର;—
ଯେତେକାଳ, ଅର୍ଜୁନର ଚିତା-ଧୂମ୍ର
ଚୁମ୍ବି ନାହିଁ ଗଗନର ଶିଖା ।
ହେ ଗୋବିନ୍ଦ !
ସହିଛି ମୁଁ ବହୁ ବ୍ୟଥା
ଆଜ ମୋତେ ଦିଅ ନାହିଁ ବାଧା ।

ଶ୍ରୀକୃଷ୍ଣ—ଦେବୀ ! ସମ୍ବର ଏ କ୍ରୋଧ !
ବିଶ୍ୱସୃଷ୍ଟି ଯିବ ଜଳି
ହେଲେ ଜନନୀ କୁପିତା ।
ଅନ୍ୟାୟ ସମରେ, ବଧି
ସତ୍ୟବ୍ରତ ଯୁଦ୍ଧେ,
ଅପରାଧୀ ନିଶ୍ଚୟ ଅର୍ଜୁନ ।
ହୋଇଅଛ ପୁତ୍ରହରା ଭୂମେ
ସତ୍ୟ, ସ୍ୱୀକାର କରୁଛି ।

Digitized by srujanika@gmail.com

ଗଙ୍ଗା—ତେବେ କିପାଁ ମିଛେ ଏତେ ବାଧା ?
ନାରାୟଣ ! ସମଦୃଷ୍ଟି ଗଲ କିବା ଭୁଲି—
ପୁତ୍ରହୀନା ଗଙ୍ଗାଲାଗି ଆଜ ?
ଫେର, ଫେର ହେ ଗୋବିନ୍ଦ !
ପାଳ ପଣ, କର ରକ୍ଷା, ଅର୍ଜ୍ଜୁନ ସଖାରେ—ଗଙ୍ଗା ଅଭିଶାପୁଁ ।

ଶ୍ରୀକୃଷ୍ଣ—ଅସମ୍ଭବ,
ଶକ୍ତିର ଅତୀତ ମୋର,
ତେଣୁ ଆସିଅଛୁ—
ମାଗିବାକୁ ଅର୍ଜ୍ଜୁନର ପ୍ରାଣଭିକ୍ଷା
ଯାବତ ନୋହିଛି ଏହି
କୁରୁକ୍ଷେତ୍ର ଯୁଦ୍ଧ ଅବସାନ ।

ଗଙ୍ଗା—ହେ ଗୋବିନ୍ଦ !
ଏକା ତୁମ୍ଭଲାଗି ସହିପାରେଁ ମୁହିଁ
ଏ ଦୀର୍ଘ ବିଳମ୍ବ ।
କିନ୍ତୁ—
ଜାଣ ତ ସକଳ;
ପୁତ୍ରଠାରୁ ବଳି
ଅର୍ଜ୍ଜୁନକୁ ମଣୁଥିଲେ ଶ୍ରେଷ୍ଠ ।
ପ୍ରତିଦାନେ ତାର—
ମୃତ୍ୟୁ—
କି ନଥିଲା ଅନ୍ୟାୟ ସମରେ ?
ରଖି ଶିଖଣ୍ଡିକୁ ସମ୍ମୁଖେ ଭୀଷ୍ମର—
ତୀକ୍ଷ୍ଣ ଶରେ କରିଲା ଜର୍ଜର ।
ପୁତ୍ର-ସ୍ନେହ ପ୍ରତିଦାନ ଏହି କି ମାଧବ ?

Digitized by srujanika@gmail.com

।

ଶ୍ରୀକୃଷ୍ଣ —କ୍ଷମାକର ମାତା !
ଭୁଲିଯାଅ ସେ ସକଳ ।
ଯାଅ ଭୁଲି ମନୁଁ —
ପ୍ରାର୍ଥନା ମୋହର :—
ହୁଅ ଶାନ୍ତ ।

ଗଙ୍ଗା — ଦେବ,
ସତ୍ୟବଦ୍ଧ ତୁମ୍ଭ ସଙ୍ଗ ଆପଣେ ଗୋବିନ୍ଦ —
ପୂରାଇବ ମନୋରଥ ମୋର ।

ଶ୍ରୀକୃଷ୍ଣ —କଲି ସତ୍ୟ,
ଦିଅ ମୋ ଆଦେଶ,
ବହି ଶିରେ ଜନନୀର ବାକ୍ୟ,
ପାଳିବି ମୁଁ ଅକ୍ଷର ଅକ୍ଷରେ—
ସତ୍ୟ, ସତ୍ୟ, ସତ୍ୟ ।

ଗଙ୍ଗା—କୁରୁକ୍ଷେତ୍ର ଯୁଦ୍ଧ ଅନ୍ତେ,
ପୁତ୍ର ହସ୍ତେ—
ଅର୍ଜ୍ଜୁନର ହୋଇବ ମରଣ;
କିନ୍ତୁ, ଅର୍ଜ୍ଜୁନର ସେହି ପୁତ୍ର
ନଷ୍ଟସ୍ପୃ, ନଷ୍ଟସ୍ପୃ, ହୋଇଥିବ ଶ୍ରାଦ୍ଧଦେବ ଶିଷ୍ୟ ।
ରକ୍ଷୀ !
ରକ୍ଷାନ୍ତେ ତୁମ୍ଭର
ଅଭିଶାପ କର ପୂର୍ଣ୍ଣ ମମ ।
ହୋଇ ତୁମ୍ଭେ କର୍ଣ୍ଣଧାର
ଘଟାଇବ ଅର୍ଜ୍ଜୁନର ମରଣ ବିଧାନ
ପୁତ୍ରର ସ୍ୱହସ୍ତେ ।

Digitized by srujanika@gmail.com

ଶ୍ରୀକୃଷ୍ଣ — ଅସମ୍ଭବ ଅଭିଶାପ ଦେଲ ଗୋ ଜନନୀ !
ପୁତ୍ରହସ୍ତେ ପିତୃହତ୍ୟା !
ଗଙ୍ଗା— ମନେରଖ ମାୟାଧର !
ପ୍ରବଞ୍ଚନା ଅସମ୍ଭବ ଗଙ୍ଗାର ନିକଟେ ।
ଉପାୟ ବିଧାନ—
ତୁମ୍ଭେ ପାଣ୍ଡବର ବନ୍ଧୁ,
ଆପଣେ କରିବ ।
ଶ୍ରୀକୃଷ୍ଣ – ଶିରୋଧାର୍ଯ୍ୟ
ଜନନୀର ବାକ୍ୟ !
ପାଣ୍ଡବର ବନ୍ଧୁ ମୁହିଁ,
ଅର୍ଜ୍ଜୁନର ସଖା ।
ପ୍ରାଣାଦପି ପ୍ରିୟ ମୋର ତୃତୀୟ ପାଣ୍ଡବ;
ତଥାପି ଗୋ ମାତା !
ବାକ୍ୟ ତବ ଅବଶ୍ୟ ଫଳିବ !
ଅର୍ଜ୍ଜୁନର ରକ୍ଷୀ—
ରଖିବାକୁ ଜନନୀର ଟେକ, ପାଳିବାକୁ ଦେବୀର ଆଦେଶ,
ଭେଟାଇବ ଅର୍ଜ୍ଜୁନର
ମରଣ ଉପାୟ ପୁତ୍ରର ସ୍ୱହସ୍ତେ ।
ହୁଅ ଶାନ୍ତ ।
ଆଶୀର୍ବାଦ କର ମାତା !
ହୁଏଁ କୃତକାର୍ଯ୍ୟ ।
(ମଥା ନତ କରି କର ଯୋଡ଼ିଲେ)

—ଃ୦ଃ—

ପଟକ୍ଷେପ ।

Digitized by srujanika@gmail.com

ଚକ୍ରୀ

ପ୍ରଥମ ଅଙ୍କ

ପାହାଡ଼ର ନିମ୍ନ ଦେଶ—ବର୍ଷା ଛାଡ଼ିଯାଇଛି, ମେଘମୁକ୍ତ ଆକାଶ, ବନବାଳାମାନେ ନୃତ୍ୟ କରୁଥିଲେ । ନୃତ୍ୟ ମଧ୍ୟରେ ପାହାଡ଼ର କନ୍ଦର ଭିତରୁ ଦେଖାଦେଲେ 'ରେଖା'—ମୁଗ୍ଧ ନୟନରେ ବନବାଳା-ଙ୍କର ନୃତ୍ୟ ଦେଖୁଥିଲେ ସେ, ଅନ୍ତରାଳରେ ଥାଇ—କିଛିକାଳ ପରେ ପଛରେ ତାଙ୍କର ଆସି ପହଞ୍ଚିଲେ 'ବଜ୍ରବାହନ', କରରେ ଧନୁଃଶର । କ୍ଲାନ୍ତ ସେ, ଭୁଜ ୨ ଆସି ରେଖାର ଆଖି ମୁଦି ଧରିଲେ । (ରେଖା ଚମକି ଉଠିଲା ସଶ୍ରଦ୍ଧେ)

ବନବାଳାମାନେ—(ନୃତ୍ୟସହ ଗୀତ)

ରୁମ୍ ଝୁମ୍ ବର୍ଷା ଶେଷେ ରେ,
ଅଝର ବର୍ଷା ଶେଷେ ରେ ।

Digitized by srujanika@gmail.com

ଫୁଲଟି ହସେ, ମୁକୁଟା ଖସେ,
ଝରଣା ପାଣିରେ ମିଶେ—
ଅଭନ ବର୍ଷା ଶେଷେ ରେ ॥
କୋଇଲି ଦୋଳି ଖେଳେ, ଲତା କୋଳେ
କୁହୁକୁହୁ—କୁହୁକୁହୁ—କୁହୁକୁହୁ ଡାକ ରେ
ଗଛ ଗହଳେ ଲୁଚି ଲୁଚି ବଉଳ ଫେଣ୍ଡା ଖୋଷେ ରେ ॥

(ନାଚି ନାଚି ଗ୍ଲେଇଗଲେ ସମସ୍ତେ)

(ଠିକ୍ ଏତିକିବେଳେ ବଜ୍ରବାହନ ରେଖାର ନିକଟକୁ ଆସି ଅତର୍କିତଭାବରେ ତାର ଆଖି ମୁନ୍ଦି ଧରିବାରୁ ରେଖା ଚମକି ହାତ ଛଡ଼ାଇନେ—କଥାବାର୍ତ୍ତା ନାହିଁ—ଚୁପ୍ ରହିଲେ ଦୁହେଁ ଦୁହିଁଙ୍କୁ । ରେଖା ଗମ୍ଭୀର । ବଜ୍ରର ହସ ମୁହଁ ରେଖାକୁ ଗମ୍ଭୀର ଥିବା ଦେଖି ଝାଉଁଳି ଗଲା; ତଥାପି ହସ ଯୋଗାଇ ସେ କହିଲେ)

ବଜ୍ର—ହୁଁ, ଓଲଟି ଅଭିମାନ ? ନାଁ ? ବେଶ୍, ଥା'ତେବେ, ଯେମିତି ସାଙ୍ଗ ଛାଡ଼ି ଆସିଛୁ ସେମିତି ସାଙ୍ଗ ଛାଡ଼ି ଯିବୁ ।

(କଟୁବାଟ ଚାଲିଗଲେ ପୁଣି ଫେରି ଚାହିଁ ଡାକିଲେ) ରେଖା !

ରେଖା—(ଖାଲି ଥରେ ଚାହିଁ, ମୁହଁ ଫେରାଇଲେ)
ବଜ୍ର—ଯିବୁ ନାହିଁକି ? କହ ।
ରେଖା—ନାଁ—
ବଜ୍ର—(ଫେରିଆସି) ତେବେ ?
ରେଖା—(ନୀରବ)
ବଜ୍ର—(ହାତଧରି ଟାଣି) ଉଠ୍, ଆ, ଆଉ ଯେବେ କେବେ ଫେରି ସାଙ୍ଗରେ ଆଣିଛୁ···ବଣଠାରେ···ମୋତେ ଏକା ଛାଡ଼ି ଦେଇ-

Digitized by srujanika@gmail.com

ତୁ ତୋ'ର ଚୁପ୍ ହୋଇ ଆସି ନାଚ ଦେଖୁଚୁ ? ସାଙ୍ଗରେ ଆଣି, ସାଙ୍ଗ ଛାଡ଼ିଦେଇ···

ରେଖା — (ରୁଷି) ହୁଁ, ମୁଁ ସାଙ୍ଗରେ ଆଣିଥିଲି, ସାଙ୍ଗ ଛାଡ଼ିଦେଲି ? ଝଡ଼, ବର୍ଷା — ବାଟ ଦିଶିଲା ନାହିଁ । ଡାକ ଡାକ ଥକିଲି, ଶୁଣିଲ ନାହିଁ; ବାଟବଣାହୋଇ ବଣଟାରେ ମୋତେ ଯେ ଡର ଲାଗିଲା —

ବନ୍ଧୁ — ଭଲ ହେଲା, କାହିଁକି ଆସୁଥିଲୁ କି ?

ରେଖା — ମୁଁ କଅଣ ମନକୁ ଆସୁଥିଲି ?

ବନ୍ଧୁ — ଆଉ ?

ରେଖା — ତୁମେ ଡାକି ନା ? ତୁମେ ଡାକିଲାଠୁଁ ଯିନା ! ଡାକି ନାଁ ?

ବନ୍ଧୁ — ସେଇଟା ଅବଶ୍ୟ ମୋର ମନେ ନାହିଁ । ହେଲେ ବା, ତୋର ମନ ନଥିଲେ ମୁଁ କଅଣ ତୋତେ ଟାଣି ଆଣୁଥିଲି ?

ରେଖା — ହୁଁ ! ଅତ ସକାଳୁ ଉଠି, ମାଆ ନଥିଲାବେଳେ ଫୁସୁଲେଇ ଫୁସୁଲେଇ କହିବ କଅଣ ନାଁ — ଚାଲ୍, ଶିକାର କରିବା, ବଣକୁ ଯିବା ! ଏତେବେଳକୁ ମୋତେ ସାଙ୍ଗରୁ ଛାଡ଼ିଦେଇ —

ବନ୍ଧୁ — ଆଚ୍ଛା ବେଶ୍, ମୋର ସେଇଟା ଦୋଷ । ତୁ ଏଣିକି ଆଉ ମୋ ସାଙ୍ଗରେ ଆସିବୁ ନାହିଁ — ମୁଁ ଡାକିଲେ ବି । ହେଲା ତ ?

ରେଖା — (ଅଭିମାନରେ) ତୁମେ ବି —

ବନ୍ଧୁ — ମୁଁ ବି ? କଅଣ ଡାକିବି ନାହିଁ ବୋଲି କହୁଚୁ ତ ?

ରେଖା — ନାଁ ତୁମେ ବି ଆଉ କାଲିଠୁ ଆସିବ ନାହିଁ ।

Digitized by srujanika@gmail.com

ବଭ୍ରୁ – କାହିଁକି ତୋର କଥାରେ – ନା ?

ରେଖା – ହଁ ।

ବଭ୍ରୁ – ଇସ୍ ! ପ୍ୟାର କଥା; କଷ୍ଟେ ଆସିବ, ଆଉ ତୋତେ ସାଙ୍ଗରେ ଆଣିବ ନାହିଁ । ତୁ ତୋର ଘରେ ରହିବୁ ।

ରେଖା – ଏକା ?

ବଭ୍ରୁ – ହଁ ଏକା ।

ରେଖା – ନାଁ ।

ବଭ୍ରୁ – ହଁ, ଏକା, ଏକା ।

ରେଖା – ନା, ନାଁ ।

(ବଭ୍ରୁ କୋଳରେ ଛଳପଡ଼ ମୁହଁ ଲୁଚାଇଲେ)

ବଭ୍ରୁ – ବାସ୍, ଏତିକରେ ଲୁହ ବୋହି ପଡ଼ିଲା ! ଆଉ ମୁଁ ଯେ କେମିତି ଏକା ଆସିବି, ଏକା କେମିତି ରହିବି, ମୋର ଦୁଃଖଟା ଭାରି କମ୍‌ବୋଲି ଭାବୁଥିଲୁ––ତୁ (ରେଖାର ମୁହଁ ଟେକି) ନାଁ ? ଜାଣୁ, ତୋ'ର ଏଇ ବନ୍ଦୁଟିଏ ଲୁହ ସ୍ମୃତିରେ ମୋର ଗଙ୍ଗାର ସ୍ରୋତ ବୁହାଇ ଦିଏ । (ଲୁହ ପୋଛି) ଛି, ଛି । ମୋର କନ୍ଦୁ ରେଖା, କେବେ କେବେ ମନେ ହୁଏ –

ରେଖା – (ଲୁହିଁଲା ଲୁହମିଶା ପ୍ରସନ୍ନ ମୁଖରେ)

ବଭ୍ରୁ – ମନେ ହୁଏ – ଏହି ତୋର ଅଭିମାନଭରା ଚନ୍ଦ୍ରମୁହଁଟିର ଏଇ ଲୁହ – ଭାରି ସୁନ୍ଦର, ଭାରି ମଧୁର – ଏଇ ମାନ ଅଭିମାନ ! ରାଜ୍ୟସୁଖ – ମାନ ସମ୍ପଦ ! କି ତୁଚ୍ଛ ତୋର ଏଇ ଅକଳଙ୍କ ଚନ୍ଦ୍ରମୁହଁଟି ପାଖରେ, ରେଖା ! (ମୁହଁ ଟେକି ଧରିଲେ)

Digitized by srujanika@gmail.com

ରେଖା—(ମୁହଁ ପୋତିଦେଲା ଲଜାରେ)

ବନ୍ଧୁ—ମନେହୁଏ—ଏଇ ବନ ପାହାଡ଼, ଏଇ ଝରଣାର କୁଳୁଗୀତ, ଏଇ ଅବାଧ ପ୍ରେମ-ଲୀଳା ସଙ୍ଗେ ତୋର ମଧୁ କଣ୍ଠର ସଙ୍ଗୀତ ! ତୁଚ୍ଛ ସ୍ୱର୍ଗ—ରେଖା !

ରେଖା—କହ (ହସିଲା ଅଳ୍ପ)

ବନ୍ଧୁ—ଗୋଟିଏ ଗୀତ ଗା ନାଁ ?

ରେଖା—ଯିବା ଯେ—କୋଉ ସକାଳୁ ବଣକୁ ଆସିଛୁ, ମାଆ ଯେ ତେଣେ ନଦେଖି ବ୍ୟାକୁଳ ହୋଇ ପଡ଼ିବେଣି । ଅନାଅ (ଠାଣ)

ବନ୍ଧୁ—ହଁ ଅସ୍ତଗାମୀ ସୂର୍ଯ୍ୟ ! ସୁନ୍ଦର ! ବନ ପ୍ରାନ୍ତର ମିଳନ । ସୂର୍ଯ୍ୟ ସାକ୍ଷରେ ବନ ପ୍ରାନ୍ତର ମଧ୍ୟ ମିଳନ—ଏଇ ଶୁଣ୍ ରେଖା, ପକ୍ଷୀ କଣ୍ଠରେ ମିଳନ ମଙ୍ଗଳ, ଝରଣା ଗାଏ ମିଳନ ଗୀତ । କୁଞ୍ଜ ଦୋଳରେ କୋଇଲି—ଶୁଣ୍ ମିଳନ ଗୀତ । ରେଖା, ତୁ ନୀରବ ଥିବୁ ଏତେବେଳେ ? ଗା' ।

ରେଖା—କଅଣ ଗାଇବ ?

ବନ୍ଧୁ—ଗୀତ ।

ରେଖା—ମୁଁ ?

ବନ୍ଧୁ—ହଁ ।

ରେଖା—ନାଁ ।

ବନ୍ଧୁ—ରେଖା !

ରେଖା—(ଗୀତ ଗାଇଲା, ହସି ହସି ଉଠିପଡ଼ି)

Digitized by srujanika@gmail.com

ନିକୁଞ୍ଜରେ ଗୁଞ୍ଜନ ଦେ—ଭ୍ରମର ରେ
ମାତି ଫୁଲ ସଙ୍ଗେ—
ପରାଗର ରଙ୍ଗେ,
ଗନ୍ଧେ ତୁ ଚମ୍ବନ ଦେ, ଭ୍ରମର !
ଫୁଲ ମାନ ବାରଦେ, ସାରଦେ (ଫେର) ଫେର କୁଞ୍ଜରେ ଗୁଞ୍ଜନ ଦେ ।

[ବ୍ରାହ୍ମଣ ବେଶରେ ଶ୍ରୀକୃଷ୍ଣ ଦୂରରୁ ଦେଖା ଦେଲେ]

ରେଖା—(ସ୍ୱଗତ) କିଏ !

ବଭ୍ରୁ—କିଏ ? କାହିଁ ?

ରେଖା—(ଠାର ଦେଖାଇଲେ)

ବଭ୍ରୁ—ବୋଧହୁଏ ବ୍ରାହ୍ମଣ, ଉପବୀତ-ସ୍କନ୍ଧ । (ବ୍ରାହ୍ମଣ ନିକଟ ହେବା) କିଏ ଆପଣ ? ଆପଣଙ୍କ ପରିଚୟ ?

ବ୍ରାହ୍ମଣ—ଜଣେ ଦରିଦ୍ର ବ୍ରାହ୍ମଣ, ଭିକ୍ଷାଲବ୍ଧ ଅନ୍ନରେ ଜୀବିକା ନିର୍ବାହ କରେଁ । ଆପଣ ?

ବଭ୍ରୁ—ମୁଁ ମଣିପୁରର ରାଜା । ମୋର ନାମ ବଭ୍ରୁବାହନ । ପ୍ରଣାମ (ପ୍ରଣାମ କଲେ)

ବ୍ରାହ୍ମଣ—ଘିର୍ଜୀବୀ, ଯଶସ୍ୱୀ ହୁଅ ରାଜନ୍ ।

ବଭ୍ରୁ—ରେଖା ! ପ୍ରଣାମ କର ।

ବ୍ରାହ୍ମଣ—ସେ କିଏ ?

ବଭ୍ରୁ—ସେ ! ସେ ! ···ରେଖା ! ପରିଚୟ ଦେ ।

ରେଖା—(ମୀରବରେ ଅଧୋମୁଖୀ ହେଲେ)

Digitized by srujanika@gmail.com

ବ୍ରାହ୍ମଣ— ଲଜ୍ଜା କଅଣ ମାଆ !

ବଭ୍ରୁ—ଲଜ୍ଜା କରୁଛୁ ରେଖା ! ମୁଁ କହେଁ ତେବେ ।

ରେଖା – (ହାତ ଧରି) ନାଁ । ନାଁ, ମୁଁ ରାଜ-ପରିବାର·····

ବଭ୍ରୁ—ମିଥ୍ୟା । ବ୍ରାହ୍ମଣ ! ରେଖା ମଣିପୁରର ଭବିଷ୍ୟତ ରାଜଲକ୍ଷ୍ମୀ ।

ରେଖା—(ପ୍ରଣାମ କଲା ବ୍ରାହ୍ମଣଙ୍କୁ)

ବ୍ରାହ୍ମଣ—ସତ୍ୟ ଲକ୍ଷ୍ମୀ—ରାଜଚକ୍ରବର୍ତ୍ତୀର ଜନନୀ ହୁଅ ମା—

ରେଖା—ବ୍ରାହ୍ମଣ !

ବଭ୍ରୁ—(ଶାସନ କଣ୍ଠରେ କହିବାରୁ ରେଖାକୁ ବିରତ କରାଇ, ବ୍ରାହ୍ମଣ ପ୍ରତି) ଦେବ ! ସନ୍ଧ୍ୟା ହେଲା । ଅରଣ୍ୟ ନିରାପଦ ସ୍ଥାନ ନୁହେଁ । ଆସନ୍ତୁ—ରାଜପ୍ରାସାଦରେ ଆତିଥ୍ୟ ଗ୍ରହଣ କରି କୃତାର୍ଥ କରନ୍ତୁ ।

ବ୍ରାହ୍ମଣ—କ୍ଷମନ୍ତୁ ବତ୍ସ ! ମୋତେ କ୍ଷମାକର । ବ୍ରାହ୍ମଣ ମୁଁ । ଜାତିର ପରିଚୟ ନପାଇ ମୁଁ ତ ଅନ୍ନ ଗ୍ରହଣ କରି ପାରିବି ନାହିଁ ।

ବଭ୍ରୁ—କ୍ଷତ୍ରିୟ ବଂଶରେ ମୋର ଜନ୍ମ ।

ବ୍ରାହ୍ମଣ—କ୍ଷତ୍ରିୟ ବଂଶରେ ?

ବଭ୍ରୁ— ଆଶ୍ଚର୍ଯ୍ୟ ହେଲେ ଯେ !

ବ୍ରାହ୍ମଣ—ହେବାର କଥା ।

ବଭ୍ରୁ—କାରଣ ?

ବ୍ରାହ୍ମଣ— କୁରୁକ୍ଷେତ୍ର ଯୁଦ୍ଧରେ ଭାରତର ଯାବତୀୟ କ୍ଷତ୍ରିୟ ଯୋଗ-ଦେଇଥିବା ବେଳେ, ଆପଣ ତେବେ ନୀରବ କିପରି ?

Digitized by srujanika@gmail.com

ଏଥିରେ ମୋର ସନ୍ଦେହ ହେବା ସ୍ୱାଭାବିକ ନୁହେଁକି ?

ବଭ୍ରୁ—ଅନିମନ୍ତ୍ରିତ ଭାବରେ ଯୁଦ୍ଧରେ ଯୋଗଦେବା ଅଶୋଭନ ମାତ୍ର ବୋଲି ଆପଣ ସମର୍ଥନ କରିବେ ନାହିଁ ବୋଧହୁଏ ।

ବ୍ରାହ୍ମଣ—ତା ତ ନିଶ୍ଚୟ ନୁହେଁ । ଅଳ୍ପବୟସ୍କ ବୋଲି ବୋଧହୁଏ ଆପଣଙ୍କୁ କୌରବ ବା ପାଣ୍ଡବ କେହି ନିମନ୍ତ୍ରଣ କରିନାହାନ୍ତି । ଆପଣଙ୍କ ପିତା ଜୀବିତ ଥିଲେ ନିଶ୍ଚୟ ସେମାନେ ନିମନ୍ତ୍ରଣ କରିଥାଆନ୍ତେ ।

ବଭ୍ରୁ—ମୋର ପିତା ଜୀବିତ ଯେ ।

ବ୍ରାହ୍ମଣ—ଜୀବିତ ? କିନ୍ତୁ ଆପଣ ମଣିପୁରର ରାଜା—ତେବେ ବୋଧହୁଏ ସେ ରାଜ୍ୟ ଚଳନାରେ ଅସମର୍ଥ । କଅଣ ତାଙ୍କର ନାମ ?

ବଭ୍ରୁ—ନାମ ମୁଁ ଜାଣେ ନାହିଁ—କିନ୍ତୁ ମା ମୋତେ କହିଛନ୍ତି ପୃଥିବୀରେ କେହି ତାଙ୍କ ବୀରତ୍ୱର ସମକକ୍ଷ ନୁହନ୍ତି । ଆପଣ ରାଜପୁରକୁ ଚାଲନ୍ତୁ—ମା ଆଙ୍କଠାରୁ ମୋର ପିତୃ-ପରିଚୟ ଭଲରୂପେ ପାଇ—

ରେଖା—(ଦୂରରୁ ଦେଖି ଠାର ଦେଖାଇ ଦେବା)

ବଭ୍ରୁ—ଏଇ ତ ମା ଆସୁଛନ୍ତି ଏଣିକି ବୋଧହୁଏ ।

ରେଖା—ମୁଁ ଯେତେବେଳୁ କହୁଛି—ସେ ବ୍ୟସ୍ତ ହେଉଥିବେ । ଆଜି ନିଶ୍ଚୟ ତୁମେ ଗାଳି ଖାଇବ ।

ବଭ୍ରୁ—ଆଉ ତୁ ?

ରେଖା—କାହିଁକି ? ମୋର କିଛି ଦୋଷ ନାହିଁ—ମୁଁ ତ ଯିବାକୁ

Digitized by srujanika@gmail.com

କହିଲ ତୁମେ ଶୁଣିଲ ନାହିଁ—ମଠ ଚଲ, ଚାଲ ବେଗେ ବାହାରିଯିବା, ବଣ ବାଟରେ ଏଠି ଥିଲେ···

ବଗ୍ରୁ—ବ୍ରାହ୍ମଣ, ଆପଣ ମାଆଙ୍କ ସହିତ ଗଳ୍ପଗୁଜବ ଆସନ୍ତୁ ! ଆମେମାନେ ଚାଲିଯାଉଛୁଁ । ଆମମାନଙ୍କୁ ଦେଖିଥିବା କଥା ମାଆଙ୍କୁ କହିବେ ନାହିଁ ଏକା । ଚାଲ ରେଖା ! (ଦୁହେଁ ଚାଲିଗଲେ)

ବ୍ରାହ୍ମଣ—ନା ! [ହସି ହସି ଚାହିଁ ରହିଲେ ସେମାନଙ୍କ ଯିବା-ପଥକୁ]

[ଚିତ୍ରାଙ୍ଗଦା ପ୍ରବେଶ]

ଚିତ୍ରା--ଅସମୟରେ ଏ ଭୀଷଣ ଅରଣ୍ୟ ମଧ୍ୟରେ କଏ ଆପଣ ମହାଶୟ ! ମନେହୁଏ ଆପଣ ବିଦେଶୀ ।

ବ୍ରାହ୍ମଣ—ହଁ ଦେବୀ, ଅନୁମାନ ସତ୍ୟ । ମୁଁ ଜଣେ ବିଦେଶୀ, ଭିକ୍ଷୁକ ବ୍ରାହ୍ମଣ ।

ଚିତ୍ରା—ଅସମୟରେ ଅରଣ୍ୟରେ ଯେ—ଏ ସ୍ଥାନ ତ ନିରାପଦ ନୁହେଁ ।

ବ୍ରାହ୍ମଣ—ଭିକ୍ଷାନ୍ନରେ ଜୀବନ ନିର୍ବାହ କରେ—ଏହି ବାଟେ ଯାଉଁ ଯାଉଁ ହଠାତ୍ ଦେଖିଲି ଗୋଟିଏ ଚପଳା ହାସ୍ୟମୟୀ ବାଳିକା । ସାକ୍ଷାତ ବନଦେବୀ—ଆଉ ତାଙ୍କ ସହିତ ଏକ ଅପୂର୍ବ ବାଳକ; ଦିବ୍ୟ ଜ୍ୟୋତି, ପରମ ସୁନ୍ଦର, ହସ୍ତରେ—ଧନୁଶର ।

ଚିତ୍ରା—ମୁଁ ସେମାନଙ୍କ ଅନ୍ୱେଷଣରେ ଆସିଥିଲି । କାହାନ୍ତି ସେମାନେ ? ଅଜ୍ଞାନ ବାଳକ, ସୂର୍ଯ୍ୟୋଦୟରୁ ଘରୁ ଆସି ଏ ପର୍ଯ୍ୟନ୍ତ ଫେରି ନାହିଁ—ଖୋଜି ଖୋଜି ବ୍ୟସ୍ତ ହୋଇ ପଡ଼ିଲିଣି ।

Digitized by srujanika@gmail.com

ବ୍ରାହ୍ମଣ—ସେମାନେ କଥାବାର୍ତ୍ତା ହୋଇ ଘରକୁ ଫେରିଗଲେ ।
ଚନ୍ଦ୍ରା—ଜାଣନ୍ତ ଅପଣ ?
ବ୍ରାହ୍ମଣ—ହଁ ଦେବୀ, ଠିକ୍ ଜାଣେ । ଆପଣ କିଏ—
ଚନ୍ଦ୍ରା—ମୁଁ ମଣିପୁରର ରାଜମାତା । ବାଳକଟି ମୋର 'ଏକମାତ୍ର ସନ୍ତାନ ।
ବ୍ରାହ୍ମଣ—ଓଃ ? କି ଭ୍ରମ ମୋର ।
ଚନ୍ଦ୍ରା—ଭ୍ରମ ! କପର ?

ବ୍ରାହ୍ମଣ—ଠିକ୍ ଏହିପରି ଏକ ଅପୂର୍ବ ବାଳକ ଆଉ ଥରେ ଦେଖିଥିଲି; ସମାନ ରୂପ—ସମାନ ତେଜ, ସମାନ ବର୍ଣ୍ଣ । ତା ପରେ ଅନେକ ଦିନ ପରେ—ଆଜ ପୁଣି ଦେଖିଲି ସେହି ଅନୁରୂପ ଏକ ବାଳକ । ମୋର ଭ୍ରମ ହେଲା । ମୁଁ ଭାବୁଥିଲି ସେଇକଥା ଦେବୀ ! ଏତେ ସାମଞ୍ଜସ୍ୟ ଅଛି ଯେ—
ଚନ୍ଦ୍ରା—ସାମଞ୍ଜସ୍ୟ ! କେଉଁଠାରେ ଦେଖିଥିଲେ ?
ବ୍ରାହ୍ମଣ—ଦେଖିଥିଲି ହସ୍ତିନାରେ ! ମନେହୁଏ ଆଦୌ ପାର୍ଥକ୍ୟ ନାହିଁ—ଠିକ୍ ଏହିପରି ଏକ ବାଳକ । ଆଦୌ ପାର୍ଥକ୍ୟ ନାହିଁ—ବିଚିତ୍ର ସୃଷ୍ଟି !
ଚନ୍ଦ୍ରା—ହସ୍ତିନାରେ ?
ବ୍ରାହ୍ମଣ—ହଁ ଦେବୀ, ହସ୍ତିନାରେ । ସେ ଦୃଶ୍ୟ ଏପର୍ଯ୍ୟନ୍ତ ଆଖି ମୋର ଭୁଲି ନାହିଁ ।
ଚନ୍ଦ୍ରା—ହସ୍ତିନାରେ କିଏ ସେ ଦେବ ?
ବ୍ରାହ୍ମଣ—ହସ୍ତିନା ଯେ ଅନେକ ଦୂର । ଆପଣ ବୋଧହୁଏ ତାଙ୍କୁ ଚିହ୍ନିବେ ନାହିଁ—ତାଙ୍କର ନାମ ଅର୍ଜୁନ ।
ଚନ୍ଦ୍ରା—(ଚମକି) ତୃତୀୟ ପାଣ୍ଡବ ?

Digitized by srujanika@gmail.com

ବ୍ରାହ୍ମଣ—ତେବେ କଅଣ ଆପଣ ତାଙ୍କୁ ଚିହ୍ନନ୍ତି ?

ଚଣ୍ଡା—କେବଳ ଚିହ୍ନି ନାହିଁ ଦେବ ! ଦେଖିଛି—ତାଙ୍କ ସଙ୍ଗେ ମୋର ପରିଚୟ ମଧ୍ୟ·········

ବ୍ରାହ୍ମଣ—ପରିଚୟ " ମହାବୀର ଅର୍ଜ୍ଜୁନଙ୍କ ସହିତ ? କିପରି ?

ଚଣ୍ଡା—ଅଜ୍ଞାତ—ଅନେକ ଦିନର ସ୍ମୃତି ! ଶୁଣି ଲାଭ ନାହିଁ କିଛି । ଆପଣ ବିଦେଶାଗତ ଅତିଥି, ଆସି ସନ୍ଧ୍ୟା ହେଲା—ଏତେବେଳେ ଅରଣ୍ୟ ନିରାପଦ ନୁହେଁ । ଆସନ୍ତୁ ରାଜପୁରରେ ଆତିଥ୍ୟ ଗ୍ରହଣ କରି—

ବ୍ରାହ୍ମଣ—ଦେବୀ କ୍ଷମାକର ! ବଂଶର ପରିଚୟ ନପାଇ ମୁଁ ଆତିଥ୍ୟ ଗ୍ରହଣରେ ଅସମର୍ଥ । ମୁଁ ଆପଣଙ୍କ ସନ୍ତାନଙ୍କୁ ପିତୃ-ପରିଚୟ ପଚାରିଥିଲି, ସେ କହି ପାରିଲେ ନାହିଁ । ତେଣୁ—

ଚଣ୍ଡା—ଦେବ ! ବିଶ୍ୱାସ କରନ୍ତୁ ମୋତେ । ଆପଣଙ୍କ ଧର୍ମନାଶ କରିବା ମୋର ଉଦ୍ଦେଶ୍ୟ ନୁହେ ।

ବ୍ରାହ୍ମଣ—ନାହିଁ ମା ! ମୋତେ ବାଧ୍ୟ କରନ୍ତୁ ନାହିଁ । ବଡ଼ ପଥଶ୍ରାନ୍ତ ମୁଁ । ସନ୍ଧ୍ୟା ହେଲା । ଯାଏଁ, ଦେଖେଁ ଯଦି କେଉଁଠି ଆଶ୍ରୟର ସ୍ଥାନ ପାଏଁ ।

ଚଣ୍ଡା—ଅତିଥି ଦେବତା ! ମୋ ଦ୍ୱାରରେ ବିମୁଖ ହେବାର କାରଣ ନାହିଁ । ମୋର ସେବା ଗ୍ରହଣ ନ କରାଇ ମୁଁ ଆପଣଙ୍କୁ ଛାଡ଼ି ଦେବି ନାହିଁ । ଜାଣି ରଖନ୍ତୁ, ସ୍ୱୟଂ ନାରାୟଣ ଯେଉଁ ବଂଶର ସେବାରେ ତୃପ୍ତ, ମୁଁ ସେହି ବଂଶର ନାରୀ—ମୁଁ ପାଣ୍ଡବ ଘରଣୀ ।

ବ୍ରାହ୍ମଣ—ପାଣ୍ଡବ ଘରଣୀ ?

Digitized by srujanika@gmail.com

ଚିତ୍ରା—ହଁ ଦେବ, ପାଣ୍ଡବ ଘରଣୀ । ମହାବୀର ଧନୁର୍ଦ୍ଧର ସବ୍ୟସାଚୀ ଅର୍ଜ୍ଜୁନ ମୋର—

ବ୍ରାହ୍ମଣ—ଆପଣ ଅର୍ଜ୍ଜୁନବନିତା ! ଦେବୀ !

ଚିତ୍ରା—ଅବିଶ୍ୱାସ କରନାହିଁ ବ୍ରାହ୍ମଣ, ଅନେକ ଦିନର ସ୍ମୃତି । ମନେ କରିଥିଲି ଅତୀତ—ଅତୀତରେ ମିଶୁ । ବର୍ତ୍ତମାନହିଁ ମୋର ଆନନ୍ଦ, ବର୍ତ୍ତମାନ ଯେବେ ମୁଁ ଜୀବିତା ।

ବ୍ରାହ୍ମଣ—ଦେବୀ ! ଆପଣଙ୍କ କଥାରୁ ମୁଁ କିଛି ବୁଝି ପାରୁ ନାହିଁ । ପାଣ୍ଡବ ଘରଣୀ ଆପଣ—ଏ କିପରି ଘଟିଲା ? କାହିଁ ହସ୍ତିନା—ଆଉ କାହିଁ ମଣିପୁର ।

ଚିତ୍ରା—ଅସମ୍ଭବ ମନେ ହୁଏ, ନା ? ଶୁଣ ତେବେ । ଅନେକ ଦିନର କଥା—ଅତୀତର ଏକ ପୁଣ୍ୟ ସ୍ମୃତି । ମୁଁ ମଣିପୁର ରାଜ-ଦମ୍ପତିର ଏକମାତ୍ର କନ୍ୟା । ଆବାଲ୍ୟରୁ ପିତାମାତାଙ୍କର ସ୍ନେହ-ଲାଳିତା । ଯୌବନର ଏକ ସ୍ୱପ୍ନ ! ପୁରୁଷ ବେଶରେ ଦିନେ ଏହି ପର୍ବତ କନ୍ଦରରେ ଧନୁଶର ଧରି ବୁଲୁ ବୁଲୁ, ହଠାତ୍ ଏକ ଦିବ୍ୟକାନ୍ତି ବ୍ରହ୍ମଚାରୀଙ୍କ ସାକ୍ଷାତ ପାଇ ମନେ-ହେଲା—ମୁଁ ପୁରୁଷ ନୁହେଁ, ନାରୀ । ଜୀବନର ପ୍ରଥମ ବସନ୍ତ । ଦୈବାଦେଶ ପରି ଏକ ଅଶରୀରୀ ବାଣୀର ନିର୍ଦ୍ଦେଶରେ ମୋର ବୋଲି, ଯାହା ମୋର ଥିଲା, ସମସ୍ତ ମୁଁ ସେଇ ଚରଣରେ ଢାଳିଦେଲି । ସ୍ୱପ୍ନର ମିଳନ, ସ୍ୱପ୍ନର କଥା, ଆଜି ସ୍ୱପ୍ନ ମୋର, ନୋହିଲେ—

ବ୍ରାହ୍ମଣ—ହୋଇପାରେ ସତ୍ୟ, କିନ୍ତୁ—

ଚିତ୍ରା—କିନ୍ତୁ ନୁହେଁ ବ୍ରାହ୍ମଣ । ଧର୍ମ ସାକ୍ଷ୍ୟରେ ମଣିପୁରର ରାଜକନ୍ୟା

Digitized by srujanika@gmail.com

ତପୀଙ୍ଗତା ଦୃଷଦୃ ପାଣ୍ଡବଙ୍କର ସହଧର୍ମିଣୀ । ଅବଶ୍ବାସ କରନାହିଁ ମୋତେ । ଭଗବାନ ଶ୍ରୀକୃଷ୍ଣ ଯାହାଙ୍କର ସଖା ସେହି ଧିରଶ୍ରେଷ୍ଠ ଧନଞ୍ଜୟ ବନତା ମୁଁ । ମିଥ୍ୟା ନୁହେଁ, ସତ୍ୟ—ସତ୍ୟ ।

ବ୍ରାହ୍ମଣ—ଉତ୍ତମ, ତା ପରେ ?

ତପା—ତା ପରେ ବର୍ଷଟିଏ । ନାଁ-ନାଁ, ମୂହୂର୍ତ୍ତିଟିଏ ସେ ମୋର । ସେ ସ୍ୱପ୍ନ ମୂହୂର୍ତ୍ତକର ମାତ୍ର । ଦିନେ ଶରତ ପ୍ରଭାତର ଶେଫାଳୀ ପରି ଦେଖିଲି—ମୁ ବୃନ୍ତଚ୍ୟୁତା । ମହାମାନବ ସେ—ବନ୍ଧନ ଅସମ୍ଭବ । ଜଗତର କଲ୍ୟାଣ ସାଧନ ଲାଗି ଯେ ତାଙ୍କର ଜନ୍ମ । ସେ ତ ଏକା ମୋର ନୁହନ୍ତି । ସ୍ମୃତିଟିକ ମାତ୍ର ସାର କରି ସେ ଦିନ ତାଙ୍କୁ ବିଦାୟ ଦେଲି ଦୁଇଟି ପଦ୍ମଚରଣ ଅଭାଗିନୀର ଆଖିଜଳରେ ଧୋଇ ।

ବ୍ରାହ୍ମଣ—ବୁଝିଲି । ନଷ୍ଠୁର ସେ । ଲୋକ-ମୁଖରେ ମହାବୀର ଅର୍ଜୁନଙ୍କର ବହୁତ ପ୍ରଶଂସା ଶୁଣିଛି । ମୋର ତାଙ୍କ ପ୍ରତି ଅନ୍ତରରେ ଯାହା ସ୍ନେହ, ଭକ୍ତି ଥିଲା, ଆଜ ତୁଟି ଯାଇଛି । ଦେଖ ! ଆଜ ବୁଝିଲି ଅର୍ଜୁନ ସ୍ୱାର୍ଥପର, ନଷ୍ଠୁର ।

ତପା—(କାନରେ ହାତଦେଇ) ପତିନନ୍ଦା ! ନାଁ-ନାଁ ବ୍ରାହ୍ମଣ ! ପତିନନ୍ଦା କର ନାହିଁ ମୋର । ତୁମେ ବୁଝିନାହଁ, ତାଙ୍କୁ ଚହ୍ନିନାହଁ । ଅତି କୋମଳହୃଦୟ । ଅଯୋଗ୍ୟ ମୁଁ, ସେ ଚରଣସେବାର ନତାନ୍ତ ଅଯୋଗ୍ୟ । ତଥାପି ସେ କରୁଣାମୟ । ବକ୍ଷରେ ମୋତେ ସ୍ଥାନଦେଇ ବାସ୍ତନ୍ତ ସାର୍ଥକ କରିଛନ୍ତି ମୋର ।

Digitized by srujanika@gmail.com

ବ୍ରାହ୍ମଣ—କିନ୍ତୁ ଦେବୀ ! ଆପଣଙ୍କ ପତି ଯେ ବର୍ତ୍ତମାନ ବିପଦଗ୍ରସ୍ତ ।

ଚଣ୍ଡୀ—ବ୍ରାହ୍ମଣ ! ସନ୍ଦେହ ଦୂର କର—କହ କି ବିପଦ ?

ବ୍ରାହ୍ମଣ—କୁରୁକ୍ଷେତ୍ର ଯୁଦ୍ଧ । ଏକ ପକ୍ଷରେ ମହାରଥୀ କର୍ଣ୍ଣ, ଦ୍ରୋଣ ଇତ୍ୟାଦି, ଅନ୍ୟ ପକ୍ଷରେ ଅର୍ଜ୍ଜୁନ— ।

ଚଣ୍ଡୀ—ଏହାକୁ ବିପଦ ବୋଲି କହୁଛନ୍ତି । ମୋର ସେ ଭାବନା ଆଦୌ ନାହିଁ ! ମୁଁ ଜାଣେ, ନିଜେ ଦେବରାଜ, ବ୍ରହ୍ମା, ଶିବ ଏକତ୍ର ହେଲେ ମଧ୍ୟ ଧନଞ୍ଜୟ ନିରାପଦ ।

ବ୍ରାହ୍ମଣ—ଅସମ୍ଭବ ଧାରଣା ଆପଣଙ୍କର ।

ଚଣ୍ଡୀ—ଜାଣନା ବ୍ରାହ୍ମଣ ! ସ୍ୱୟଂ ଯଦୁପତି ଯାହାର ସହାୟ, ଜନାର୍ଦ୍ଦନ ଯାହାର ସାରଥୀ, ନାରାୟଣ ପଦରେ ଯାହାର ଅଟଳ ବିଶ୍ୱାସ, ସେ ତ ଅଜେୟ । ଅକାରଣ ମୁଁ ତାଙ୍କର ଅମଙ୍ଗଳର ଆଶଙ୍କା କରିବ ଅବା କାହିଁକି ?

ବ୍ରାହ୍ମଣ—କିନ୍ତୁ ଦେବୀ, ଆଶ୍ଚର୍ଯ୍ୟ ଲାଗୁଛି ଗୋଟିଏ କଥା ମୋତେ । ପିତା ଯାହାର ଧନଞ୍ଜୟ, ତାକୁ ଯେ ଆପଣ ସ୍ନେହର ଅଞ୍ଚଳରେ ବାନ୍ଧି ରଖିଛନ୍ତି ! କହନ୍ତୁ ଭଲା, କଅଣ ବୋଲି ସେ ପିତା ନିକଟରେ ଆତ୍ମପରିଚୟ ଦେବ ?

ଚଣ୍ଡୀ—ବ୍ରାହ୍ମଣ ! ଜୀବିତାବସ୍ଥାରେ କେବେ ଯଦି ଆଉ ଥରେ ସେ ମହାବୀରଙ୍କ ଦର୍ଶନ ମିଳେ, ସେ ଦିନ ସେ ବଭ୍ରୁକୁ ଦେଖି ପୃଥିବୀରେ ଦ୍ୱିତୀୟ ଅର୍ଜ୍ଜୁନ ଥିବାର ସ୍ୱୀକାର କରିବେ ।

ବ୍ରାହ୍ମଣ—ତେବେ ଏ ମହାସମରରେ ପିତାଙ୍କୁ ସାହାଯ୍ୟ ନ ଦେବା ତ ଠିକ୍ ହୋଇନାହିଁ ।

Digitized by srujanika@gmail.com

ଚିତ୍ରା—ବଭ୍ରୁ ମଣିପୁରର ରାଜା । ଅନେକ ଥର ମୋତେ ଯୁଦ୍ଧ-କ୍ଷେତ୍ରକୁ ଯିବାଲାଗି ଅନୁମତି ମାଗିଛି । କିନ୍ତୁ ଅନଭିଜ୍ଞ ଭାବରେ ଗଲେ ରାଜ-ସମ୍ମାନରେ ବ୍ୟାଘାତ ଲାଗିବ । ବିଶେଷତଃ ପିତାର ଅପରିଚିତ ପୁତ୍ର । କି ଭରସାରେ ମୁଁ ତାକୁ ପଠାଇ ଦେବି ? ଆପଣ କହନ୍ତୁ ଦେଖି ?

ବ୍ରାହ୍ମଣ — କିନ୍ତୁ ଦେବି, ଆପଣ ତ ଅର୍ଜ୍ଜୁନଙ୍କ ନିକଟକୁ ପୁତ୍ରର ପରିଚୟ ଦେଇ ପଠାଇ ପାରନ୍ତି ।

ଚିତ୍ରା—ଆଶଙ୍କା ! ମନରେ ମୋର ଆଶଙ୍କା ହୁଏ ଦେବ ! ମୁଁ ନିଜେ ଉପେକ୍ଷା ସହିପାରେ, କିନ୍ତୁ ଯଦି ବଭ୍ରୁ ମୋର ଉପେକ୍ଷିତ ହୁଏ, ସେ ବାଧା ଅସହ୍ୟ ହେବ । ନାଁ-ନାଁ, କେବେ ଯଦି ନିଜେ ସେ ଆସି ଆଉଥରେ ପୁଅ ମୋର ପସନ୍ଦ କରନ୍ତେ, କେବେ ଯଦି ଆଉଥରେ ଏ ଜୀବନରେ ବସନ୍ତ ଫେରି ଆସେ —

(ନେପଥ୍ୟରେ ଗୀତ ଶୁଭିଲା, ତହିଁ ପରେ ପରେ ମନ୍ଦିରର ଘଣ୍ଟା ନାଦ ଶୁଭିଲା । ଚିତ୍ରାଙ୍ଗଦା ଓ ବ୍ରାହ୍ମଣ ନୀରବରେ ଦୂରର ପାହାଡ଼ ଭିତରେ ସେ ଆଡ଼କୁ ତକାଇଲେ)

ଚିତ୍ରା— ଦେବ, ଟିକିଏ ଏଇଠି ଅପେକ୍ଷା କରନ୍ତୁ । ମୁଁ ଏବେ ମନ୍ଦିରରୁ ଫେରିଆସେଁ, ଆପଣଙ୍କୁ ରାଜପୁତ୍ରଙ୍କୁ ସଙ୍ଗରେ ନେଇଯିବି । [ଚାଲିଗଲେ]

ବ୍ରାହ୍ମଣ—ଉତ୍ତମ, ଆସନ୍ତୁ ।

Digitized by srujanika@gmail.com

(ବଭ୍ରୁ ଓ ରେଖା ପ୍ରବେଶ)

ବଭ୍ରୁ—ବ୍ରାହ୍ମଣ ! ମାଆଙ୍କ ସାଙ୍ଗରେ କ କଥାବାର୍ତ୍ତା ହେଉଥିଲେ ଏତେବେଳ ଯାଏ ?

ବ୍ରାହ୍ମଣ—(ହସି) ଧର୍ମ-ଚର୍ଚ୍ଚା ।

ବଭ୍ରୁ—ଆମ୍ଭମାନଙ୍କୁ ଦେଖିବା କଥା କହୁ ନ ଥାନ୍ତି ?

ବ୍ରାହ୍ମଣ—ବାରଣ କରିଥିଲ ପରା ?

ବଭ୍ରୁ—ଆଗନ୍ତୁ ତେବେ । ମାଆଙ୍କ ଫେରିବା ପୂର୍ବରୁ ବେଗେ ରାଜ-ପୁରକୁ ଚାଲିଯିବା । ଆମେ ଦୁହେଁ ସକାଳୁ ମୃଗୟା ଲାଗି ଆସି ଏପର୍ଯ୍ୟନ୍ତ ଫେରି ନଥିବାରୁ ମାଆଙ୍କର ମନ ଚଞ୍ଚଳ ହେଉଥିବ । ଆ ରେଖା, ଆସନ୍ତୁ ଦେବ !

ବ୍ରାହ୍ମଣ—[ହସିଲେ]

ବଭ୍ରୁ—ବ୍ରାହ୍ମଣ, ହସିଲେ ଯେ !

ବ୍ରାହ୍ମଣ—ବତ୍ସ ! ତୁମେ ମଣିପୁରର ରାଜା, କ୍ଷତ୍ରିୟ ବୋଲି ପରିଚୟ ଦେଉଛ । ଆଜ, ଶିଶୁ ନୁହଁ—ଯୁବକ ତୁମେ । ସ୍କନ୍ଧରେ ଧନୁଶର । ମୃଗୟା ଲାଗି ଆସିଚ, ଏଥିଲାଗି ତୁମ ମାଆଙ୍କ ମନ ଚଞ୍ଚଳ ହେଉଥିବ ବୋଲି କହୁଚ । କହ ଦେଖି, ଏ କଥା ଶୁଣି ମୋର ହସିବାର କ କାରଣ କିଛି ନାହିଁ ?

ରେଖା—ବ୍ରାହ୍ମଣ ! [କୋପଦୃଷ୍ଟି]

ବଭ୍ରୁ—ରେଖା ! ବିଦେଶୀ ବ୍ରାହ୍ମଣ [ହସିଲେ—ବ୍ରାହ୍ମଣ ପ୍ରତି କହୁଛେ] ବ୍ରାହ୍ମଣ ! ମାଆ ମୋର ବୀରନାରୀ······ଅସି ସହିତ ଅ.ବାଲ୍ୟରୁ ପରିଚିତା । କିନ୍ତୁ ରମଣୀର କୋମଳ ହୃଦୟ

Digitized by srujanika@gmail.com

ତାଙ୍କର ଥିବାର ତ ସ୍ୱାଭାବିକ । ବାତ୍ସଲ୍ୟ ସ୍ନେହ ମାୟା-ମମତାରେ ଦେବୀଙ୍କର ଅନ୍ତର ଉଦ୍‌ବେଳିତ । ତା ବୋଲି ମନେକର ନାହିଁ ଯେ ମାଆଙ୍କର ଏଇ ଦୁଇଟି ବାହୁ ଉପରେ ସନ୍ଦେହ ଅଛି ।

ରେଖା—ବ୍ରାହ୍ମଣ ! ମୃଣାଳ ପରି କୋମଳ ହେଲେ ମଧ୍ୟ ଏଇ ଦୁଇଟି ବାହୁ ତୀକ୍ଷ୍ଣ କଣ୍ଟକ ଭରା [ବଭ୍ରୁର ବାହୁ ଲକ୍ଷ୍ୟ କର]

ବଭ୍ରୁ—ସ୍କନ୍ଧରେ ଧନୁଶର ଥିଲେ ବଭ୍ରୁ ସ୍ୱୟଂ ଚନ୍ଦ୍ରବଂଶୀ ନାରାୟଣଙ୍କ ପର୍ଯ୍ୟନ୍ତ ଉତ୍ତର ଦେବାକୁ ଅସମର୍ଥ ନୁହେଁ । ଏ ଧାରଣା ମାଆଙ୍କର ଅଛି । ଜାଣ ବ୍ରାହ୍ମଣ ! ବଭ୍ରୁ କାହାର ଶିଷ୍ୟ ?

ବ୍ରାହ୍ମଣ—କପରି ଜାଣିବି ? ମଣିପୁର ଏକ ପାର୍ବତ୍ୟ ଅଞ୍ଚଳ, ସଭ୍ୟ ଦେଶଠାରୁ ବହୁ ଦୂରରେ । ବଣମଲ୍ଲୀ ଛଡ଼ା ଅନ୍ୟ କେଉଁ କୁସୁମର ଏଠାରେ ବିକାଶ ହେବାର ତ ସମ୍ଭାବନା ନାହିଁ ।

ରେଖା—କିନ୍ତୁ ବ୍ରାହ୍ମଣ ! ସେହି ବଣମଲ୍ଲୀର ଗନ୍ଧ ଗ୍ରହଣ କରି ମଳୟ ଯେ ସଭ୍ୟ ଦେଶ ସୁବାସିତ କରେ । ଏକଥା କିଅଣ ଅସ୍ୱୀକାର କର ?

ବଭ୍ରୁ—ବ୍ରାହ୍ମଣ ! ଗୁରୁ ମୋର ସତ୍ୟବ୍ରତ ପାର୍ଥ ।

ବ୍ରାହ୍ମଣ—ପାର୍ଥ !

ବଭ୍ରୁ—ହଁ ଦେବ ! ପାର୍ଥ ! ବୀରଶ୍ରେଷ୍ଠ, ନରଶ୍ରେଷ୍ଠ ପାର୍ଥ ।

ବ୍ରାହ୍ମଣ—ହସ୍ତିନାର ପାର୍ଥ ! ଏ କପରି ସମ୍ଭବ ?

ବଭ୍ରୁ—ଅବଶ୍ୟ ମୁଁ ସ୍ୱଚକ୍ଷୁରେ ଗୁରୁପଦ ଦର୍ଶନର ସୌଭାଗ୍ୟ

Digitized by srujanika@gmail.com

ପାଇ ନାହିଁ; କିନ୍ତୁ ତାଙ୍କର ଶୌର୍ଯ୍ୟ ବୀର୍ଯ୍ୟର ସୁଖ୍ୟାତି ବହୁ ମୁଖରୁ ଶୁଣି କଳ୍ପନାର ମୂର୍ତ୍ତି ପୂଜା କରି ତାଙ୍କୁହିଁ ଗୁରୁ ପଦରେ ବରଣ କରିଛି । ବୀରଶ୍ରେଷ୍ଠ, ନରଶ୍ରେଷ୍ଠ, ସତ୍ୟବ୍ରତ ଋଷି ଆମାର ଅସ୍ତ୍ରଗୁରୁ ।

ବ୍ରାହ୍ମଣ—ଋଷି ବୀରଶ୍ରେଷ୍ଠ, ନରଶ୍ରେଷ୍ଠ, ଆଉ ସତ୍ୟବ୍ରତ !

ବଭ୍ରୁ—ଏଥିରେ ସନ୍ଦେହ କଅଣ ?

ବ୍ରାହ୍ମଣ—ତୁମ୍ଭେ ବୋଧହୁଏ ରାମଚନ୍ଦ୍ର କିମ୍ବା ପରଶୁରାମଙ୍କ କଥା ଶୁଣିନାହଁ ?

ବଭ୍ରୁ—କ୍ଷତ୍ରିୟ ସନ୍ତାନ ମୁଁ । ରାମଚନ୍ଦ୍ର କି ପରଶୁରାମଙ୍କ ଚରିତ ଜାଣି ନାହିଁ ? କିନ୍ତୁ ବ୍ରାହ୍ମଣ ! ସେମାନେ ମହାବୀର; ମାତ୍ର ସତ୍ୟବ୍ରତ ଋଷିଙ୍କ ସହିତ ସେମାନଙ୍କର ତୁଳନା ଅସମ୍ଭବ ।

ବ୍ରାହ୍ମଣ—କାହିଁକି ?

ବଭ୍ରୁ—ରାମଚନ୍ଦ୍ର କିବା ପରଶୁରାମ ପିତୃସତ୍ୟ ରକ୍ଷା କରିଥିଲେ, ପିତୃ ଆଦେଶ ପାଳିଥିଲେ । କିନ୍ତୁ ସେମାନଙ୍କର ଭବିଷ୍ୟତ ଆଶା ଯେ ନଥିଲା, ଏ କଥା ତ ନୁହେଁ । ମାତ୍ର କହନ୍ତୁ ଦେଖି, କେବଳ ପିତାଙ୍କର ତୃପ୍ତି ପାଇଁ କିଏ ଆଜୀବନ ବ୍ରହ୍ମଚର୍ଯ୍ୟ ? କି ମହାନ୍ ତ୍ୟାଗ, ଅଟଳ ପ୍ରତିଜ୍ଞା ! ସେହି ସତ୍ୟବ୍ରତ ମୋର ଗୁରୁ ।

ବ୍ରାହ୍ମଣ—(ତାଚ୍ଛଲ୍ୟ ହାସ୍ୟ)

ବଭ୍ରୁ—ତଥାପି ସନ୍ଦେହ ? କି ପରୀକ୍ଷା ଚାହଁ ?

ବ୍ରାହ୍ମଣ—ପରୀକ୍ଷା ? ନିର୍ଜୀବ ବ୍ରାହ୍ମଣ । ପରୀକ୍ଷା ମୁଁ ଚାହେଁ ନାହିଁ ।

Digitized by srujanika@gmail.com

ବଭ୍ରୁ—କିନ୍ତୁ ?

ବ୍ରା—କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ମୋତେ । ଗୁରୁ ପଦ ତୁମ୍ଭର କୃଷ୍ଣ, ତୁମ୍ଭେ ନିଶ୍ଚେଷ୍ଟ କହିବ ? ନିଶ୍ଚିନ୍ତ କପଟ ?

ବଭ୍ରୁ—ମୁଁ ତୁମ୍ଭ କଥାର ଅର୍ଥ କିଛି ବୁଝିପାରୁ ନାହିଁ ବୃଦ୍ଧ ?

ବ୍ରା—ବୁଝି ପାରୁନାହଁ ମୋହର କଥାର ଅର୍ଥ ଯୁବକ ! ଜାଣ, କୃଷ୍ଣଦେବ ବର୍ତ୍ତମାନ—

ବଭ୍ରୁ—ହସ୍ତିନାରେ ।

ବ୍ରା—(ହସି) ହସ୍ତିନାରେ ? ଏଥିଲାଗି ତ ମୋର ତୁମ ଉପରେ ସନ୍ଦେହ ।

ବଭ୍ରୁ—ଅର୍ଥାତ୍ ?

ବ୍ରା—କୃଷ୍ଣଦେବ ଯେ ସ୍ୱର୍ଗଗାମୀ !

ବଭ୍ରୁ—(ଚମକି) ସ୍ୱର୍ଗଗାମୀ ! ଗୁରୁଦେବ ସତ୍ୟବ୍ରତ କୃଷ୍ଣ ।

ବ୍ରା—ହଁ ବତ୍ସ ! ଅବିଶ୍ୱାସର କାରଣ କିଛି ନାହିଁ । ଜାଣିଥିବ କୁରୁକ୍ଷେତ୍ର ଯୁଦ୍ଧରେ ସେ ପୁରୋଧା ଥିଲେ । ସ୍ୱୀକାର କରୁଛି କୃଷ୍ଣ ମହାବୀର । ସମ୍ମୁଖରେ ତାଙ୍କର ସମକକ୍ଷ ଯୋଦ୍ଧା ଭାରତରେ କାହିଁକି, ପୃଥିବୀରେ କେହିବି ନାହିଁ । କିନ୍ତୁ କଅଣ କହିବି ବତ୍ସ ! ଆଜ ସେ ଆଜ ଇହଧାମରେ ନାହାନ୍ତି । କୁରୁକ୍ଷେତ୍ର ଯୁଦ୍ଧରେ କୃଷ୍ଣ ନିହତ ।

ବଭ୍ରୁ—କୃଷ୍ଣଦେବ ନିହତ ! ବ୍ରାହ୍ମଣ !

ବ୍ରା—ହଁ ବତ୍ସ ! କୃଷ୍ଣଦେବ ନିହତ, ଆଉ ତୁମେ ତାଙ୍କ ଶିଷ୍ୟ ବୋଲି ପରିଚୟ ଦେଇ, ଗୁରୁହନ୍ତାର ଶାସ୍ତି ନ ଦେଇ ନିଶ୍ଚିନ୍ତରେ

Digitized by srujanika@gmail.com

ମୃଗୟାରେ ମତ୍ତ ! କହ ଦେଖି, ଏଥିରେ ମୋର ତୁମ କଥାରେ ଅବିଶ୍ୱାସ ଆସିବାର କାରଣ କି କହୁ ନାହିଁ ?

ବଭ୍ରୁ—ବ୍ରାହ୍ମଣ ! ସ୍ପଷ୍ଟ ହୁଅ ! ସତ୍ୟ କହ ! ନଚେତ୍—

ବ୍ରା—ବ୍ରାହ୍ମଣ ମୁଁ, ମିଥ୍ୟା କହି ଶିଖିନାହିଁ । ଶୁଣ ତେବେ, କୁରୁକ୍ଷେତ୍ର ଯୁଦ୍ଧର ଘଟଣା—କହିଲି ତ ସମ୍ମୁଖ ଯୁଦ୍ଧରେ ଭୀଷ୍ମଙ୍କ ସମକକ୍ଷ କେହି ନାହିଁ । ଶୁଣିଥିବ ମଧ୍ୟ ଅର୍ଜ୍ଜୁନ ମହାଯୋଦ୍ଧା ।

ବଭ୍ରୁ—ଅର୍ଜ୍ଜୁନ ? ଅର୍ଜ୍ଜୁନ ତେବେ ମୋର ଗୁରୁହନ୍ତା ?

ବ୍ରା—ଧୈର୍ଯ୍ୟ ଧର ! ଶୁଣ ! ଅର୍ଜ୍ଜୁନର କି ସାଧ୍ୟ ଯେ ସେ ଭୀଷ୍ମଙ୍କ ପରି ମହା ବୀରର ସମ୍ମୁଖୀନ ହେବ ? କପଟ, ଅନ୍ୟାୟ ଯୁଦ୍ଧ—ତୁମେ ଯଦି ଭୀଷ୍ମ ଶିଷ୍ୟ, ଗୁରୁପଦରେ ଯଦି ଅଚଳା ଭକ୍ତି—

ବଭ୍ରୁ—ଗୁରୁହନ୍ତାର ଶାସ୍ତି ବିଧାନ ଲାଗି ପ୍ରସ୍ତୁତ ମୁଁ ବ୍ରାହ୍ମଣ !

ବ୍ରା—ଶୁଣ ଆଗେ, କୁରୁକ୍ଷେତ୍ର ଧର୍ମ ଯୁଦ୍ଧ ନୁହେଁ । ଅନ୍ୟାୟ, ନିତାନ୍ତ ଅନ୍ୟାୟ, କପଟ ହତ୍ୟା । ଆହା ! ଭୀଷ୍ମଙ୍କପରି ମହାରଥୀ—ସମ୍ମୁଖରେ ତାଙ୍କର ଶିଖଣ୍ଡୀ ବୋଲି ଏକ ନପୁଂସକକୁ ରଖି—ସେ ଯେ ହତ୍ୟା ! କିଏ ଧୈର୍ଯ୍ୟ ଧରିବ ? ବତ୍ସ ! ସ୍ୱଚକ୍ଷୁରେ ଦେଖିଛି ଯେତେବେଳେ ଭୀଷ୍ମଙ୍କ ସମ୍ମୁଖରେ ଶିଖଣ୍ଡୀକି ଠିଆ କରାଇଦେଲେ, ସତ୍ୟବ୍ରତ ଅସ୍ତ୍ର ତ୍ୟାଗ କରି ରଥରେ ବସି ରହିଲେ । ଏହି ଅବସର ଦେଖି ଅର୍ଜ୍ଜୁନ-ସାରଥି ଶ୍ରୀକୃଷ୍ଣ ଅର୍ଜ୍ଜୁନକୁ ଶର ବୃଷ୍ଟିର ନିର୍ଦ୍ଦେଶ ଦେଲେ । ଆଉ ସର୍ବତ୍ୟାଗୀ ଅସ୍ତ୍ରତ୍ୟାଗୀ ଭୀଷ୍ମ ସେହି ଶରରେ—

ବଭ୍ରୁ—ବ୍ରାହ୍ମଣ ! ଏ କି ସତ୍ୟ ?

ବ୍ରା—ଅବିଶ୍ୱାସ କର ନାହିଁ ବତ୍ସ ! ସ୍ୱଚକ୍ଷୁରେ ଦେଖିଛି ଯେ !

Digitized by srujanika@gmail.com

ବଭ୍ରୁ — କପଟୀ ଶ୍ରୀକୃଷ୍ଣ ! କାପୁରୁଷ ଅର୍ଜ୍ଜୁନ ! ବ୍ରାହ୍ମଣ, ମୋତେ ହସ୍ତିନାର ପଥ ଦେଖାଇ ପାରିବ ?

ବ୍ରା — ନିଶ୍ଚୟ ପାରିବ ।

ବଭ୍ରୁ — ଏହିଠାରୁ, ଏହି ମୁହୂର୍ତ୍ତରେ !

ବ୍ରା — ହିଁ ବତ୍ସ ! ଚାଲ ! ଶ୍ରୀକୃଷ୍ଣଦେବଙ୍କର ଶିଷ୍ୟତ୍ୱର ପରିଚୟ ଦିଅ । ଗୁରୁହନ୍ତାର ଶାସ୍ତି ବିଧାନ କର । କ୍ଷତ୍ରିୟ ଯୁବକ ତୁମ୍ଭେ ?

ବଭ୍ରୁ — ହିଁ, ଶ୍ରୀକୃଷ୍ଣ ଶିଷ୍ୟ ବୋଲି ମୋର ଗର୍ବ । ମୁଁ କ୍ଷତ୍ରିୟ ଯୁବକ, ଏଇ ତୁମ୍ଭର ଚରଣ ଛୁଇଁ ଶପଥ କରୁଛି ବ୍ରାହ୍ମଣ ! ସ୍ୱୟଂ ନାରାୟଣ ଯଦି ଚକ୍ରଧାରୀ ହୁଅନ୍ତି, ତେବେ ମଧ୍ୟ ବଭ୍ରୁ ଗୁରୁହନ୍ତାର ଶାସ୍ତି ବିଧାନ କରିବ । ତେବେ ମଧ୍ୟ କାପୁରୁଷ ଅର୍ଜ୍ଜୁନର ରକ୍ଷାକାରୀ ତ୍ରିଭୁବନରେ କେହି ନାହିଁ । (ଉଠି) ପଥପ୍ରଦର୍ଶକ ହୁଅ ବ୍ରାହ୍ମଣ ! ରେଖା ! ଯା — ରାଜପୁରକୁ ଯାଇ ମାଆଙ୍କୁ ଜଣାଅ, ଆଶୀର୍ବାଦ କରିବେ । ବୀର ମାଆର ସନ୍ତାନ ବଭ୍ରୁ ଗୁରୁହନ୍ତାର ପ୍ରତିଶୋଧ ନେବାକୁ ହସ୍ତିନା ଗଲା । ଆସ ବ୍ରାହ୍ମଣ ! (ଗମନୋଦ୍ୟତ)

ରେଖା — ବଭ୍ରୁ — (ଲୁହଭରା ଆଖିରେ ନତମୁଖୀ)

ବଭ୍ରୁ — ରେଖା ! (କିଛିକାଳ ନୀରବ ରହି) ବୁଝିଛି ମୁଁ ! କିନ୍ତୁ କର୍ତ୍ତବ୍ୟ ଅନୁରୋଧରେ ତୋତେ ସଙ୍ଗରେ ନେବାକୁ ଅସମର୍ଥ । ଜାଣୁ ତ ମା'ଙ୍କର ସ୍ନେହ । ଅବସର ନାହିଁ ଯେ ତାଙ୍କଠାରୁ ବିଦାୟ ନେଇ ଯିବି । କହ ରେଖା ! କିଏ ତାଙ୍କୁ ସମ୍ବାଦ ଦେବ ? ଉଭୟଙ୍କୁ ନ ଦେଖି ସେ ଅତି ବିକଳ ହୋଇ ପଡ଼ିବେ । ଯା ରେଖା ! ମାଆଙ୍କ ଭାର ତୋ ଉପରେ । ମୋତେ ହସ

Digitized by srujanika@gmail.com

ମୁହଁରେ ଲଗାଇ ଦେ । ମୁଁ ଶୀଘ୍ର ଫେରି ଆସିବି । ତୁ କିଛି ଚିନ୍ତା କରନା । ଯା —ମାଆଙ୍କୁ ବୁଝାଇ ସୁଝାଇ ପ୍ରବୋଧ ଦେବୁ । ତୁ ଗଲେ ଏସବୁ ପୁଣି କିଏ କରିବ ? ଯା—(କର ମର୍ଦ୍ଦନ) ବ୍ରାହ୍ମଣ—

ବ୍ରାହ୍ମଣ –(ଅଗ୍ରସର ହୋଇ) ବତ୍ସ ! (ଦୁହେଁ ଗଲେ)
(ଠିକ୍ ସେତିକି ବେଳେ ପଛରୁ ଆସିଲେ ଚିତ୍ରାଙ୍ଗଦା; ରେଖାକୁ ଦେଖି କହିଲେ)

ଚିତ୍ରା—ରେଖା, ବଭ୍ରୁ କାହିଁ ?

ରେଖା—(ନୀରବ)

ଚିତ୍ରା—ଶୀଘ୍ର କହ କାହିଁ ବଭ୍ରୁ ?

ରେଖା—ଅର୍ଜ୍ଜୁନଙ୍କୁ ଗୁପ୍ତ-ହତ୍ୟାର ଶାସ୍ତି ଦେବା ଲାଗି—

ଚିତ୍ରା—ବୁଝିଲି ମୁଁ । ଶୁଣିଛି ମୁଁ କିଛି । ବଭ୍ରୁ—ବଭ୍ରୁ—ଶେଷରେ ମାତୃହତ୍ୟା କରିବୁ କି ବାବା ! ଫେରିଆ,ଫେରିଆ--(ଥରି ଥରି) ପଡ଼ିଗଲେ—ରେଖା କୋଳରେ ଧରିନେଲେ)

ରେଖା—(ଉଚ୍ଚ ସ୍ୱରରେ ଡାକିଲେ—ବଭ୍ରୁ – ବଭ୍ରୁ)

ବଭ୍ରୁ—(ଜନ୍ମତ ପରି ଫେରି ଦୌଡ଼ି ଆସିଲେ ଏକ ନିଃଶ୍ୱାସରେ) ମାଆ !

—୦—

ପଞ୍ଚକ୍ଷେପ

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

(ମଣିପୁର ରାଜପୁରୀ । ନାରଦ ଗୀତ ଗାଇ ୨ ଆସୁଥିଲେ)

ଗୀତ—

ନାରଦ— ନାରାୟଣ, ନାରାୟଣ ଭଜମନ—
ନାରାୟଣ ଭଜ ।
କଞ୍ଜଚରଣ—ଗରୁଡ଼ାସନ
ଅଙ୍ଗେ ଝଲକେ ପୀତ ବସନ
କୋଟି ଚନ୍ଦ୍ର ଜିତ ବଦନ—ନାମ ସ୍ମରଣ ମୋକ୍ଷ ଧାମ ।

(ପ୍ରାସାଦ ଅଭ୍ୟନ୍ତରରୁ ଚିତ୍ରାଙ୍ଗଦା ହଠାତ୍ ଦେଖିଲେ ନାରଦଙ୍କୁ)

ଚିତ୍ରା—ଦେବର୍ଷି ହେ ! ପରମ ସୌଭାଗ୍ୟ ମୋର ! ନମସ୍ତେ !
(ପ୍ରଣାମ କରି) ମାଧବୀ ! ପାଦ୍ୟ, ଅର୍ଘ୍ୟ—

ନାରଦ—ଅନେକ ଦିନରୁ ଆସିନାହିଁ ; ବିଚିତ୍ର ଏ ମଣିପୁର; ଏହାର ସ୍ୱର୍ଗୀୟ ସମ୍ପଦ ମୋର ସ୍ମରଣର ନିତ୍ୟ ସାଥୀ । ଏଇ ଗିରିବନ,

Digitized by srujanika@gmail.com

ଏଠାରେ ସ୍ୱଚ୍ଛଜଳା ନିର୍ଝର, ଆଉ ତାର ଅଧିଷ୍ଠାତ୍ରୀ,—ଏଇ ବନଦେବୀ ଚିତ୍ରାଙ୍ଗଦା ! ଦର୍ଶନର ଲାଳସା ଯେ ଅପରିହାର୍ଯ୍ୟ ।

ଚିତ୍ରା—ସମସ୍ତ ଦେବର୍ଷିଙ୍କର ଅନୁଗ୍ରହ ପିତା !

(ପାଦ୍ୟ, ଅର୍ଘ୍ୟ ନେଇ ଆସିଲେ ମାଧବୀ, ଚିତ୍ରାଙ୍ଗଦା ପାଦ ଧୌତ କରି ବନ୍ଦାଇ ପୁନଃ ପ୍ରଣାମ କଲେ । ମାଧବୀ ସେଗୁଡ଼ିକ ନେବା ପୂର୍ବରୁ ପ୍ରଣାମ କରି ଚାଲିଗଲା)

ଚିତ୍ରା—ମାଧବୀ !

ମାଧବୀ—ମହିମା !

ଚିତ୍ରା—ବଭ୍ରୁ, ରେଖା ? ଦେବର୍ଷିଙ୍କ ଆଗମନ ସମ୍ବାଦ ଦେଇଆସ । ଆସନ୍ତୁ ଦେବର୍ଷି ! ଆସନ ଗ୍ରହଣ କରନ୍ତୁ । ଅନେକ ଦିନରୁ ଆପଣଙ୍କ ଚରଣଧୂଳି ନ ପାଇ ଚିତ୍ତଏ ବ୍ୟଥିତ ଥିଲି ।

(ନେଇ ବସାଇଲେ)

ନାରଦ - ବସ ମାଆ ! (ବସାଇଲେ) କୁରୁକ୍ଷେତ୍ର ଯୁଦ୍ଧ ଶେଷ ହେବା ପରେ, ସମୟ ପାଇବା ପରେ ତ ଆସିତ । କହିଲି ତ ମଣିପୁର ମୋର ଅତ୍ୟାସୋଗ୍ୟ ଦୃଶ୍ୟ ।

ଚିତ୍ର—ଦେବର୍ଷି ! ମହାଭାରତ ଯୁଦ୍ଧ ପରେ କୁରୁବଂଶରେ ଆଉ କଏ ଜୀବିତ ?

ନାରଦ—କେହି ନାହାଁନ୍ତି ! ଭୀଷ୍ମ, ଦ୍ରୋଣ, କର୍ଣ୍ଣଙ୍କ ପରି ରଥୀ ମଧ୍ୟ ତ ନାହାନ୍ତି । ମହାବୀର ଧନଞ୍ଜୟ, ତାହାଁରେ ସାରଥୀ ଜନାର୍ଦ୍ଦନ । ଧର୍ମର ଜୟ—ପାପର କ୍ଷୟ । ଶୁଣିଥିବ ଧର୍ମରାଜ ଅଶ୍ୱମେଧ ଯଜ୍ଞର ଆୟୋଜନ କରୁଛନ୍ତି ।

ଚିତ୍ରା—କେବେ ?

Digitized by srujanika@gmail.com

ନାରଦ—କଳଙ୍କରେ ଲକ୍ଷରନ୍ତୁ ହେବ । ମହାବୀର ଅର୍ଜ୍ଜୁନ ଅଶ୍ୱ ସହିତ ଦେଶ ପରିଭ୍ରମଣ କରୁଚନ୍ତି ବର୍ତ୍ତମାନ ।

ଚଣ୍ଡୀ—କିନ୍ତୁ ଦେବର୍ଷେ ! ମହାଭାରତ ଯୁଦ୍ଧ ଶେଷ ହେଲା । ତାଙ୍କର ମନେ ହେଲା ନାହିଁ ବଭ୍ରୁର କଥା ? ବଭ୍ରୁ ମୋର ନିମନ୍ତ୍ରିତ ହେଲା ନାହିଁ ?

ନାରଦ—(ହସି) ବଭ୍ରୁ ଅଦ୍ୟାପି ବାଳକ ଯେ ମାଆ ! ତା ଛଡ଼ା ଅର୍ଜ୍ଜୁନ ବୋଧହୁଏ ବଭ୍ରୁର—

[ଚନ୍ଦ୍ରରଥ ହଠାତ୍ ଆସିଲେ]

ଚନ୍ଦ୍ରରଥ - ଦେବର୍ଷି ଯେ ! ପ୍ରଣାମ ଚରଣେ ।

ନାରଦ—କୁଶଳ ତ ସବୁ ?

ଚନ୍ଦ୍ରରଥ—ଆଶୀର୍ବାଦରୁ ସମସ୍ତ କୁଶଳ । ଭଲ ବେଳରେ ଆପଣଙ୍କ ସାକ୍ଷାତ ମିଳିଛି । ଜାଣନ୍ତି ତ ସବୁ ଦେବର୍ଷେ ! ଅଗ୍ରଜଙ୍କ ସ୍ୱର୍ଗବାସ ପରେ, ଅସହାୟା ଏଇ [ଚଣ୍ଡୀଙ୍କୁ ଦେଖାଇ] ମାଆକୁ ମୋର ରାଜ୍ୟ ସହିତ ରକ୍ଷଣାବେକ୍ଷଣ କରିବାକୁ ପାଇ, ଅବଧି କ ଜଞ୍ଜାଳରେ ପଡ଼ିଛି । ବାହାର ଶତ୍ରୁ, ଗୃହଶତ୍ରୁ, ବରାବର ରାଜ୍ୟ ଆକ୍ରମଣର ଚେଷ୍ଟା କରିଛନ୍ତି, ଆଜି ନାରଦଙ୍କ ଆଶୀର୍ବାଦରୁ ସେ ସମସ୍ତ ନିଷ୍ଫଳ ହୋଇଛି । ସମୟ ଥିଲା, ଯେତେବେଳେ ଯୁବକ ହସ୍ତରେ ଅସି ଧରି ଶାନ୍ତିରକ୍ଷା କରିବାକୁ ସମର୍ଥ ହୋଇଥିଲି, ଆଜି କିନ୍ତୁ ମୁଁ ବୃଦ୍ଧ । ଏ ଦାୟିତ୍ୱ ଆଉ କେତେଦିନ ସହି ପାରେଁ ?

ଚଣ୍ଡୀ—କିନ୍ତୁ ପିତୃବ୍ୟ ! ବଭ୍ରୁ ଯେ ଅଦ୍ୟାପି ବାଳକ । ନିତାନ୍ତ ଚପଳ, ଅବିବେଚକ ।

Digitized by srujanika@gmail.com

ଚିତ୍ର—ବଭ୍ରୁ ନିତାନ୍ତ ଶିଶୁ ! ମନେକର ନାହିଁ ବଭ୍ରୁ ରାଜ୍ୟ ପରିଚାଳନାରେ ଅସମର୍ଥ । ଆଜି ତାର ସହାୟତା କରିବାକୁ ତ ମୁଁ ଅଦ୍ୟାପି ଜୀବିତ ଅଛି । ସେ ଯେବେ ଆଜିଠାରୁ ତାର ରାଜ୍ୟ ନ ଦେଖେ ମାଆ ! ମୋର ଆଉ କେତେଦିନ ? ରାଜ୍ୟଭାର ବଭ୍ରୁ ହାତରେ ଦେଇ ମୋତେ ଟିକିଏ ନିଶ୍ଚିନ୍ତ ହେବାକୁ ଦେ ମାଆ !

ଚିତ୍ରା—ନିଶ୍ଚିନ୍ତ ! ଆପଣ ନିଶ୍ଚିନ୍ତ ହେଲେ ଯେ ମଣିପୁରର ଅସ୍ତିତ୍ୱ ରହିବ ନାହିଁ ପିତୃବ୍ୟ !

ଚିତ୍ର—ମାଆ ଚିତ୍ରାଙ୍ଗଦା ! ମୃତ୍ୟୁର ପଦଧ୍ୱନି ପ୍ରତିମୁହୂର୍ତ୍ତରେ ମୋତେ ସଜାଗ କରାଇ ଦେଲାଣି । ଆଉ ବିଳମ୍ବ ନାହିଁ । ମୋର ବିଶ୍ରାମ ପ୍ରୟୋଜନ । ସୌଭାଗ୍ୟ କ୍ରମେ ଦେବର୍ଷି ଉପସ୍ଥିତ । ବଭ୍ରୁର ବିବାହ ଦିବସ ସ୍ଥିରକରି ଆଶୀର୍ବାଦ କରି ଯାଆନ୍ତୁ । ଏ ବିବାହରେ କାହାକୁ କାହାକୁ ନିମନ୍ତ୍ରଣ କରିବାକୁ ହେବ ?

ଚିତ୍ରା – ବଭ୍ରୁର ବିବାହ ! ଜୀବନରେ ଏ ଆନନ୍ଦ ମୋର ଅକଥନୀୟ । ପିତୃବ୍ୟ ! ରାଜ୍ୟର ପାତ୍ର, ମନ୍ତ୍ରୀ, ମିତ୍ର, ସମସ୍ତେ ଏ ବିବାହର ସାକ୍ଷୀ । ଦୀନତମ ପ୍ରଜାଠାରୁ ସୌଧବାସୀ ସମସ୍ତେ ମୋରି ଭଳି ଆନନ୍ଦିତ ହେବେ । ବଭ୍ରୁର ବିବାହ ! ମଣିପୁର ରାଜାର ବିବାହ ! ରାଜକୋଷ ଖୋଲି ଦିଅ । ଦୁଃଖୀ ବୋଲି ଗୋଟିଏ ପ୍ରଜା ବଭ୍ରୁର ରାଜ୍ୟରେ ନ ରହୁ ।

ନାରଦ – କିନ୍ତୁ ମାଆ ! ଆଉ କେହି ନିମନ୍ତ୍ରିତ ହେବେ ନାହିଁ ?

ଚିତ୍ରା—ନାଁ ।

ନାରଦ—ଅନ୍ତତଃ ପାଣ୍ଡବଗଣ···

Digitized by srujanika@gmail.com

ଚଣ୍ଡ—ନିତାନ୍ତ ଉଚିତ ।
ଚଣ୍ଡୀ—ପ୍ରୟୋଜନ ନାହିଁ !
ନାରଦ—ପୁତ୍ରର ସମ୍ବାଦ, ପିତାର ଅଜ୍ଞାତରେ ?
ଚଣ୍ଡୀ—ଦେବର୍ଷି । ଯେ ପିତା, ପୁତ୍ରର ଜନ୍ମ ସମ୍ବାଦ ପର୍ଯ୍ୟନ୍ତ ରଖିବାକୁ ବିମୁଖ, ସେ ପୁତ୍ରର ସମ୍ବାଦ ବାର୍ତ୍ତା ଜାଣିବା କି ପ୍ରୟୋଜନ ?

ନାରଦ—ଏ କି ଅଭିମାନ ମାତା !
ଚଣ୍ଡୀ – ଅଭିମାନ ? କାହିଁ ମୋର ଅଭିମାନ ? ଦେବର୍ଷେ ! ମୁଁ ଅଭିମାନ କରିବି କାହାଠାରେ ? ଗତ ୨୭ ବର୍ଷ କାଳ ଯେ ସ୍ୱପ୍ନରେ ସୁଦ୍ଧା ପତ୍ନୀର ସ୍ମରଣ କରି ନାହାନ୍ତି, ସେଠାରେ କି ଅଭିମାନ ମୋର ସୁନ୍ଦର ଦିଶେ ଦେବର୍ଷେ !
ନାରଦ—ମଣିପୁର ବହୁଦୂର । ବିବ୍ରତ ପାଣ୍ଡବ । ନାନା ଦୁଃଖ ଜଞ୍ଜାଳର ଝଞ୍ଜା ବହୁଥିଲା । ଧନଞ୍ଜୟ ସାକ୍ଷାତର ସୁଯୋଗ ପାଇ ନାହାନ୍ତି ।

ଚଣ୍ଡୀ—କିନ୍ତୁ ମୁଁ ତ ପାଣ୍ଡବ ଘରଣୀ । ମଣିପୁର ରାଜମାତା ହେବା ତ ମୋର ବାଞ୍ଛା ନ ଥିଲା । କେବେ ହେଲେ ଏ ଐଶ୍ୱର୍ଯ୍ୟର ମୁଁ ଅପେକ୍ଷା ରଖି ନ ଥିଲି । ମୁଁ ତାଙ୍କର ଧର୍ମପତ୍ନୀ । କହନ୍ତୁ ଦେବର୍ଷେ ! ଦୁଃଖ ସୁଖରେ ସହଭାଗିନୀ ହେବାକୁ ମୁଁ କଅଣ ପ୍ରସ୍ତୁତ ନ ଥିଲି ? ତଥାପି ସେ ଦିନେ ହେଲେ ମୋତେ ସ୍ମରଣ କରି ନାହାନ୍ତି ତ !
ନାରଦ- କୁରୁକ୍ଷେତ୍ର ଯୁଦ୍ଧ କଥା ଶୁଣିଛ ତ ମାଆ ! ସବୁ ସମ୍ବାଦ ତ ଜାଣ; ଏ କ୍ଷେତ୍ରରେ ଧନଞ୍ଜୟଙ୍କର ତୁମକୁ ଡାକିବା ସୁନ୍ଦର ହୁଅନ୍ତା କି ?

Digitized by srujanika@gmail.com

ଚିତ୍ରା—ଅସୁନ୍ଦର ବା କପଟ ଦୁଅନ୍ତା ? ସେ କଅଣ ମୋତେ ତେବେ ଖାଲି ତାଙ୍କର ସୁଖର ସଙ୍ଗିନୀ ବୋଲି ମନେକଲେ ? ସୁଭଦ୍ରା, ଦ୍ରୌପଦୀଙ୍କପରି ତାଙ୍କ ପାଖେ ପାଖେ ଥାଇ, ଶତ୍ରୁର ସମ୍ମୁଖୀନ ହେବାକୁ ମୁଁ ତ ଅସମର୍ଥା ନୁହେଁ । ଆଜିକାଲିରୁ ମୁଁ ଧନୁର୍ବିଦ୍ୟା ଶିକ୍ଷା କରୁଛି । ପ୍ରୟୋଜନ ହେଲେ ସ୍ୱୟଂ ଦେବରାଜଙ୍କ ସହିତ ଯୁଦ୍ଧକୁ ମୁଁ ପରାଙ୍ମୁଖ ନୁହେଁ । ଧନଞ୍ଜୟ କଅଣ ମନେ କରନ୍ତି, ଏଇ ବାହୁ ମୋର ପଦ୍ମନାଡ଼ରେ ଗଢ଼ା ? ଶତବଜ୍ର ଶକ୍ତି ଧରି ମୁଁ ନାରୀନାରୀ ! ସେ କଣ ଜାଣନ୍ତି ନାହିଁ ? କିନ୍ତୁ ତାଙ୍କ ଅଙ୍ଗ-ରକ୍ଷାର ଭାର ମୋତେ ଦେଲେ କି ଦେବର୍ଷେ ?

ଚିତ୍ର—ଧନଞ୍ଜୟ ଅଳ୍ପଦିନ ମାତ୍ର ମଣିପୁରରେ ଅବସ୍ଥାନ କରିଥିଲେ । ହୁଏତ ତାଙ୍କର ଧାରଣା ଥିବ—ଚିତ୍ରାଙ୍ଗଦା ଅନ୍ୟ ରମଣୀମାନଙ୍କ ପରି ମୃଣାଳ-କୋମଳା ।

ନାରଦ—କିନ୍ତୁ ନିଶ୍ଚିତ ଜାଣ ମାଆ, ତୁମକୁ ଉପେକ୍ଷା କରିବା ଅର୍ଜ୍ଜୁନର ଅଭିପ୍ରାୟ ନୁହେଁ । ମନେହୁଏ ମୋର, ଅଳ୍ପଦିନେ ଧନଞ୍ଜୟ ମଣିପୁର ଆସୁଛନ୍ତି । ଯାଏଁ, ମୁଁ ତାର ବନ୍ଦୋବସ୍ତ ବ୍ୟବସ୍ଥା କରିବି । (ଉଠି) କିନ୍ତୁ ମାଆ, ସାବଧାନ ଥିବ; ଯେପରି ପିତା ପୁତ୍ରର ଶୁଭ ମିଳନ ଘଟେ, ତୁମେ ତହିଁର ବ୍ୟବସ୍ଥା କରିବ । ଆସୁଛି ମାଆ—

ଚିତ୍ରା—(ପ୍ରଣାମ କଲେ)

ଚିତ୍ର—ପ୍ରଣାମ ଦେବର୍ଷେ !

ନାରଦ—[ହସ୍ତୋତ୍ତୋଳନ କରି ଗାଇ ଗାଇ ଗଲେ]

—ଗୀତ—

ଶଙ୍ଖଚକ୍ର ତେଜ ଦେବ, ସାରଥି ରୂପ ସାଜ

Digitized by srujanika@gmail.com

ଶ୍ରୀକରେ ଶୋଭେ ରକ୍ତ ଦଣ୍ଡ
ମାୟାଧର ! ଭକତ ଜୀବନ—ନାରାୟଣ
(ଗାଇ ଗାଇ ପ୍ରସ୍ଥାନ)

ଶିବା—ଆପଣ ତେବେ ଆଜଠାରୁ ବଭ୍ରୁର ବିବାହ ଆୟୋଜନ କରନ୍ତୁ ।

ଶିବ—ତମ୍ବିଁ ସଙ୍ଗେ ୨ ରାଜ୍ୟାଭିଷେକ ମଧ୍ୟ ମାଆ ! ବିଶ୍ରାମ—ମୋର ବିଶ୍ରାମ ପ୍ରୟୋଜନ ।

ଶିବା—ଆପଣଙ୍କର ବିଶ୍ରାମ ସମ୍ବନ୍ଧେ ମୁଁ କିଛି ନିର୍ଭର ବଚନ ଦେବା ଅସମ୍ଭବ । ଦେଖେଁ, ତେଣେ ବଭ୍ରୁ କାନ୍ଦିଁ । (ପ୍ରସ୍ଥାନ)

ଶିବ—ବୃଦ୍ଧ ବୟସରେ ମଧ୍ୟ ବିଶ୍ରାମ ନାହିଁ । (ଉଠୁଥିଲେ ଯିବାକୁ, କାନ୍ଦି ୨ ଆସିଲେ ରେଖା । ଶିବସେନ ତାଙ୍କର ନିକଟସ୍ଥ ହୋଇ ସସ୍ନେହେ ପଚାରିଲେ) ଆରେ ତୋର ଫେରେ କଅଣ ହେଲା ମାଆ ?

ରେଖା—(ଅଭିମାନରେ କାନ୍ଦି କାନ୍ଦି ଅର୍ଦ୍ଧସ୍ଫୁଟ ଗଳାରେ) ବଭ୍ରୁ—

ଶିବ—ତୋତେ ମାରିଛି ? ସେ ତ ଅନ୍ୟାୟ !

ରେଖା—ନାଁ—

ଶିବ—ତେବେ ?

ରେଖା—ମୋତେ ପାଖରେ ରଖିବାକୁ ମନାକଲେ ।

ଶିବ—କାହିଁକି ?

ରେଖା—ସେହି ବ୍ରାହ୍ମଣଙ୍କ ସଙ୍ଗେ ଗୋପନ କଥା ଅଛି ବୋଲି କହି

Digitized by srujanika@gmail.com

ମୋତେ ବାହାର ଯିବାକୁ କହୁଚନ୍ତି । ଆଜ କହୁଚନ୍ତି ଭୁ—ସ୍ତୀଲୋକ, ବାଳକା—

ଚନ୍ଦ୍ର—ଏ ତ ଅନ୍ୟାୟ ! ବନ୍ଧୁ ତୋତେ ସ୍ତ୍ରୀଲୋକ ଆଉ ବାଳକା ବୋଲି କହି ବାହାର ଯିବାକୁ କହୁଛି ? ଆଚ୍ଛା, ଚାଲ ତ ମୁଁ ଦେଖେଁ—

ରେଖା—ନାଁ—ତାଙ୍କୁ ଶାସନ କରନ୍ତୁ ।

ଚନ୍ଦ୍ର—ବେଶ୍, ତାଙ୍କୁ ଶାସ୍ତି ଦେବ । ଏକୁଟିଆ କୋଠରୀରେ ଦ୍ୱାର ଘଣ୍ଟ ବନ୍ଦ କରିଦେବ ।

ରେଖା—ନାଁ ।

ଚନ୍ଦ୍ର—ତେବେ କାନ ମୋଡ଼ ଦେବ ?

ରେଖା—ନାଁ—ନାଁ, କଷ୍ଟ ହେବ ।

ଚନ୍ଦ୍ର—ଆଉ କଅଣ ଦ'ଥର ବସଉଠ କରେଇ ଦେବ ?

ରେଖା—ନାଁ, କହିଦିଅ ରେଖା ସବୁବେଳେ ପାଖେ ପାଖେ ଥିବ ।

ଚନ୍ଦ୍ର—ବେଶ୍ ! ତୋର କଥା ହେବ । ସେ କୋଉଠି ଅଛି ?

ରେଖା—ବଗିଚାରେ ।

ଚନ୍ଦ୍ର—ଆଚ୍ଛା, ତୁ ଏଇଠି ଟିକଏ ବସ, ମୁଁ ତାଙ୍କୁ ତୋ ପାଖକୁ ଧରି ଆଣୁଛି । ଲୁହ ପୋଛ ଏବଂ । ଆ—ଛି—ମାଆ ମୋର କାନ୍ଦୁଛି । ନା, ମୁଁ ବନ୍ଧୁକୁ ଶାସନ କରିଦେବ । ତୁ ବସ୍ ଏଇଠି । (ଲୁହ ପୋଛି ଦେଇ ପ୍ରସ୍ଥାନ)

(ବନ୍ଧୁ ବ୍ରାହ୍ମଣ କଥାବାର୍ତ୍ତା ହେଉ ହେଉ ଆସୁଥିଲେ, ରେଖା

Digitized by srujanika@gmail.com

ବଭ୍ରୁକୁ ଦେଖି ଷ୍ଟଷ୍ଣୀ ମୁହଁ ଫେରାଇ ବସିଲେ)

ବଭ୍ରୁ—ଗୁରୁହନ୍ତା ! ପାତକୀ ଧନଞ୍ଜୟ ! (ଆସନ ଦେଖାଇ) ଅରେ ! ରେଖା ? ତୁ ଫେରେ ଏଠି ? ଭିତରକୁ ଯା !

ରେଖା—(ଖାଲି ଥରେ ଷ୍ଟଷ୍ଣୀ ଷ୍ଟଲଗଲେ)

ବ୍ରାହ୍ମଣ—(ହସି) ଚପଳା ବାଳିକା !

ବଭ୍ରୁ—ଏକେ ଏକେ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ସମସ୍ତଙ୍କ ବଧକର୍ତ୍ତା ତେବେ ଅର୍ଜୁନ ?

ବାହ୍ମଣ—ହଁ ବତ୍ସ ! କିନ୍ତୁ ଏ ବଧ ଯେ ଅନ୍ୟାୟ ଯୁଦ୍ଧରେ । ସାମାନ୍ୟ ରାଜ୍ୟ ଲୋଭରେ ଗୁରୁହତ୍ୟା ! ଗୁରୁ ଦ୍ରୋଣ ପିତୃସ୍ନେହ ନିର୍ବିଶେଷରେ ଅର୍ଜୁନକୁ ଧନୁର୍ବିଦ୍ୟା ଶିକ୍ଷା ଦେଇଥିଲେ । ତୁଚ୍ଛ ରାଜ୍ୟ ଲୋଭରେ ଆଜି ସେହି ଅର୍ଜୁନ ଅନାୟାସରେ ନିଜର ଗୁରୁହତ୍ୟା କରି ବୀରଶ୍ରେଷ୍ଠ !

ବଭ୍ରୁ—(ତାଚ୍ଛଲ୍ୟ କରି) ବୀରଶ୍ରେଷ୍ଠ ! ନୀଚ, କପଟ, ସ୍ୱାର୍ଥପର ।

ବ୍ରାହ୍ମଣ—କେବଳ ସେତିକି ନୁହେଁ । ଭୀଷ୍ମ ବଧର ରହସ୍ୟ ପରି ଦ୍ରୋଣବଧ ମଧ୍ୟ ରହସ୍ୟ-ଋଡ଼ିତ । ଜାଣିଛତ ଅର୍ଜୁନ ସାରଥି କୂଟତନ୍ଧୀ ଯଦୁପତି ! ଯେତେ ଷଡ଼ଯନ୍ତ୍ର ସବୁ ତାଙ୍କର । ଦ୍ରୋଣ ଯେତେବେଳେ ସେନାପତି ପଦରେ ବରିତ ହେଲେ, ପାଣ୍ଡବ ଶିବିରରେ ହାହାକାର ପଡ଼ିଗଲା । ତନ୍ଧୀ ଜନାର୍ଦ୍ଦନ ମିଥ୍ୟାରେ ପ୍ରଗ୍ଟର କଲେ ଯେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ନିହତ । ପୁତ୍ରର ନିଧନ ବାର୍ତ୍ତାରେ ବ୍ୟଥିତ-ହୃଦୟ ଦ୍ରୋଣ ଅସ୍ତ୍ର ତ୍ୟାଗ କରି ରଥରେ ଅଚେତ ହୋଇ ପଡ଼ିଲେ । ସେହି, ସେହି ଅବସର ପାଇ ଅର୍ଜୁନ—

Digitized by srujanika@gmail.com

ବବ୍ରୁ—ସ୍ତବ୍ଧ ହୁଅ କଣ୍ଠ ! ଶାନ୍ତ ହୁଅ ବ୍ରାହ୍ମଣ ! କ୍ଷତ୍ରିକୁଳର ନିନ୍ଦା !

ବ୍ରାହ୍ମଣ—କ୍ଷତ୍ରିକୁଳ ! କଏ କ୍ଷତ୍ରୀ ? କାହିଁ କ୍ଷତ୍ରଧର୍ମ ତାର ? ଶୁଣିଛତ ଖ୍ରିଷ୍ଟ ବଧ କଥା—ଏ ପୁଣି ଗୁରୁବଧ । ଗୁରୁହତ୍ୟା—ପିତୃହତ୍ୟା । ଅନ୍ୟାୟ—କପଟ ଯୁଦ୍ଧରେ ଜୟୀ ହୋଇ ମହାବୀର ! ସାରା ପୃଥିବୀ ଆଜ ତାକୁ କହେ ଅର୍ଜ୍ଜୁନ ବୀରଶ୍ରେଷ୍ଠ ! ଅନାଚାର—ଅତ୍ୟାଚାର, ଯାକୁ ବୋଲ ନ୍ୟାୟ ଯୁଦ୍ଧ ! ବୀରହୀନ ଏ ଭାରତ—କ୍ଷତ୍ରିହୀନ ଭାରତ । ଛି ଛି, ଜଣେ କେହି ନାହିଁ ଯେ, ଅନ୍ୟାୟ ବିରୁଦ୍ଧରେ ଅସି ଉନ୍ମୋଚନ କରିବ ? ବୀର ନୁହେଁ—ଭୀରୁ—କାପୁରୁଷ ସେମାନେ କ୍ଷତ୍ରିୟ !

ବବ୍ରୁ—ସେକଥା କହିବେ ନାହିଁ ଦେବ ! ଏ ଭାରତ ବୀରହୀନ ନୁହେଁ ।

ବ୍ରାହ୍ମଣ—ନ୍ୟାୟର ଲେଶମାତ୍ର ନାହିଁ । ଅନ୍ୟାୟୀ ଯେଉଁଠି ରାଜତ୍ୱ, ଅନ୍ୟାୟର ଯେଉଁଠି ପ୍ରଭୁତ୍ୱ—କିଏ କହେ ସେ ଭାରତ ବୀରହୀନ ନୁହେଁ ? ଜଣେ କେହି ନାହିଁ ଯେ ନ୍ୟାୟ ଲାଗି ପ୍ରାଣ ଉତ୍ସର୍ଗ କରିପାରେ ?

ବବ୍ରୁ—ବ୍ରାହ୍ମଣ ! ମନେକର ନାହିଁ, ପୃଥିବୀ ଅଦ୍ୟାପି ବୀରଶୂନ୍ୟ । ଏଇ ଭାରତ କ୍ଷତ୍ରିୟର ଲୀଳାଭୂମି । ବୀର ଜନନୀ ଭାରତ । ଜନନୀର କଳଙ୍କ ରଟନା ସହି ରହିବା ସନ୍ତାନ ପକ୍ଷେ ଅସମ୍ଭବ । ଆସ ବ୍ରାହ୍ମଣ ! ଏ ଅନ୍ୟାୟର ପ୍ରତିଶୋଧ ଲାଗି ଜୀବନର ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ଦେବାକୁ ମୁଁ ପ୍ରସ୍ତୁତ ଅଛି ।

ବ୍ରାହ୍ମଣ—(ହସିଲେ) ପ୍ରସ୍ତୁତ ? ତୁମେ ? ମଣିପୁରର ରାଜା ! ଯାହାର ସତ୍ୟ, ଶପଥ ମୂଲ୍ୟହୀନ ? ବିଶ୍ୱାସ ହୁଏନା—

Digitized by srujanika@gmail.com

ବଭ୍ରୁ—ଉତ୍ତମ ! ବିଶ୍ୱାସ ହେବାଭଳି ଆପଣ ଦେଖି ନେଇ ପାରନ୍ତି।

ବ୍ରାହ୍ମଣ—ଦେଖିବାକୁ କି ଆଉ ବାକି ଅଛି ? ସ୍ମରଣ ନାହିଁ ? ଭୀଷ୍ମଙ୍କର ମୃତ୍ୟୁରେ ତୁମ୍ଭର ଶପଥ !

ବଭ୍ରୁ—ଦେବ ! ଭୁଲି ନାହିଁ ସେ ଶପଥ ! ମାତା ଅନ୍ତରାୟ ନ ହୋଇ ଥିଲେ, କୁରୁକ୍ଷେତ୍ରକୁ ଯିବାକୁ ବାରଣ କରି ନ ଥିଲେ, ଅର୍ଜ୍ଜୁନ ଆଜି ଜଗତରେ ମହାବୀର ବୋଲାଇବା ବୋଧହୁଏ ଅସମ୍ଭବ ହୋଇଥାନ୍ତା । କିନ୍ତୁ ଭୁଲି ନାହିଁ, ସବୁ ମନେ ଅଛି; ଏ ମର୍ମରେ ମୋର ଅଙ୍କିତ ରହିଛି ଅଦ୍ୟାପି ସେହି ସତ୍ୟ ମୋର । କେବେ ଯଦି ସୁଯୋଗ ପାଏଁ, କେବେ ଯେବେ ଅର୍ଜ୍ଜୁନର ସାକ୍ଷାତ ମିଳେ, ସେଇଦିନ—ସେଇଦିନ—

ବ୍ରାହ୍ମଣ—ଏ କି ତୁମ୍ଭ ଅନ୍ତରର କଥା ରାଜା ?

ବଭ୍ରୁ—କି ପ୍ରମାଣ ଚାହିଁ ?

ବ୍ରାହ୍ମଣ—ଉତ୍ତମ, ସୁଯୋଗ ଉପସ୍ଥିତ । ଯୁଦ୍ଧଜୟୀ ହୋଇ ଯୁଧିଷ୍ଠିର ଅଶ୍ୱମେଧର ଆୟୋଜନ କରିଛନ୍ତି, ଯଜ୍ଞଅଶ୍ୱ ଘେନି ଅର୍ଜ୍ଜୁନ ରାଜ୍ୟ ରାଜ୍ୟ ବୁଲୁଛନ୍ତି । ଅଶ୍ୱର ଶିରରେ ଭୂର୍ଜ୍ଜପତ୍ରରେ ଲେଖା ରହିଛି, ଯେ ବଳେ ବଳେ ଏ ଅଶ୍ୱକୁ ହରଣ କରିବ, ଅର୍ଜ୍ଜୁନ ସହିତ ତାର ଯୁଦ୍ଧ ଅବଶ୍ୟମ୍ଭାବୀ । ଅଳ୍ପକାଳ ହେଲା ମୁଁ ସେ ଅଶ୍ୱ ମଣିପୁର ଗଡ଼ ସୀମାରେ ଦେଖି ଆସିଛି । ଆସ ! ବିଳମ୍ବର ଅବସର ନାହିଁ । ଅର୍ଜ୍ଜୁନର ନିଶ୍ଚୟ ସାକ୍ଷାତ ପାଇବ । ଧରିଆଣ ଅଶ୍ୱ । ବିନା ଯୁଦ୍ଧରେ ଅଶ୍ୱ ପ୍ରତ୍ୟର୍ପଣ ଅସମ୍ଭବ । କର ସତ୍ୟ ।

ବଭ୍ରୁ—(ଚରଣ ଛୁଇଁ) ଦେବ ! ସତ୍ୟ କଲି, ବିନା ଯୁଦ୍ଧରେ ଅଶ୍ୱ ପ୍ରତ୍ୟର୍ପଣ ଅସମ୍ଭବ ।

Digitized by srujanika@gmail.com

ବ୍ରାହ୍ମଣ—ପ୍ରସ୍ତୁତ ହୁଅ ତେବେ । (ଦୁହେଁ ବାହାରିଗଲେ)
(ଚନ୍ଦ୍ରସେନ ଆସିଛନ୍ତି)

ଚନ୍ଦ୍ର—କାହିଁ ? ଏଠି ମଧ୍ୟ ତ ନାହିଁ ।

ଚନ୍ଦା—ବନ୍ଧୁ କାହିଁ ଦାଦା !

ଚନ୍ଦ୍ର—ମୁଁ ତ ତାକୁ ଖୋଜୁଛି । ରେଖାକୁ କଣ କହିଲା ଯେ ରେଖା ମୁହଁ ଫୁଲେଇ ମୋ ପାଖେ ଯାଇ ଅଭିଯୋଗ କରି ବସିଛି ।

ଚନ୍ଦା—ଶୁଣିଲି ତ ଏଇଠି ଥିଲା । ସେହି ବ୍ରାହ୍ମଣ ସଙ୍ଗରେ କଥାବାର୍ତ୍ତା ହେଉଥିଲା ।

ଚନ୍ଦ୍ର—କାହିଁ ? କେହିତ ନାହାନ୍ତି ।

ଚନ୍ଦା – ବଡ଼ ଚପଳ ! ଗୋଟାଏ ଜାଗାରେ ସ୍ଥିରହୋଇ ରହିବା ତା ପକ୍ଷେ ଅସମ୍ଭବ । କୁଆଡ଼େ ଯେ ଗଲା । ରେଖା ମଧ୍ୟ ଜାଣେନାହିଁ ।

ଚନ୍ଦ୍ର – ନା, ରେଖାକୁ ପାଖରୁ ତଡ଼ିଦେଇ, ବନ୍ଧୁ ଆଜି ସେହି ବ୍ରାହ୍ମଣ କଅଣ କଥାବାର୍ତ୍ତା ହେଉଥିଲେ ବୋଲି ଶୁଣିଲି ।

ଚନ୍ଦା—ସନ୍ଦେହ ହୁଏ ମୋର ! କିଏ ସେ ବ୍ରାହ୍ମଣ ?

ଚନ୍ଦା—ଅଜ୍ଞାତକୁଳଶୀଳ । ତାର ସଦିଚ୍ଛା ଥିବ ବୋଲି ମନେ ହୁଏ ନାହିଁ ମୋର ।

ଚନ୍ଦ୍ର—ଦେଖା ହେଲେ ଏଥର ତାର ପରିଚୟ ନିଅ ଦାଦା ! ସନ୍ଦେହ ହେଲେ, ବନ୍ଧୁ ସହିତ ସାକ୍ଷାତ ମଧ୍ୟ ବନ୍ଦ କରିଦିଅ ।

ଚନ୍ଦ୍ର—ହେଇଟି ତ, ରେଖା ଆଜି ମଞ୍ଜୁ !

ଚନ୍ଦା—ଡାକନ୍ତୁ । ଜାଣିଥିବେ ବୋଧହୁଏ ବନ୍ଧୁ କେଉଁଠି ।

ଚନ୍ଦ୍ର—ହଁ, ହଁ, ଡାକେଁ—ରେଖା—ରେଖା ! ନା ବୋଧହୁଏ ଜାଣନ୍ତି ନାହିଁ । ରେଖାର ମୁହଁରେ ହସ ନାହିଁ ଯେ—

Digitized by srujanika@gmail.com

(ରେଖା ଆଉ ମଞ୍ଜୁ ଆସିଲେ)

ଚନ୍ଦ୍ରା – ଆରେ ! ମାଆର ମୁହଁଟି ଶୁଖି ଯାଇଛି ଯେ । କଅଣ ? କଥା କଅଣ ମଞ୍ଜୁ ?

ମଞ୍ଜୁ – ମାଆ, ମିଛରେ କଅଣ ମୁଁ ଦୁଷ୍ଟ ବୋଲି କହିବି ? ଦେଖନ୍ତ ରେଖାର କିଛି ଦୋଷ ନାହିଁ; ଖାଲି ଥଟାରେ ତାଙ୍କୁ ପାଟରୁ ତଡ଼ି କୁଆଡ଼େ ଯେ ଲୁଚିଛନ୍ତି ଏ ପର୍ଯ୍ୟନ୍ତ ତାଙ୍କର ପତ୍ତା ନାହିଁ ।

ଚନ୍ଦ୍ରା – କଏ ବନ୍ଧୁ ନା ? ମୁଁ ତ ମଧ୍ୟ ତାଙ୍କୁଇ ଖୋଜୁଛି ।

ମଞ୍ଜୁ—ଏ ତ ଘୋର ଅନ୍ୟାୟ ମା ! ରେଖା କାନ୍ଦୁଛି ଯେ !

ଚନ୍ଦ୍ର--ଆସୁ । ତାଙ୍କୁ ମୁଁ ଶାସନ କରିଦେବି । କୁଆଡ଼େ ଗଲେ ସେ ?

ମଞ୍ଜୁ—ଶୁଣିଲି ତ ରେଖା କହୁଥିଲା ସେଇ ବ୍ରାହ୍ମଣ ଜଣକ ଆସିଥିଲେ, ନଗ୍ରେଲାରେ କଣ କଥାବାର୍ତ୍ତା ହେଉଥିଲେ ।

ଚନ୍ଦ୍ରା—ଦାଦା, ସନ୍ଦେହ ହୁଏ ମୋର ସେ ବ୍ରାହ୍ମଣଙ୍କୁ । ଉଦ୍ୟାନରେ ତ ନାହାନ୍ତି ସେମାନେ ଆଉ ? ମଞ୍ଜୁ ! ଥାଆ ତୁ ଏଇଠି ଟିକଏ ମାଆ ରେଖା ପାଖେ । ଆସନ୍ତୁ ଦେଖି ଦାଦା ! (ପ୍ରସ୍ଥାନ)

ମଞ୍ଜୁ—ଆଉ ଫେର୍ କାହିଁକି ? ସବୁତ କହିଲି । ଓ, ଅଭିମାନ—

—ଗୀତ—

ରୁଷିଛନ୍ତି କି ପ୍ରାଣବନ୍ଧୁଙ୍କୁ ଗୋ ସଖି !
କରିଛନ୍ତି ସେ କି ଅପରାଧ ?
ନ ଚୁମ୍ବିଲେ ବୋଲି, ବଧୂଲି ଅଧରେ
ନରଣ ମନେ କଲେ ପାଇଲୁ ଲଜ

Digitized by srujanika@gmail.com

ମଧୁ ପରଶିଲେ, କୁସୁମ ହସିଲା
ମଧୁପ ଚୁମ୍ବନ ନୋହିଲେ ନୋହିଲା
ଏଥିକି ସଜନୀ ! ଏତିକି ଶୋଚନା,
ହେଲା ସତେ ଏ କି ପରମାଦ ?
ତେବେକେ ବୁଝିଲୁ ନାହିଁ ? ଆଚ୍ଛା ହେଉ । (ରେଖାକୁ ବସାଇ)
ବସ୍, ଆସିଲେ ଏଥର ବନ୍ଧୁ, ଆଉ ନ କହିବୁ କଥା
ମୁଁ ମଧ୍ୟ ଶୁଣିବି ନାହିଁ—ସେ ଯେତେ ଡାକିଲେ ।
ରେଖା—(ମୁହଁ ଫୁଲାଇ ଅଭିମାନରେ ଖାଲି ସବୁ ଶୁଣୁଥିଲେ)
ମଞ୍ଜୁ—ନକହିବୁ କେବେ ମୁଖ ଟେକ ।
ଯେତେ ସେ ଡାକିଲେ—
ଆଉ ତୁ ନମିବୁ କେବେ ମୃଗୟା କାରଣେ---
ଛାଡ଼ି ଭୁଲେ ଅରଣ୍ୟ ମଧ୍ୟକୁ ।
ଦେଖିବା କପରି ଧୈର୍ଯ୍ୟ ପୁରୁଷ ଜାତିର ।
କନ୍ଦାଇ ଅବଳା ପ୍ରାଣ, ସୁଖୀ ହେବା—ସେ ଜାତିର ଦମ୍ଭ ।
ଯିବ ଏଇଥର ଭାଙ୍ଗି, ତୁ ଯଦି ନେ ସତ୍ୟ, ଧରିବୁ ଟିକଏ ଧୈର୍ଯ୍ୟ
(ଚିବୁକ ଧରି) ଜିଣିବାକୁ ପୁରୁଷ ଜାତିକୁ, ଅବଳାର ଅଭିମାନଟିକ
ବ୍ରହ୍ମାସ୍ତ୍ର—
ବିଧାତାର ଦାନ; ହଁ, ଦେଖି—(ହସି)

—ଗୀତ—

ମାନ ମାନିନୀ, ବସ ସଙ୍ଗିନୀ; ଅଭିମାନରେ—
ଗଣ୍ଡରେ ମଣ୍ଡି କଞ୍ଜପାଣି—ଗ୍ରୀବା—
ନୟନେ ନିରେଖ ଧରଣୀ
ବିରସେ ବସ ସଖି ! ମାନ ଆନ ।

Digitized by srujanika@gmail.com

(ମୁହଁକୁ ଦେଖାଇ) ହୁଁ, ଠିକ୍ ଏହିଭଳି ରଖିଥିବୁ ମୁଖ ।
କେବେ ନ ହସିବୁ ସଖି, ଭ୍ରମରେ ହେଲେ ବି,
ଡାକି ଡାକି ଥକି ଗଲେ ମଧ୍ୟ !
ପାରିବୁ ନାହିଁ ତୁ କରି ଏ ସାମାନ୍ୟ କଥା ?

ରେଖା—ପାରିବ ? ପାରିଲେ ପାରିବ ଅବା ?
କିନ୍ତୁ—ଯଦି ପାଖେ ବସି ମୋର
ଅଭିମାନ ଦେଖି ମୋର—
କମଳ ନୟନ କରି ମାରେ ଛଳ ଛଳ
କାନରେ କେ ଡାକିବେ ସେ—ରେଖା !
କିପରି ମାରିବ ଥିବ ?
ଫାଟି ତ ଯିବ ଲୋ ଛାତି !

ମଞ୍ଜୁ—ଫାଟୁ !
କିନ୍ତୁ ଫିଟାଇବୁ ନାହିଁ ମୁଖ !
ନଚାହିଁବୁ ଖୋଲି ତୁ ନୟନ !
ନିତାନ୍ତ ସହି ନୋହିଲେ
ବେଳ ଦେଖି, ଯେତେବେଳେ
ଅନ୍ୟଆଡ଼େ ଥିବେ ସେ ଅନାଇଁ—
ଆଡ଼େ ଆଡ଼େ ତାଙ୍କ ଅଜଣାରେ
ଦେଇ ପାରୁ ଚାହିଁ ।
କିନ୍ତୁ ସାବଧାନ—
ବଡ଼ କଠିନ ସାଧନା !
ଅପଦସ୍ତ ହେବୁ ସହି ଅଭ୍ୟାସ ନଥିଲେ ।
କଲ୍ ଦେଖି—କଲ୍—

Digitized by srujanika@gmail.com

ରେଖା—(ମଞ୍ଜୁକୁ ଚୁମ୍ବିଲେ)

ମଞ୍ଜୁ—ନାଁ, ନାଁ, ନୁହଇ ସେପରି
ଏଇ ତ ମିଶାଇ ଦେଲୁ ମୋ ଆଖିରେ ଆଖି ।
ରହ ତୋତେ ଦେଉଛି ଶିଖାଇ ।
ବସ୍ (ଏକ ଆଡ଼ଆ ମୁହଁ କରି ବସାଇ ଦେଲେ)
ଫୋଡଦେ ତୁ ମୁହଁ, ଚାଳକୁ ଅନାଅଁ,
ଅଙ୍ଗୁଷ୍ଠିଏ ତୋର, କାଟୁଥାଅ ଭୂମିପରେ ଗାର ।
ଦମ୍ଭକର ମନ;
ମନେକର ଆସିଲି ମୁଁ, ବନ୍ଧୁ
ହୋଇ ଡାକିଲି ମୁଁ,—ରେଖା ।

ରେଖା—(ହଠାତ୍ ବୁଲି ଚୁମ୍ବି ଦେଲା)

ମଞ୍ଜୁ—ଏଇତ ସାରିଲୁ ସବୁ । ଚୁମ୍ବିଲୁ କାହିଁକି ମୋତେ ?
(ମୁଖ ପୁଣି ଅନ୍ୟ ଦିଗକୁ କରିଦେଇ) ମନେରଖ ।
ନୁହେଁ ମୁଁ ତୋ ସଖୀ ମଞ୍ଜୁ—ବନ୍ଧୁ ମୂର୍ତ୍ତି, ମଣିପୁର ରାଜା ।
କହାଇଛି ତୋତେ ମୁଁ ବହୁତ
ଅନ୍ତର କରିଛି ତୋତେ କିଛୁକାଳ ପାଇଁ ।
ରେଖା ଚୁମ୍ବ ।
ବନ୍ଧୁ-ଅନ୍ତରର ଦେବୀ ।
ପଲକେ ଅନ୍ତର ହେଲେ—
ଅନ୍ଧାର ପାହାଡ଼ ବଣ
ସେହି ବନ୍ଧୁ—
ଅଭିମାନ ତାଙ୍କଠାରେ କରିଛୁ ତୁ ଆଜ ।

ରେଖା—ନାଁ—ନାଁ—

Digitized by srujanika@gmail.com

ମଞ୍ଜୁ—(ଆଶ୍ଚର୍ଯ୍ୟ ହୋଇ) ନାଁ—ନାଁ ? ଅଭିମାନ କରିନାହୁଁ ?

ରେଖା—(ମୁହଁ ପୋତି ଲଜରେ) ହଁ ।

ମଞ୍ଜୁ—ତେବେ ଭୁଲ ଯେ ଯାଉନ୍ତୁ ?
ଶୁଣିଥାଁ ବସ ସେ ଡଗକୁ—ସାବଧାନ—
ଭ୍ରମେ ହେଲେ ନ ଶୁଣିବୁ କେବେ ମୋ ଆଡ଼କୁ ।
ବର୍ତ୍ତମାନ ନୁହେଁ ମଞ୍ଜୁ ମୁଣ୍ଟି—
ବନ୍ଧୁ; ବନ୍ଧୁ ବୋଲି ମନେକର ମୋତେ—
ଯେତେ ଆସି ଡାକଲେ ମୁଁ,
ନଶୁଣିବୁ କେବେ ମୋହ ଆଡ଼େ ।
ଦେଖି ! (ଦୂରକୁ ଯାଇ ସମ୍ମୁଖରୁ)
ସମ୍ମୁଖରୁ ଡାକବ ମୁଁ,
ଫେରାଇ ନେବୁ ତୁ ମୁଖ ! ମନେରଖ—
ହେଇ ଡାକଲି ମୁଁ, ମଞ୍ଜୁ ନୁହେଁ—ବନ୍ଧୁ—
ରେଖା !—
(ଠିକ୍ ଏତିକବେଳକୁ ଦୂରରୁ ବନ୍ଧୁ ଆସି ଡାକଲେ "ରେଖା"—
ରେଖା ତେଣିକି ମୁହଁ ଫେରାଇ ଦେଲା । ମଞ୍ଜୁ ଉଭୟଙ୍କ
ମଝିରେ ଯାଇ ରେଖାକୁ ନୀରବ ରହିବାକୁ ସଙ୍କେତ ଦେଲା)

ବନ୍ଧୁ—ରେଖା ! (ପାଖକୁ ଆସି) ଆରେ ମଞ୍ଜୁ ଯେ ! ବାଃ; ଦୁହେଁ
ଅଛ ଏକାଠି ! ହଠାତ୍ ଗୋଟାଏ ଗୁରୁତର କାର୍ଯ୍ୟରେ ବାହାରି
ଯାଇଥିଲି, ଭାବିଥିଲି ରେଖା ଏକା ଏକା ଅଧୀର ହେଉଥିବ !
ଭଲ ହେଇଚି ! ମଞ୍ଜୁ ପାଖରେ ଥିଲେ କି ରେଖାର ଅଛି
ଦୁଃଖ ! ରେଖା କାନ୍ଦନାହିଁ ତ ମଞ୍ଜୁ ? (ଦୁହିଁଙ୍କ ନୀରବ ଦେଖି)

Digitized by srujanika@gmail.com

ଏ କଅଣ ? ଦୁର୍ଦ୍ଦମ ଯେ ନୀରବ ! ଓଃ, ଅଭିମାନ ? ଆଚ୍ଛା ! ଦୋଷ ସ୍ୱୀକାର କରୁଛୁ, ଦଣ୍ଡ ଶାସ୍ତି—ଶିର ପାତି ନେବ—ପ୍ରସ୍ତୁତ ମୁଁ ! ଆଉ ଅଭିମାନ ଉପହାର ଆଣିଛ ମୁଁ ମଧ୍ୟ । ଆସ ଦେଖି-ଯିବ ଦୁର୍ଦ୍ଦମେ ! କି ସୁନ୍ଦର ଅଶ୍ୱ ! ପ୍ରାଙ୍ଗଣରେ ରଖିଛୁ ମୁଁ ବାନ୍ଧି ।

(ପଛପଟରୁ ଯାଇ ରେଖା ମଞ୍ଜୁ ଦୁର୍ଜୟଙ୍କ ମଣ୍ଡିରେ ଆଉ ଦୁହିଙ୍କି ଗୁହିଁଲେ, ସମସ୍ତେ ହସିଲେ)

ପଟକ୍ଷେପ

Digitized by srujanika@gmail.com

ତୃତୀୟ ଅଙ୍କ

ଉଦ୍ୟାନ

[ବଜ୍ର ଓ ରେଖା ଆସୀନ, ନୃତ୍ୟକାରିଣୀଗଣ ନୃତ୍ୟଗୀତ କରୁଥିଲେ]

—ଗୀତ—

ମହୁଲ ବନେ—ମହୁଆ ବନେ, ପଲାସ ଗୁଲ୍ମ ଦ୍ୱାରେ
କେ ରେ, କେ ରେ, ମୋତେ ଡାକେ, ମୋତେ ଡାକେ ରଙ୍ଗିମା ପ୍ରାତେ ?
ତାର ଚଞ୍ଚଳ ଚରଣେ ଆଶା ନୂପୁର ବାଜେ
ଅରୁଣ ଅଙ୍ଗେ କି ସେ ମଧୁର ସାଜେ,
କମ ନୟନ କହେ ମନ କାହାଣୀ ଲାଜେ
କମ୍ପିତ ମଧୁବାତେ—

ବଜ୍ର—ରେଖା !
ରେଖା—(ସସ୍ନେହ ଦୃଷ୍ଟିରେ ଚାହିଁଲେ)

Digitized by srujanika@gmail.com

ବଭ୍ରୁ — ଗୋଟିଏ କଥା କହିବ ?

ରେଖା — ନ କଥା, କହ ।

ବଭ୍ରୁ — ରଖିଲେ ତୁ ସିନା !

ରେଖା — କହିବ କ ଯିବାକୁ ମୁଁ ଅନ୍ତଃପୁରେ
ତୁମେ ବସି ସେ ବ୍ରାହ୍ମଣ ତୁଳେ
ପୁଣି କେଉଁଠାରୁ ଅଶ୍ୱ କରିବ ସନ୍ଧାନ ?
ଶ୍ୱେତ ସେ ବ୍ରାହ୍ମଣ,
ଶିଖାଇଛି ଯେତେ ମ୍ଳେଚ୍ଛବିଦ୍ୟା !
ମୁଁ କହୁ ଏଥର ଆଜ ନ ଶୁଣିବ କାହ୍ନି କଥା
ପାଖେ ପାଖେ ଥିବ
ଅଧିକ କହିଲେ ସେ ବ୍ରାହ୍ମଣେ କରିବ ଶାସନ !

ବଭ୍ରୁ — କାହିଁକି ?
ଶାସନ କରୁ ନା ମୋତେ ବସି ଦିନରାତି !
ତେବେ ମଧ୍ୟ ଶାସନର ସାଧ ମେଣ୍ଟି ନାହିଁ ?

ରେଖା — ତୁମେ ଯେ ଅବାଧ ! ଶାସନର ନିତାନ୍ତ ବାହାରେ !
ତୁମେ କି ମାନିବ ମୋତେ ?
ହେଇ ଆସିଲାଣି ମଞ୍ଜୁ !
ଜଣା ତାକୁ ଶାସନର ମନ୍ତ୍ର !
ମଞ୍ଜୁ ! ରହିଲୁ ଯେ ଠିଆହୋଇ !

ମଞ୍ଜୁ — ହଁ, ନବୋଢ଼ା ମିଳନ ବେଳେ ମନାଥିବ କାଲେ । ଯିବି ?

Digitized by srujanika@gmail.com

ବଜ୍ର—ଆସ ସଖି ! ନଗେନ୍ଦ୍ର ସାକ୍ଷାତ ମୂର୍ତ୍ତି ।
ଶାସକ, ଶାସିତ ମଧ୍ୟେ ଝୁଲିଅଛି ଦଣ୍ଡ କଳ୍ପନା ।
ଆସ – ଆସ –
ଦେଖ ସଖି ଭୃତ୍ୟଠାରେ ବର୍ବ୍ବରର ସ୍ୱର (ମଞ୍ଜୁ ଆସିଲେ)

ମଞ୍ଜୁ—ଓଃ, ବର୍ବ୍ବର ?
ବର୍ବ୍ବର କରିବ ମୁହିଁ ? ଏ ଦଣ୍ଡ କାହିଁକି ମୋତେ ?
କିବା ଅପରାଧ ମୋର ?
ରେଖା !

ରେଖା – ଅବାଧ ସଂକୀର୍ଣ୍ଣଭାବକ ।
ଇଚ୍ଛା କିନ୍ତୁ ମୋର –
ମଞ୍ଜୁ—ଓଃ, ବାଗୁରରେ ଧରି ତୁ ରଖିବୁ ?

ରେଖା – ଇଚ୍ଛା ମୋର –

ମଞ୍ଜୁ—ଉତ୍ତମ, ଧରି ରଖ ।

ବଜ୍ର—ଅବାଧ ଯେବେ ସେ ହେବ ?

ମଞ୍ଜୁ–ମାୟାଜାଲ ପାତି, କରି ଅନ୍ଧ କେଶରୀ ଶାବକେ
ଧରିବାକୁ ହେବ ।
ମନେ କି କରୁଛ ସଖା !
ରେଖା ନୁହେଁ ତାହିଁକି ସମର୍ଥା ?

ବଜ୍ର—(ମଞ୍ଜୁ କାନ୍ଧରେ ହାତଦେଇ କାନରେ କହିଲା)
ମଞ୍ଜୁ–ଓଃ, ଏଇ କଥା ? ଏତିକରେ ମାନବ ଅଙ୍କୁଶ !

Digitized by srujanika@gmail.com

ହଉ, ସେ ବ୍ୟବସ୍ଥା କରିଦେବି ମୁହିଁ ।
ରେଖା ! ଜାଣୁ ସଖି !
ଯଜ୍ଞଅଶ୍ୱ ବଳେ ଧରି, ସଖା ଅଜ ଆନନ୍ଦ-ବର୍ଦ୍ଧେର—
ନୃତ୍ୟେ ଯଥା ଦେବ ମାୟାଧର—
ଭୁଲାଇଲେ ଦେବତା-ମଣ୍ଡଳୀ—
ଧରି ମୋହିନୀ ମୂରତି ।

ରେଖା—ବୁଝିଲି, ବୁଝିଲି ସେଥିଲାଗି ଏ ଅବତାରଣା ?

ବନ୍ଧୁ—ରେଖା ! ବଡ଼ ଭଲ ଲାଗେ ମୋତେ ଲତାର ଦୋଳନ !
ମଳୟରେ ଆନ୍ଦୋଳିତା ଲବଙ୍ଗ ଲତିକା
ଢଳ ଢ଼ଳ ନାଚି ନାଚି ପଡ଼େ ଯେବେ—

ରେଖା—ଥାଉ ଥାଉ, ଅଧିକ ମୁଁ ନ ଶୁଣିବି କିଛି ।
ବୁଝିଲିଣି ଦୁହିଁଙ୍କ କଳ୍ପନା ।

ମଞ୍ଜୁ—ସଖି ! ଭାବୀ ରାଜରାଣୀ ! ଦୋଷ ନାହିଁ ମୋର କିଛି । ରାଜାର ଆଦେଶ, ଅଧୀନସ୍ଥ ପ୍ରଜାମାତ୍ର ମୁହିଁ । କଲି ବାଞ୍ଛାପିତ ! ଏଥିରେ ମୋ ଦୋଷ ନାହିଁ ତିଳେ ।

ରେଖା—କିନ୍ତୁ ମୁଁ ଯେ—

ମଞ୍ଜୁ—ଭାବୀ ରାଜରାଣୀ ! ଏଇ କଥା ? ଆଜ୍ଞା ତବ ଅବଶ୍ୟ ପାଳିବି । ନୋହିଲେ ଯେ ବିଷମ ବିପଦ ମୋର !

ରେଖା—(ମଞ୍ଜୁ କାନରେ କହିଲା)

ମଞ୍ଜୁ—ଓଃ, ଏଇ କଥା ? ପ୍ରୀତିର ଭଲ ଔଷଧ ମୁଁ ଜାଣେ । ଶୁଣ ?

Digitized by srujanika@gmail.com

ନୟନେ ନୟନେ ରଖ ବାନ୍ଧି ରେ ବନ୍ଧୁଆ
ନୟନେ ନୟନେ ରଖ ବାନ୍ଧି
ହେଲେରେ ଝଟ୍ଟୁମ ଗତି—ସେ ହେବ ସପନ ସାଥି,
ଲୁଚିଲେ ତାରା, ହେବୁ ଅଧୀରା, ଝଣି ଯିବ କାଢ କାଢରେ ।
ଜାଗରେ ଗୋ ଥିବୁ ସ୍ବପ୍ନିଁ—ଆଖିରେ ପଲକ ନାହିଁ
ଲୁଚି ଯିବ ସେ, ଝୁରିବ ପରା ସେ, ନମିଳିବ ସାଥି ସାଥି ସାଥିରେ ।୨।

ରେଖା—ମଞ୍ଜୁ !

ମଞ୍ଜୁ—ଓଃ, ଭଗ୍ନୀ ରାଣୀ—ହିଁ ଭୁଲିଯାଇଛୁ । କ୍ଷମାକର, କହୁଛି—
ଶୁଣ ସଖା ! ମଣିପୁର ରାଜା ! ଭଗ୍ନୀ ରାଜରାଣୀଙ୍କର ଆଦେଶ ଜଣାଏଁ—ହୁଅ ସାବଧାନ । ହେଲ ? ଶୁଣ ସାବଧାନେ—
ତୁମ୍ଭେ ଯେବେ କର ସତ୍ୟ, କେବେ ଆଜ ସଖିକୁ ମୋହର ନ କରିବ ପ୍ରାଣରୁ ଅନ୍ତର, ପୂରଣ କରିବ ସଖୀ ପ୍ରାର୍ଥନା ତୁମ୍ଭର ।

ବଭ୍ରୁ—ଏଇକଥା ? କଲି ସତ୍ୟ, ଆଜୀବନସଙ୍ଗୀ ମୋର ରେଖାକୁ ମୁଁ କେବେ ନୟନରୁ ବା ମାନସ-ପଟରୁ ନ ରଖିବି ଦୂରେ ।

ମଞ୍ଜୁ—ସଖୀ ! ହେଲାତ ଏଥର ? ଯାଅ । ଏ ଆନନ୍ଦ କ୍ଷଣେ ଆଜି ଅନୁପମ ନୃତ୍ୟେ ତବ, କର ତୃପ୍ତ ସଖାରେ ମୋହର । ହେନ ନଟବେଦନ, ଉଠ ।

ରେଖା—ଦ୍ୱାରଦେଶେ ରହ ତବେ ସନ୍ଧି ! ଆସିବେ ଯଦ୍ୟପି ମାତା—ତାଙ୍କୁ ଯେତେ ଡର ନୁହିଁ ମୋର—ଡର ମରେ ଅଧିକ ମୁଁ ବୃଦ୍ଧ ପିତାମହେ ।

ମଞ୍ଜୁ—(ହସି) ଉହୁଁ—କନ୍ଦୁ ଦୂରେ ମୁଁ ନଯାଏ, ଏ ସୌଭାଗ୍ୟ ଛାଡ଼ି ।

Digitized by srujanika@gmail.com

ଏହିଠାରେ ଥାଇ, ଲକ୍ଷ୍ୟ ରଖିଥିବ,
ଆସିଲେ ସେ ଦେବ ମୁଁ ଜଣାଇ ।

ରେଖା—(ଉଠି ନୃତ୍ୟକଲ ଓ ମଞ୍ଜୁ ଅଳ୍ପ ଦୂରକୁ ଉଠିଯାଇ, ବାହାରରୁ ଏ ନୃତ୍ୟକୁ ଲକ୍ଷ୍ୟ ରଖିଥାଏ—ନୃତ୍ୟ ଶେଷ ହେଲ ଉତ୍ତରୁ)

ବଭ୍ରୁ—(ଧରିଆଣି ରେଖାକୁ ପାଖରେ ବସାଇ) ସୁନ୍ଦର ! ଅନୁପମ ନୃତ୍ୟର ଭଙ୍ଗିମା—

ମଞ୍ଜୁ—ସଖା ! (ଠାର) ପ୍ରତିହାରୀ—

ବଭ୍ରୁ—ଆସୁ, ବସ !

ପ୍ରତି—[ଆସି ପ୍ରଣାମ କଲା]

ବଭ୍ରୁ—(ଗୃହିଣୀ) ଅସମୟେ—

ପ୍ରତି—ପାଣ୍ଡବ ପକ୍ଷରୁ ସାତ୍ୟକ ଦର୍ଶନ ପ୍ରାର୍ଥୀ ।

ବଭ୍ରୁ—ସସମ୍ମାନେ ଘେନ ଆସ ତାଙ୍କୁ ଏହିଠାକୁ ।

ପ୍ରତି—ଯଥା ଆଜ୍ଞା ! (ପ୍ରଣାମ କରି ଚାଲିଗଲା)

ରେଖା—ସାତ୍ୟକ ! କାହିଁକି ?

ବଭ୍ରୁ—ପଞ୍ଚ-ଅଶ୍ୱ ପ୍ରାର୍ଥୀହୋଇ ଆସିଥିବେ ପରା ।

ମଞ୍ଜୁ—ମୁଁ ତେବେ ଆସୁଛି ସଖା ! କୁଟିଳ ଏ ରାଜନୀତି, ଦେହରେ ନ ଯାଏ ମୋର ।

Digitized by srujanika@gmail.com

ଦେଖିଛୁ ମୁଁ
ହୃଏ କଣ୍ଠିକ୍ଲୁର ।
ଆସୁଛୁ ମୁଁ ।
(ଯିବାକୁ ବାହାରିଲା)

ରେଖା—ସଖି ! ଆସିବୁ ତ ପଛେ—

ମଞ୍ଜୁ—ଆସିବି--ଆସିବି···

ବଭ୍ରୁ—ଅନ୍ତତଃ କରିବ ଚେଷ୍ଟା ଆସିବାକୁ ସଖି
ଛଡ଼ାଇ ପଣତ କାନ ପ୍ରିୟ ସ୍ପୃଷ୍ଟିକରରୁ ।

ମଞ୍ଜୁ—ହୁଁ, ରହିଲ ମୋ ମନେ ।
ଉତ୍ତର ଏହାର ଦେବ ଆସି ଆଜ ଥରେ (ଚାଲିଗଲେ)

ବଭ୍ରୁ—ତେବେ ଆଶାରେ ରହିଲ ସଖୀ !
ଏଥି ଲାଗି ହେଲେ ଥରେ
ଦର୍ଶନତ ମିଳିବ ସଖୀର ।

ମଞ୍ଜୁ—(ନେପଥ୍ୟରୁ) ହଉ ! ହଉ !
କହିବାର ଅଛୁ ଯେତେ କହିଯାଅ ସବୁ
ଲେଖି ମୁଁ ରଖିଛୁ ।
ଯଥାକାଳେ ଉତ୍ତର ମିଳିବ ।

[ନେପଥ୍ୟରୁ] "(ପ୍ରଚ୍ଛହାସ୍ୟ ଉଚ୍ଛ୍ୱସିତ)"

ବଭ୍ରୁ—ଆସନ୍ତୁ ସାତ୍ୟକ ରେଖା !

ରେଖା—(ଉଠି ଅନ୍ୟତ୍ର ଯାଇ)
ଏଇଠାରେ ଭୂଜ ହୋଇ ବସି ମୁଁ ରହିବ ।

Digitized by srujanika@gmail.com

ବଭ୍ରୁ—(ମେଘଥୋପ ସାତ୍ୟକଙ୍କୁ ଦେଖି) ସ୍ୱାଗତ ହେ ବୀରବର !
ଆସନ ଗ୍ରହଣ କରନ୍ତୁ (ଆସନ ଦେଖାଇଲେ)

ସାତ୍ୟକ —ତୁମ୍ଭେ ମଣିପୁର ରାଜା ?

ବଭ୍ରୁ—ଅନୁମାନ ସତ୍ୟ । ମଣିପୁର ରାଜା ମୁହିଁ ।
ବଭ୍ରୁବାହ ନାମ ମୋର
ଜାଣିବ ପାରିବ ବୀର ଆଗମନ ଅଭିପ୍ରାୟ ତବ ?

ସାତ୍ୟକ —କୁରୁକ୍ଷେତ୍ର ଯୁଦ୍ଧେ ବିଜୟୀ ପାଣ୍ଡବ ।
କରିଛନ୍ତି ଅଶ୍ୱମେଧ ଯଜ୍ଞ ଆୟୋଜନ ।
ଯଜ୍ଞଅଶ୍ୱ ଭ୍ରମେ ଦେଶେ ଦେଶେ ।

ବଭ୍ରୁ— ଜାଣିଅଛୁ ।

ସାତ୍ୟକ —ଭୁବନ ବିଜୟୀ ଅର୍ଜ୍ଜୁନ ଅଶ୍ୱର ରକ୍ଷୀ ।

ବଭ୍ରୁ—(ତାଚ୍ଛଲ୍ୟ ହସ ହସି) ଓଃ, ଅର୍ଜ୍ଜୁନ ! ଭୁବନ ବିଜୟୀ !
ହସାଇଲ, ହସାଇଲ ବୀର !
ଖ୍ରିଷ୍ଟେ ବଧି ଅନ୍ୟାୟ ସମରେ,
ଛଳନା ରଚାଇ, କରି ଦ୍ରୋଣଗୁରୁ ହତ୍ୟା
ଧନଞ୍ଜୟ ଯେବେ ଭୁବନ ବିଜୟୀ ବୋଲି ଉପାଧି ଲଭିଲେ,
କି ବୋଲି ବୋଲିବା ତାକୁ—
ପିତୃହନ୍ତା ସେହୁ ?
ଶୁଣ ତୁମ୍ଭେ !
ତୁମ୍ଭ ମୁଖେ ନ ଶୁଭଇ ସୁନ୍ଦର ତ ଏହା ।

ସାତ୍ୟକ — ଅଜ୍ଞାନ ବାଳକ !

Digitized by srujanika@gmail.com

ବୁଝି ନ ପାରିବ ତୁମ୍ଭେ କୁରୁକ୍ଷେତ୍ର ଯୁଦ୍ଧର ମହତ୍ତ୍ୱ ।
ଶୁଣ ଆଗମନ ଉଦ୍ଦେଶ୍ୟ ମୋହର—

ବଭ୍ରୁ—ପ୍ରସ୍ତୁତ ମୁଁ,
ଆଗ୍ରହ ଜାଗଇ ମନେ ।
କହ କି ପ୍ରୟୋଜନେ ଏଥି ମମ ତଟେ କରିଲ
ଆଗେ ଯଦୁକୁଳ ଧୁରନ୍ଧର ବୀର !

ସାତ୍ୟ—ଶୁଣିଲି ମୁଁ ଯଜ୍ଞଅଶ୍ୱ—
ବଭ୍ରୁ—ଧରିଅଛି ମୁହିଁ ? ଏ ସମ୍ବାଦ ସତ୍ୟ ।
ସାତ୍ୟ—ହେବାର ଯା ହୋଇଅଛି ।
ଯଜ୍ଞଅଶ୍ୱ ଦିଅ ମୋତେ ଫେରାଇ ବହନ, ନଚୁ—
ବଭ୍ରୁ—ନଚୁ ? ଧନଞ୍ଜୟ ତୁଲେ ସୁନିଶ୍ଚିତ ରଣ !—
ସାତ୍ୟ—ପଢ଼ିଥିବ ଅଶ୍ୱଭାଲେ ରହିଛି ଲିଖନ !
ବଭ୍ରୁ—ଏହିତ ଲିଖନ ! ସସମ୍ମାନେ ରଖିଛି ମୁଁ ପାଶେ ।
ସାତ୍ୟ—ଉତ୍ତମ । ଅଭିପ୍ରାୟ ?

ବଭ୍ରୁ—ଅତିସ୍ପଷ୍ଟ
କହ ତୁମ୍ଭେ; ଜାଣୁଛତ ବୀର !
ସ୍ୱେଚ୍ଛାରେ ଧରିଛି ଅଶ୍ୱ
ପଢ଼ିଛି ମୁଁ ଅଶ୍ୱଭାଲେ ଲିଖନ ଯା ଅଛି ।
ତଥାପି—ତଥାପି ମୋ ଅଭିପ୍ରାୟ ଅଜ୍ଞାତ ତୁମ୍ଭର ?

ସାତ୍ୟ—ଅଦ୍ୟାପି ସମୟ ଅଛି । ଆଉଥରେ ଭାବ ଦେଖ !
ଜାଣିଛତ ଶସ୍ତ୍ର ରୂପେ କାହାକୁ ଲୋଡ଼ୁଛ ଦ୍ୱାରେ ?

Digitized by srujanika@gmail.com

ବଭ୍ରୁ—ଜାଣିବାକୁ ବାଳରଖି, ଧରନାହିଁ ଅଶ୍ୱ ।
ସାତ୍ୟ—ମୁଗ୍ଧ ହେଲି ଦେଖି ତୁମ୍ଭ ଦମ୍ଭ ।
କିନ୍ତୁ, ଦୁଗ୍ଧପୋଷ୍ୟ ଶିଶୁ !
ମିଛେ କର୍ଣ୍ଣା ବିପଦରେ କରୁଛ ବରଣ ?
ଏକେ ପାର୍ଥ ଭୁବନ ବିଜୟୀ,
ଅଗ୍ନି ସାଥୀ ପ୍ରଭଞ୍ଜନ ସମ—
ତାଙ୍କ ତୁଲେ ସହୋଦର ଭୀମ ।
ଅଗଣିତ ସୁଶିକ୍ଷିତ ସୈନ୍ୟ—
ଏ ସମସ୍ତେ ଅଶ୍ୱର ରକ୍ଷକ
କ୍ଷୁଦ୍ର ଏକ ମଣିପୁର !
ରେଖା—ମଣିପୁର କ୍ଷୁଦ୍ର ସତ୍ୟ;
କିନ୍ତୁ କ୍ଷୁଦ୍ର ନୁହେଁ ମଣିପୁର ପ୍ରାଣ ।
ଅଧିପତି ତାର ନୁହେଁ ଅସମର୍ଥ,
କ୍ଷତ୍ର ବୋଲି ପରିଚୟ ଦେବାକୁ ଆପଣେ ।
ବୀର ତୁମ୍ଭେ, ସଭ୍ୟଦେଶେ ଜନମ ତୁମ୍ଭର !
ଆସିଅଛ ରଜାର ସମୀପେ, ବାର୍ତ୍ତାବହ ରୂପେ –
ଶିଖିନାହଁ ସମ୍ଭାଷଣ !
ଜାଣିନାହଁ ରଜାର ସମ୍ମାନ ?
ବଭ୍ରୁ—ରେଖା ! (ସାତ୍ୟକଙ୍କି ଲକ୍ଷି) ଫେରିଯାଅ ମହାଶୟ !
କହିଯାଇ ତବ ଭୁବନ ବିଜୟୀ ବୀରେ,
କ୍ଷୁଦ୍ରରାଜ୍ୟ ମଣିପୁର—
ଅଧିପତି ସେ ରାଜ୍ୟର ସାମାନ୍ୟ ବାଳକ---
ବଭ୍ରୁବାହ ନାମେ;

Digitized by srujanika@gmail.com

ଧରିଅଛୁ ଯଜ୍ଞଅଶ୍ୱ ବଳେ ।
ପଣ ତାର —
ବିନା ଯୁଦ୍ଧେ ଦେବ ନାହିଁ ଅଶ୍ୱ ।

ସାତ୍ୟ—ରାଜା ବଭ୍ରୁବାହ !
ଦେଖିନାହଁ, ଜାଣିନାହଁ ଅର୍ଜ୍ଜୁନର ରଣ ।
ଅର୍ଜ୍ଜୁନର ପରାକ୍ରମ ଭୁବନ ବିଦିତ ।
ଶରମ୍ବନେ ଶତଖଣ୍ଡ କରି ମଣିପୁରେ,
ରାଜ୍ୟତୁଲେ ପ୍ରଜାକୁଳ ସ୍ୱବଂଶ ନିଧନ—
ଆମନ୍ତ୍ରଣ ନ କର ବୃଥାରେ ।
ଏବେ ମଧ୍ୟ ବିଚାରର ଅଛି ଅବସର ।

ବଭ୍ରୁ—ଧନ୍ୟ ହେଲି ଉପଦେଶ ଶୁଣି ।
କିନ୍ତୁ, ମନେରଖ—ମଣିପୁର ରାଜା ବଭ୍ରୁବାହ—
ତୁମ୍ଭ ଅନୁମାନ ସମ ନୁହଇ ବାଳକ ।
ବିଚାରର ଅବସର ଭିକ୍ଷା ମାଗୁନାହିଁ ।
ବିଚାରର ପୂର୍ବେ—ବହୁବାର କରିଛୁ ବିଚାର ।
ରାଜାର ବିଚାର ପରେ—
ବିଚାର କରିବା,
ମୋ ବିଚାରେ—ହେ ସାତ୍ୟକି !
ସାମାନ୍ୟ ସେନାଙ୍କ ପକ୍ଷେ, ଅବିଚାର ତାହା ।
ବିଚାର କରିବ ମୂର୍ଖ
କପଟୀ ଫାଲ୍‌ଗୁନୀ ଭୁଲେ—ସମ୍ମୁଖ ସମରେ ।
ସାତ୍ୟ—କି କହିଲ ରାଜା । ଫାଲ୍‌ଗୁନୀ, କପଟୀ ?
ସ୍ୱୟଂ ଯଦୁପତି ଯାର ସଖା ?

Digitized by srujanika@gmail.com

ବନ୍ଧୁ—ହଁ, ସେ କଥା କହିବ ମଧ୍ୟ--
ନିଜ ଗୁଣ ନିଜେ ବସି ବର୍ଣ୍ଣନ କରିବେ ପାର୍ଥ !
ଫେରିଯାଇ ଦିଅ ହେ ସମ୍ବାଦ ।
ଶକ୍ତି ଥିଲେ କଥା ମୋର ଦେବେ ସେ ଫେରାଇ ।

ସାତ୍ୟ—ଉତ୍ତମ—ଅଭିଳାଷ ତବ ହେବ ପୂର୍ଣ୍ଣ (ଆସନରୁ ଉଠି)
ଆସୁଛି ମୁଁ ତେବେ ।

ବନ୍ଧୁ—ହଁ, ଯିବା ପୂର୍ବେ, ଆଉ ପଦେ କଥା ମୋର—
ହେ ବୀର କେଶରୀ ! ଶୁଣିଯାଅ ।
ଜଣାଇବ ଧନଞ୍ଜୟ ଠାରେ ।
ଯୁଦ୍ଧ ଲାଗି ଯେବେ ସେହୁ ପଦାର୍ପଣ କରିବେ ଏ ଦେଶେ,
ମନେଥିବ ଯଥା—ନୁହେଁ ଏହା କୁରୁକ୍ଷେତ୍ର !
ନାହାନ୍ତି ଏଠାରେ ଧୃଷ୍ଟ !
ଧର୍ମ ଭସ୍ମେ ଶିଖଣ୍ଡୀକୁ ସମ୍ମୁଖେ କରେଇ,
ତେଜିବେ ସେ ଧନୁଶର,
ନପୁଂସକ ଭୁଲେ ରଣ—
ନୁହେଁ ବୋଲି କ୍ଷତ୍ରିୟ ଧରମ !
ଆଉ, ନୁହେଁ ମୂର୍ଖ ଶିଶୁମତି ଦ୍ରୋଣ
ମିଥ୍ୟା ବାକ୍ୟ ଶୁଣି, ଯିବ ଭୁଲି ।
ଏ ସମସ୍ତ ଗୁଡ଼, ଅନ୍ୟ ବିଦ୍ୟା ଯେବେ,
ଭେଟିବାର ଇଚ୍ଛା ଥିଲେ—
(ଇଙ୍ଗିତ କରିଦେଲେ)

ସାତ୍ୟ—ସାବଧାନ ମୂର୍ଖ !
ପ୍ରଳାପର ନାହିଁ ପ୍ରୟୋଜନ ।
ଭୁବନ ବିଜୟୀ ବୀର ଫାଲ୍‌ଗୁନୀର ନିନ୍ଦା !

Digitized by srujanika@gmail.com

ଏତେ ଦମ୍ଭ ! ଏତେ ସ୍ପର୍ଦ୍ଧା ?

ବଭ୍ରୁ — ସାତ୍ୟକ । ଦମ୍ଭ ?

ବୃଥା ଦମ୍ଭ ନୁହେଁ ମୋର !

କୁରୁକ୍ଷେତ୍ର ଯୁଦ୍ଧ । ସେ ତ ଛଳନାର ଜୟ ।

ସେଥିର ଗର୍ବେ ଉଦ୍ଧତ ହୋଇଛ ତୁମ୍ଭେ ଯାଦବର ଦଳ ।

ସେଥିପାଇଁ ଅଶ୍ୱ ଧଲେ, ଏଡ଼େ ଗର୍ବେ ବାନ୍ଧିଛ ଲିଖନ ।

ଖଣ୍ଡ ଖଣ୍ଡ ଚିରି, କରେ ତାକୁ ପଦାଘାତ

ସମ୍ମୁଖେ ତୁମ୍ଭର—

ସାଧ ଥିଲେ ନିଅ ପ୍ରତିଶୋଧ—

ଯାଅ !

ସାତ୍ୟ—ଉତ୍ତମ—(ସକ୍ରୋଧ ପ୍ରସ୍ଥାନ)

(ଚନ୍ଦ୍ରସେନ ଆସିଲେ ଏତେବେଳେ)

ଚନ୍ଦ୍ର — ବଭ୍ରୁ ! କିଏ ଆସିଥିଲା ?

ବଭ୍ରୁ—ଅଜ୍ଞାତନ ସେ ଏକ ସେନାନୀ ।

ନାମ ତା ସାତ୍ୟକ ।

ଆସିଥିଲା ଅର୍ଜ୍ଜୁନ ନିକଟୁଁ ।

ଚନ୍ଦ୍ର—ଅର୍ଜ୍ଜୁନ ନିକଟୁଁ ?

ନୁହନ୍ତି ତ ତୃତୀୟ ପାଣ୍ଡବ—ଭୁବନ ବିଜୟୀ ବୀର ?

ବଭ୍ରୁ—ଭୁବନ ବିଜୟୀ ! ମାତାମହ !

କାହା କଥା କହନ୍ତି ଆପଣ ?

ଭୁବନ ବିଜୟୀ କିଏ ?

କପଟ ସମରେ ବଧିମହାବୀର ଭୀଷ୍ମେ,

ଛଳନାରେ ବଧି ଦ୍ରୋଣାଚାର୍ଯ୍ୟ,

ଅର୍ଜ୍ଜୁନ ହୋଇଲେ ଯଦ ଭୁବନ ବିଜୟୀ ବୀର—

Digitized by srujanika@gmail.com

ଗୁରୁ ଆଜ୍ଞା କଏ ?
କପଟୀ କାହାକୁ ତେବେ କହିବା ସଂସାରେ ?
ମାତାମହ ! ଆପଣଙ୍କ ମୁଖଁ ଶୁଣି ଅର୍ଜୁନ ପ୍ରଶଂସା,
ଲଜ୍ଜା ଲାଗେ, ଦୁଃଖ ଲାଗେ ମୋତେ !
ବୀର ନୁହେ, କପଟୀ ସେ—କାପୁରୁଷ ଅତ ।

ଚକ୍ର — ଆରେ, ଆରେ ଅଜ୍ଞାନ ବାଳକ !
କାହାକୁ ତୁ କହୁ କାପୁରୁଷ ?
କ ଜାଣୁ ସଂସାର ମାତ ?
ଦୁଗ୍ଧ-ପୋଷ୍ୟ ଶିଶୁ !
କ ବୁଝିବୁ କୁରୁକ୍ଷେତ୍ର — ଯୁଦ୍ଧର ମହିମା ?
ଚକ୍ରଧାରୀ ଆପଣେ ସାରଥି ଯହିଁ,
ଅନ୍ୟାୟ ସମର ପୁଣି ତହିଁ କ ସମ୍ଭବ ?
ଗୁରୁଜନେ କରୁ ନିନ୍ଦା !
ଏହ୍ଵ କ ତୋ ଶିକ୍ଷା ପରିଣତ ?
ଏହ୍ଵ ବୁଦ୍ଧି ଘେନ ପାଳକୁ ତୁ ମଣିପୁର ରାଜ୍ୟ ?
ପ୍ରତିହାର କର ବା ଜ୍ୟ, କହ ଅବିଳମ୍ବେ—
କାହିଁକ ସେ ପେଶିଥିଲେ ସାତ୍ୟକ ସେନାରେ ।
କ ସମ୍ବାଦ ଘେନ କହ ଆସିଥିଲେ ସାତ୍ୟକ ଏଠାକୁ ।
ଅର୍ଜୁନ କ ଗୁରୁ କାର୍ଯେ୍ୟ ନିମନ୍ତ୍ରଣ କରିଥିଲେ ତୋତେ ?
ବଭ୍ରୁ — ନୁହେଁ, ନିମନ୍ତ୍ରଣ ! ମାତାମହ !
ବାଧହୋଇ ଆସିଥିଲେ ସାତ୍ୟକ ଏଠାକୁ
ମାଗିବାକୁ ଯଜ୍ଞ ଅଶ୍ଵ ମୋତେ ।

ଚକ୍ର — ଯଜ୍ଞ-ଅଶ୍ଵ ?

Digitized by srujanika@gmail.com

ବଭ୍ରୁ—ହଁ, ହଁ, ଯଜ୍ଞ-ଅଶ୍ୱ (ନେପଥ୍ୟକୁ ଦେଖାଇ) ମାତାମହ !
ଏହି ଦେଖ—
ସର୍ବଲକ୍ଷଣ ସମ୍ପନ୍ନ କ ସୁନ୍ଦର ଅଶ୍ୱ !
ଧରି ମୁଁ ଆଣିଛି ।
ଆସିଥିଲେ ସେହି ଅଶ୍ୱ ମାଗିବାକୁ ସାତ୍ୟକି ମୋ ପାଶେ ।
କିନ୍ତୁ (ନେପଥ୍ୟକୁ ଚାହିଁ) ହେଇ ଆସିଲେଣି ମାତା ।
(ଚିତ୍ରାଙ୍ଗଦା ପ୍ରବେଶ)
ଜନନୀ ଗୋ ! କର ଆଶୀର୍ବାଦ !
ଆନନ୍ଦର ଢେଉ ଆଜ ଖେଳେ ଚତୁର୍ଦ୍ଦିଗେ,
ଶୁଭ ଦିନ ଅଜ ମୋର !
କର, କର, ଆଶୀର୍ବାଦ ମାତା !
ଢାଳଦିଅ ଶିରେ ମୋର ଶୁଭାଶିଷ ଧାର !
ଚିତ୍ରାଙ୍ଗଦା—ଦୁଃଖିନୀ ନୟନ ମଣି, ଜୀବନର ଧନ !
ଆଶିଷ ତୁ ମାଗୁଅଛୁ ମୋତେ ?
ଶୟନେ ସ୍ୱପନେ ଅବା ଧ୍ୟାନେ ଜାଗରଣେ—
ତୋହ ଲାଗି ପରା ଆଶିଷର ଧାରା ନିତି ଝରେ !
ମାଗୁଛୁ ତୁ କସ ?
ଅଯାଚିତ ଦାନ ପରା ଜନନୀର ତାହା !
ବଭ୍ରୁ—(ଚରଣ ଧୂଳି ନେଇ) ସ୍ନେହମୟୀ ଜନନୀ ଗୋ ମୋର !
କରୁଣାର ମୂର୍ତ୍ତି !
ଶୁଭ ଦିନ ଆଜ ମୋ ଜୀବନେ
ଶୁଭ ଯୋଗେ ପାଇଥିଲି ଜାଣି ।
ଏତେ ଦିନେ ପୂରିବ ବାସନା ।
ଭେଟିବି ମୁଁ ତୃତୀୟ ପାଣ୍ଡବେ ।

Digitized by srujanika@gmail.com

ଚନ୍ଦା—ତୃଷ୍ଣାସ୍ତ ପାଣ୍ଡବ ! ସ୍ୱପ୍ନକଥା କହୁକ ବାଳକ !
ଆଶ୍ଚର୍ଯ୍ୟ କରିଲୁ ମୋତେ
ଫେରିଛନ୍ତି ସମ୍ବାଦ କୋ ପାଶେ ? ଏତେ ବଡ଼େ—
ବଭ୍ରୁ—ନା-ନା- ବରଂ ଆହ୍ୱାନ ମୁଁ କରୁଛି ଅର୍ଜ୍ଜୁନେ—
ଚେହିଁ ଦେଖ—

ଚନ୍ଦା—ଅଶ୍ୱ ! ସୁସଜ୍ଜିତ ବିବିଧ ରତନେ ! କାହାର ଏ ଅଶ୍ୱ !
କିଧର ପାଇଲୁ ?
ଚନ୍ଦ୍ରରଥ—ଶୁଣ ବତ୍ସେ ! ଚପଳ ବାଳକ, କରିଅଛୁ ମହାଭ୍ରମ ।
ରେଖା—ନାଁ, ନାଁ—, ନୁହେଁ ଭ୍ରମ ମାତାମହ !
ବଳେ ବଳେ ବଭ୍ରୁ ତାକୁ ଆସିଛନ୍ତି ଘେନି ।

ଚନ୍ଦା—ବଭ୍ରୁ !

ବଭ୍ରୁ—ସତ୍ୟ କଥା ମାତା ! ରେଖା ସତ୍ୟ କହୁଅଛି ।
କୁରୁକ୍ଷେତ୍ର ଅନ୍ୟାୟ ସମରେ—
ଜିଣି ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ମହାରଥୀ—
ଗର୍ବେ ମତ୍ତ ପାଣ୍ଡବ ନିକର !
ନ ଗଣନ୍ତି କାହାରିକୁ ତ୍ରିଭୁବନେ ବୀର ।
ତେଣୁ କରିଛନ୍ତି ଅଶ୍ୱମେଧ ଯଜ୍ଞ ଆୟୋଜନ ।
ଦେଶେ ଦେଶେ ବୁଲେ ଅଶ୍ୱ—ଘେନି ଲେଖା ତାର ଭାଲେ
ବଳେ ଯେହୁ ହରିବ ଅଶ୍ୱକୁ—
ଫାଲ୍‌ଗୁନୀର ତୁଲେ ତାର ଯୁଦ୍ଧ ସୁନିଶ୍ଚିତ ।
ଚନ୍ଦା—ନବୁଝି ତୁ କରିଛୁ ଅନ୍ୟାୟ !
କାହା ତୁଲେ ଯୁଦ୍ଧ ଅଭିଳାଷ ?

Digitized by srujanika@gmail.com

ବଭ୍ରୁ—କାର୍ତ୍ତିକ ? କପଟୀ ଫାଲ୍‌ଗୁନୀ ଭୁଲେ !
କ୍ଷତ୍ରିୟ ମୁଁ—
ବୀରସୁତ !
ଜଗଦ୍ଧାତ୍ରୀ ଜନନୀର ଆଶୀର୍ବାଦ ଝରେ—
ସେ କି ଡରେ ଘୁର ଅର୍ଜ୍ଜୁନରେ ?
ଆଶୀର୍ବାଦ କର ମାତା ! ଦିଅ ପଦଧୂଳି ।
ଭେଟିବି ମୁଁ ଅଚିରେ ଅର୍ଜ୍ଜୁନେ—
ସମର ପ୍ରାଙ୍ଗଣେ ।
ଦେଖିବେ ଫାଲ୍‌ଗୁନୀ—
ଅରଣ୍ୟ ପ୍ରଦେଶେ ଜନ୍ମେ
ସିଂହର ଶାବକ ।
ଦିଅ ଅନୁମତି ମାତା !

ଚିତ୍ରା—ଦେବି ଅନୁମତି ?
କାହାତୁଲେ ଯୁଦ୍ଧ ଆଚରିବୁ ?
କାହା ଦର୍ପ କରିବୁ ତୁ ଚୂର୍ଣ୍ଣ ?
ଅସମ୍ଭବ ଇଚ୍ଛା ତୋର—ଅସମ୍ଭବ ଏହି ଯୁଦ୍ଧ ।

ବଭ୍ରୁ—କାହିଁକି ଜନନୀ ?

ଚିତ୍ରା—ବଭ୍ରୁ ! ଏତେ ଦିନ କହି ନାହିଁ ତୋତେ !
ପିତା ତୋର—
ଭୁବନ-ବିଜୟୀ ବୀର ଧନଞ୍ଜୟ ।

ବଭ୍ରୁ—ପିତା ମୋର ଧନଞ୍ଜୟ । ତୃତୀୟ ପାଣ୍ଡବ ।
ସତ୍ୟ ! ଏ କଥା କି ସତ୍ୟ ଗୋ ଜନନୀ !

Digitized by srujanika@gmail.com

ଚିତ୍ରା—ବଭ୍ରୁ—ସତ୍ୟ, ପିତା ତୋର ତୃତୀୟ ପାଣ୍ଡବ ।
ଅସମ୍ଭବ ପିତା ପୁତ୍ରେ ବାଦ ।
ଯାଅ ବତ୍ସ ! ଅଶ୍ୱ ଘେନ ଭେଟ ତୁ ଜନକେ ।
ଅପରାଧ ମାଗ ଶିର ପାତି ।

ରେଖା—ବଭ୍ରୁ ! ବଭ୍ରୁ ! ନକର ବିଳମ୍ବ ! ଚାଲ—
ଯିବା ଦୁହେଁ ପାଣ୍ଡବ ଶିବିରେ—ଅଶ୍ୱ ଘେନ ।
ଧନଞ୍ଜୟେ ଆଣିବା ନବରେ, କରି ନିମନ୍ତ୍ରଣ ।

ଚିତ୍ରରଥ—ନିଜେ ମୁହିଁ ଯିବି ବଭ୍ରୁ ତୁଲେ ।
ଦେଇ ପରିଚୟ, ପୁତ୍ର ସ୍ନେହେ କରି ବନ୍ଦୀ—
ପାଷାଣ ହୃଦୟେ—ଆସିବି ମୁଁ ଘେନି !
ଏତେ ଦିନେ, ବିଧାତାର ଆଶୀର୍ବାଦେ
ତପ୍ତ ବୁକେ ହେବ ମୋର ସଲିଳ ସଞ୍ଚାର ।
ପତି-ପରିତ୍ୟକ୍ତା ମାଆ ମୋର !
ଶୁଷ୍କମୁଖେ ଦେଖି ତୋର ଛଳଛଳ ଆଖି,
ଫାଟିଯାଏ ଅହରହ ବୁକୁ !
ବଭ୍ରୁ ! ବିଳମ୍ବ ନକର ।

ବଭ୍ରୁ—ମାତାମହ !
ବୀର ତୁମ୍ଭେ, କ୍ଷତ୍ରିୟ ପ୍ରଧାନ !
ସମର ଘୋଷଣା କରି,
କପରି ମୁଁ, କହ—
ବିନା ଯୁଦ୍ଧେ ଫେରି ଦେବି ଅଶ୍ୱ ?
କି କହିବେ ଲୋକେ ।

Digitized by srujanika@gmail.com

ରହିବ କଳଙ୍କ ମୋର—
ପ୍ରାଣ-ଭୟରୁ ଖୋଲ ବସ୍ତ୍ର ବାନ୍ଧ
ସମର୍ପିଲି ଅଶ୍ୱ ନେଇ ପାଣ୍ଡବ ଶିବିରେ ।
ଗୌରବ ବଢ଼ିବ ମୋର—
ପିତାଙ୍କର ମଧ୍ୟ,
ଯୁଦ୍ଧେ ଯଦି ଦେବି ପରିଚୟ—
ମୁହିଁ ବୀର-ସୁତ ବୋଲି ।
ଜନନୀ ଗୋ ! ବସ୍ତୁର ମାନସେ ।
ଖୋଜୁ ବୋଲି ଦେଲେ ପରିଚୟ
ଜନେ ସିନା ହସିବେ ଜଗତେ !
ବୀର-ମାତା !

ହସି ହସି ଦିଅ ଅନୁମତି ।
ଶତମୁଖେ ପ୍ରଣାମ କରିବି ମୁହିଁ ଜନକ ପଦରେ ।
ଦିଅ ଗୋ ଆଦେଶ :

ରାଣୀ—କିପରି ମୁଁ ଦେବି ଅନୁମତି ?
ପିତା ଭୁଲେ ପୁତ୍ରର ସମର !
ଛି, ଛି, ଅସମ୍ଭବ କଥା ।
ଶୁଣି ନାହୁଁ ବତ୍ସ ଶାସ୍ତ୍ରବାଣୀ ?
ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବ ଦେବତା ।

ବଭ୍ରୁ—କିନ୍ତୁ ଜନନୀ ଗୋ !
ଶପଥ ଯେ କରିଛି ମୁଁ ଛୁଇଁ ବ୍ରାହ୍ମଣର ପାଦ—
ବିନା ଯୁଦ୍ଧେ ଦେବି ନାହିଁ ଅଶ୍ୱ !

Digitized by srujanika@gmail.com

ଚଣ୍ଡ—ବ୍ରାହ୍ମଣ ! କଏ ସେ ବ୍ରାହ୍ମଣ ?
କେତେ କାଳ ପରିଚିତ ତୋର ?
ଯବ ପରିତ୍ୟକ୍ତା ମୂର୍ତ୍ତି ଅଭାଗୀ ଜନନୀ ତୋର
ରକ୍ତ ଦେଇ ଗଢ଼ିଥିଲ ତୋତେ,
ମୁଖ ଦେଖି ହରେଁ ଯେତେ ଦୁଃଖ ।
ନିଷ୍ଠୁର ଲଖନ !
ତୋତେ କି ଦୋଷିବ ବାବୁ !
ଦୁଃଖେ ଯାର ଜୀବନଟା ଗଢ଼ା,
ମାର ଯାର ନିପୁଣ ସଙ୍ଗିନୀ,
ସେ ନାରୀ ଲଭିବ କାହୁଁ ପୁତ୍ରର ଗୌରବ ?
କାନ୍ଦିତ ବ୍ରାହ୍ମଣ—ଅଚିହ୍ନା ଅଜଣା—
ସେ ଆଜ ହୋଇଲା ଆସି ଧର୍ମ ଉପଦେଷ୍ଟା !
ବାକ୍ୟ ତାର ବଭ୍ରୁ ପାଶେ ଦେବତା ଆଦେଶ !
ଜନନୀ ମୁଁ ! ଗର୍ଭ ଧରି ସୁନାର ପ୍ରତିମା,
ନପାରିଲି ନିବର୍ତ୍ତାଇ ସନ୍ତାନ ମୋହର—
ମିତ୍ର ଭୁଲେ ସଂଗ୍ରାମ ଚେଷ୍ଟାରୁ ?
ହେ ପିତୃବ୍ୟ !
ବହୁ ଦୁଃଖେ ଧରିଥିଲି ଜୀବ
ଏକା ବଭ୍ରୁ ମୁଖ ଚାହିଁ
ଶେଷେ ଏହି ସୁଖ ଦେଖିବା ପାଇଁ କି ?
ପିତା ପୁତ୍ରେ ରଣ ।
ନାଁ, ଚଣ୍ଡି ପ୍ରଭେ—(ଫେରି ବୁଲିବାକୁ ବସିଲେ)
ବଭ୍ରୁ—(କାତର ହୋଇ ଲୁଣ୍ଠାଇ)
ମା—ମା, କାହିଁ ଯାଅ—

Digitized by srujanika@gmail.com

ଉପେକ୍ଷି ଏ ଅଧମ ସନ୍ତାନେ ?

ବ୍ରାହ୍ମଣ—(ପ୍ରବେଶ ହୋଇ) ବଭ୍ରୁବାହ !

ବଭ୍ରୁ—[ମାଆଙ୍କ ପାଖରୁ ଆସି ବ୍ରାହ୍ମଣ ଆଡ଼କୁ ଚାହିଁଲେ]

ବ୍ରାହ୍ମଣ—ଶପଥ ସ୍ମରଣ ନାହିଁ ?
ଜାଣିଥିବ ବ୍ରହ୍ମ ଅଭିଶାପ !
(ବଭ୍ରୁ ନୀରବ ରହିବା ଦେଖି)
ନୀରବ କାହିଁକ ?
ବଭ୍ରୁ !

ଚଣ୍ଡୀ—ବଭ୍ରୁ !

ବଭ୍ରୁ—(ବ୍ରାହ୍ମଣ ପ୍ରତି) ନାଁ ନାଁ ବ୍ରାହ୍ମଣ ! ଅଭିଶାପ ! (ମାଆଙ୍କ ଆଡ଼କୁ ଫେରି) ଶିରେ ମୋର ଜନନୀର ଆଶୀର୍ବାଦ ଥିରେ (ମାଆଙ୍କ ପଦ ଧରି ମୁଖକୁ ଚାହିଁଲେ)

—:୦:—

ପଟକ୍ଷେପ

Digitized by srujanika@gmail.com

ଚତୁର୍ଥ ଅଙ୍କ

[ମଣିପୁର ନଗରର ଏକ ପ୍ରାନ୍ତ । ଆରଣ୍ୟ ମଧ୍ୟରେ ପାଣ୍ଡବ ଶିବିରରେ ଏକାକୀ ଅର୍ଜ୍ଜୁନ—ଚିନ୍ତାନ୍ୱିତ । ଅଦୂର ନେପଥ୍ୟର ସଙ୍ଗୀତ ଯେପରି ସେ ଅବହିତ ଭାବରେ ଶୁଣୁଥିଲେ]

—ଗୀତ—

ଫେରିଆରେ ପଥହରା ପାନ୍ଥ !
ସପନ ସଫଳ କର
ଆଖି ମେଲ ଆ ରେ ।

ଏ ସମୀରେ, ଗନ୍ଧ ଢାଳେ; ସେ କୁସୁମ ମହୁଆ
ଗୁଞ୍ଜରିଲ ସେ ଭ୍ରମର ଫେରି ଝୁର୍ଦ୍ଧା ବାରେ—। ୧ ।

ଅର୍ଜ୍ଜୁନ—ସ୍ୱପ୍ନ ! ଜାଗରଣେ ଦେଖେଁ ଆଜ ସ୍ୱପ୍ନ—
ଝିଲ୍ଲୀଝଙ୍କାରିତ, ସୁକୋମଳ-ବାଲୁଶଯ୍ୟା-ବାସ୍ପ

Digitized by srujanika@gmail.com

ଶୁଭ୍ର ଏକ ନିର୍ଝରଣୀ ତଟେ—
ଅଶୋକର ଛାଇ ।
ମଧୁ ମାସେ, ଭ୍ରମର ଗୁଞ୍ଜିତ;
ଫୁଲ-ଭରେ ଅବନତ ମାଧବୀର ଏକାକୀ ଶାଖାଟି—
ମଳୟର ସରସ ପରଶେ, ଖେଳେ ଦୋଳ—
କୋକିଳର କୁହୁ ତାଳେ ତାଳେ
ଥରେ ଥରେ ଢଏ ଚୁମ୍ବି ଝରଣାର ହିୟା ।
କିବା ସେ ପୁଲକ, ଦୂରୁ ହେରେ
ଆନମନା ଗଣବଣା ଏଣୀ—
ନୀରବ, ନିସ୍ପନ୍ଦ, ଅପଲକ ନେତ୍ରେ ।
ଯୌବନର ଏକ ମଦିର ନିଶୀଥେ
ସ୍ନିଗ୍ଧ ଶଶିକର ତଳେ—
ସ୍ୱପନ ହିଦୋଳର ମୋର ଏ ନୟନ ବେନି ।
ପଥହରା ପଥିକାରେ ଆଶ୍ରୟ ସମାନ—
ବନ୍ଦୀ ହେଲ ଅଯାଚିତ ଅର୍ଘ୍ୟ ଲଭି ଯାର,—
ଏହି ସେହି ମଣିପୁର ।
ଜାଗରଣେ ଦେଖେ ଆଜ ଯୌବନର ସ୍ୱପ୍ନ ।
ପଥହରା ପାନ୍ଥ ! ସ୍ୱପନ ତୋ ହୋଇଛି ସାର୍ଥକ
ଶୁଣି ଏଇ ମଣିପୁରେ
ପୃଥିବୀର ଅପରୂପ ଅପ୍‌ସରୀର ଦେଶେ—
ସେହି ଗୀତ, ସେହି ଛନ୍ଦ, ସେହି ସ୍ୱରର ମୂର୍ଚ୍ଛନା,
ଏତେ ଦିନେ ପୁଣି, ଶିହରଣ ଆଣେ ଯାହା ବୁକେ
କ୍ଷୁଦ୍ର ଏକ ବାୟୁଧାର ପଥହରା ପାନ୍ଥ ଲାଗି—
ବହିଆଣେ ସତେ କି ସମ୍ବାଦ !

Digitized by srujanika@gmail.com

(ବୃଷକେତୁ ପ୍ରବେଶ)
କ ସମ୍ବାଦ ବୃଷକେତୁ ?
ବୃଷ—ଅଘଟଣ ଘଟିଅଛୁ ଦେବ—
ଜୀବନର ନବ ଅନୁଭୂତ ।
ଅଶ୍ୱର ପ୍ରହରୀରୂପେ ସାତ୍ୟକିର ଭୁଲେ,
ଥିଲି ମଣିପୁର ପ୍ରାନ୍ତେ,
ସର୍ବତର ନମ୍ରଦେଶେ ଅରଣ୍ୟ ମଝିରେ ।
ଅକସ୍ମାତ୍ ବଜ୍ରାଳ ଝଟକ ପରି
ଉତ୍କ୍ଷିପ୍ତ ବନ ଦେଶ
ରୂପର ବନ୍ୟାରେ ।
ଗୌରତନୁ, ଆଜାନୁଲମ୍ବିତ ବାହୁ,
ସୁଠାମ ସୁନ୍ଦର ଯୁବା,
ହାସ୍ୟରେଖା ଲେଖା ସତେ
ସତତ ଅଧରେ;
ଚପଳ ଚରଣେ ଆସି, ନମିଷକେ ନେଲା ଅଶ୍ୱ ହର ।
ଅର୍ଜ୍ଜୁନ —ବୁଝିଛ କଏ ସେହି ଯୁବା ?
ବୃଷ—ହଁ ଦେବ !
ପାଇଛି ସନ୍ଧାନ ।
ବଭ୍ରୁବାହ ନାମ —
ମଣିପୁର ରାଜା
ପିତୃନାମ ଅଜ୍ଞାତ ମୋହର
ଶୁଣିଲି ମୁଁ ମାତ୍ର, ଜନନୀ ତାହାର—
ମଣିପୁର ରାଜ-ନନ୍ଦିନୀ,
ଦେବୀ ଚିତ୍ରାଙ୍ଗଦା ।

Digitized by srujanika@gmail.com

ଅର୍ଜୁନ—କି ନାମ ? ଚିତ୍ରାଙ୍ଗଦା ?
ଚିତ୍ରାଙ୍ଗଦା ଜନନୀ ତାହାର ?
ଯାଅ ବତ୍ସ ! ଭୟ ନାହିଁ—
ଯଜ୍ଞ ଅଶ୍ୱ ଅଚିରେ ଫେରିବ !

ବୃଷ—ଅଚିରେ ଫେରିବ ? ବିନା ଯୁଦ୍ଧେ ?

ଅର୍ଜୁନ – ହଁ, ବିନା ଯୁଦ୍ଧେ !

ବୃଷ – ପିତୃବ୍ୟ ! ସନ୍ଦେହ ଜାଗଇ ମନେ—
ବଭ୍ରୁବାହ ନୁହେଁ କେବେ ସାମାନ୍ୟ ଯୁବକ !
ନୟନର କୋଣେ ତାର—ମନେହେଲା—
ପ୍ରଳୟର ବହ୍ନି ।

ଅର୍ଜୁନ—(ଅଳ୍ପ ହସି) ହୁଁ ! ପ୍ରଳୟ ବହ୍ନି ।
ପ୍ରଳୟର ବହ୍ନି ମଧ୍ୟେ ଜାଗଉଣ ତାଗ ।
ନୁହେଁ ଦୁଃସମ୍ବାଦ ।
ଯାଅ, କର ଯା ବିଶ୍ରାମ ।

ବୃଷ—ସାତ୍ୟକି ଯେ ଯାଇଛନ୍ତି ବଭ୍ରୁବାହ ପାଶେ
ଅବଧି ନାହାନ୍ତି ଫେରି ।
ସମ୍ବାଦ ତ ଜଣାନାହିଁ କିଛି ।

ଅର୍ଜୁନ – ତଥାପି ନିଶ୍ଚିନ୍ତ ରହ ।

ବୃଷ—ଜାଣିଛ କି ଦେବ ! କିଏ ସେହି ବଭ୍ରୁବାହ ?

ଅର୍ଜୁନ—ବଭ୍ରୁବାହ ! (ଦୀର୍ଘ ଶ୍ୱାସ ପରେ)

Digitized by srujanika@gmail.com

ହଁ, ବଭ୍ରୁବାହ ନଚାନ୍ତ ଆତ୍ମୀୟ ଜନ,
ଜାଣିବ ସକଳ ।
ଭୟ ନାହିଁ—ଫେରନ୍ତୁ ସାତ୍ୟକ;
ନିଶ୍ଚିନ୍ତେ ବିଶ୍ରାମ କର ।

କୃଷ — ଯଥା! ଆଜ୍ଞା ଦେବ ! (ପ୍ରସ୍ଥାନ କଲେ)

ଅର୍ଜ୍ଜୁନ—(ଆସନରୁ ଉଠି ବିହ୍ୱଳଚିତ୍ତରେ ପଦଚାରଣ କରୁ କରୁ)
ଉତ୍ସବ ! ଉତ୍ସବ !
ଅନ୍ତରେ ବାହାରେ ମୋର ଉତ୍ସବର ମହା କଳରବ !
ଚିତ୍ରାଙ୍ଗଦା ?
ପତି-ପରିତ୍ୟକ୍ତା ଅଭାଗିନୀ ନାରୀ—
କ୍ଷମାକର, କ୍ଷମାକର—ପାଷାଣ ପତିରେ ତୋର ।
ବଞ୍ଚିଅଛି ଅର୍ଜ୍ଜୁନ ସନ୍ତାନ,
ଚିତ୍ରାଙ୍ଗଦା ଗର୍ଭେ—ବଭ୍ରୁବାହ ମଣିପୁର ରାଜା
ପିତୃ ଆଶୀର୍ବାଦେ— ଦୀର୍ଘଜୀବୀ ହୁଅ ବତ୍ସ !
ହୁଅ ବିଶ୍ୱ ଜୟୀ !
ଉତ୍କଣ୍ଠ ମାନସ—
ବାର ବାର ହୁଏ ଉଦ୍‌ବେଳିତ
ଶୁଣିବାକୁ ତୋ ମୁଖରୁ ପିତା ବୋଲି ଥରେ ।
ଉତ୍ସବରେ ମାତିଉଠେ ବିଶ୍ୱ
କୂଳ ଲଙ୍ଘି ଧାଏଁ ଆଜ
ଆନନ୍ଦ ନିର୍ଝର !
ଉତ୍ସବ ! ଉତ୍ସବର କର ଆୟୋଜନ ।
(ଶ୍ରୀକୃଷ୍ଣ ପ୍ରବେଶ)

Digitized by srujanika@gmail.com

ଆସ, ଆସ ସଖା !
ଅନ୍ତର୍ଯ୍ୟାମୀ ଜାଣିଲ କି ମନକଥା ମୋର ?
ଭାବୁଥିଲି ମନେ ମନେ ତୁମର ଆଗମ ।
ଶ୍ରୀ—ଦ୍ୱାରକାରେ ଥିଲି ସଖା,
କେଜାଣି କାହିଁକି, ଉତ୍କଣ୍ଠିତ ହେଲା ମନ—
ଦେଖିବାକୁ ତୁମ୍ଭଙ୍କୁ ଫାଲ୍‌ଗୁନି !
ଆସିଛି ମୁଁ ତେଣୁ ।
କୁଶଳ ତ ସବୁ ?
ଅ—ଜନାର୍ଦ୍ଦନ ! ସଖା ଯାର ଆପଣେ ଗୋବିନ୍ଦ,
ଯା ସାରଥି ନିଜେ ଚକ୍ରଧାରୀ—ନାରାୟଣ ଆଶିଷ ଯା ଶିରେ;
ଅମଙ୍ଗଳ ସମ୍ଭବ କି ତାର ?
ସୌଭାଗ୍ୟ ମୋହର ସଖା ! ଶୁଭକ୍ଷଣେ ଦର୍ଶନ ଲଭିଲି ।
ଆସ ସଖା, ଦିଅ ଆଲିଙ୍ଗନ ! କରିଅ ଉତ୍ସବ ।
ଏ ଉତ୍ସବ ଅପୂର୍ଣ୍ଣ ରହନ୍ତା ସିନା ତୁମ୍ଭ ବିନା ସଖା !
ଶ୍ରୀ—କି ଉତ୍ସବ ସଖା !
ଅ—ଜାଣ ତ ଗୋବିନ୍ଦ ! ମନକଥା ମୋର ?
ସବୁ ତୁମର ଆଶିଷ ।
କୁରୁକ୍ଷେତ୍ର ଯୁଦ୍ଧେ ଜେତା ମୁହିଁ
ଭୀଷ୍ମ, ଦ୍ରୋଣ, କର୍ଣ୍ଣ ମହାରଥି ସର୍ବେ ପରାଜିତ ରଣେ—
ଅର୍ଜୁନର ଭୁଜେ ।
ସତ୍ୟ ବଟେ ଅର୍ଜୁନର ଜୟ, କିନ୍ତୁ ମନକଥା ଜାଣ କି ଗୋବିନ୍ଦ ?
ନାଚେ ଏକ ଅହରହ ଶାବକ ଚକ୍ଷୁରେ ମୋର କରେ ହାହାକାର ।
ଅଭିମନ୍ୟୁ ମୃତ୍ୟୁ ଏକା କାରଣ ତାହାର ।
(ଧରିକି ଶ୍ରୀକୃଷ୍ଣଙ୍କ ହାତ ନେଇ)

Digitized by srujanika@gmail.com

ଅନ୍ତର ମନ୍ଦିରେ ମୋର—ଦେଖ,
ଅନୁଭବ କର ନାରାୟଣ !
କି ଘର୍ଷଣ କ୍ଷତ ।
ପୀଡ଼ନେ ତାହାର, ଅର୍ଦ୍ଧମୃତ ହୋଇଥିଲି ସଖା !
ସୁପ୍ରଭାତ, ସୁପ୍ରଭାତ ଆଜ !
ପାଇଛି ସନ୍ଧାନ, ଅଦ୍ୟାପି ସନ୍ତାନ ଏକ ଜୀବିତ ମୋହର ।

ଶ୍ରୀ—ସଖା, ସତ୍ୟ ? ସନ୍ତାନ ତୁମ୍ଭର ?
କାହିଁ ସେହି ନୟନ ପ୍ରତିମା ?
ଅ—ମନେଥିବ ସଖା ! କହିଥିଲି ବହୁଦିନ ପୂର୍ବେ—
ମଣିପୁର ରାଜଜେମା ଚିତ୍ରାଙ୍ଗଦା କଥା ?

ଶ୍ରୀ—ହଁ, ମନେହେଲା—ଗାନ୍ଧର୍ବ ବିବାହ ?
ଅ—ହଁ ଗାନ୍ଧର୍ବ ବିବାହ !
ସେ ବିବାହ ଫଳରୂପେ—ଚିତ୍ରାଙ୍ଗଦା ଗର୍ଭେ ବୀର ବଭ୍ରୁବାହ,
ମଣିପୁର ରାଜା ।

ଶ୍ରୀ—କେବେ ତୁମ୍ଭେ ଦେଖିଅଛ ସଖା ?
ଅ—କମନୀୟ କାନ୍ତ, ଦିବ୍ୟତେଜ ଯୁବକ ସେ—
ଦେଖିଅଛି ବୃଷକେତୁ ତାକୁ ।
ଶ୍ରୀ—ବୃଷକେତୁ କପରି ଦେଖିଲା ?
ଅ—ଯଜ୍ଞଅଶ୍ୱ ଭ୍ରମୁଥିଲା ମଣିପୁର ପ୍ରାନ୍ତେ,
ଚପଳ ବାଳକ ଧରିଅଛି ସେହି ଅଶ୍ୱ ।

ଶ୍ରୀ—ଏ କି ସତ୍ୟକଥା ସଖା ? ବଭ୍ରୁବାହ ତୁମର ସନ୍ତାନ ?

ଅ—ସନ୍ଦେହ ନ କର ସଖା !

Digitized by srujanika@gmail.com

ଚିତ୍ରାଙ୍ଗଦା ଗର୍ଭେ ବଭ୍ରୁବାହନ ମୋହନ ସନ୍ତାନ ।
ଅର୍ଜ୍ଜୁନ-ନନ୍ଦନ ଯେବେ ଦେଖ, ଦେଖ, ଦେବ ଜନାର୍ଦ୍ଦନ !
ଆନନ୍ଦସାଗରେ ଉଠେ ଉତ୍ସବ ତରଙ୍ଗ ।
ତରୁଲତା ଫଳଫୁଲ ଭରା
ସହସା ବସନ୍ତ କାହିଁ ଧରାରେ ଆଇଲା !
ସଖା ! ବୁଝୁନାହିଁ ମଳୟ ସଞ୍ଚାର ?
ଉତ୍ସବ, ଉତ୍ସବ, ତୁମ୍ଭେ ମୋର ସଖା !
ତୁମ୍ଭେ ମୋର ବନ୍ଧୁ—
ପ୍ରିୟାଦପି ପ୍ରିୟ ତୁମ୍ଭେ ମୋର
ଅର୍ଜ୍ଜୁନର ଏ ଆନନ୍ଦ ଦିନେ—
ଆପଣେ ଗୋବିନ୍ଦ – ଉତ୍ସବର କର ଆୟୋଜନ ।
(ସାତ୍ୟକି ପ୍ରବେଶ)

ସାତ୍ୟକି—ଆୟୋଜନ ! ଆୟୋଜନ ଲାଗି ଦିଅ ଆଦେଶ ଫାଲଗୁନି !
ବାଜୁ ରଣଶିଙ୍ଗା, ଭେରୀ, ମର୍ଦ୍ଦଳ, ମହୁରୀ
କମ୍ପିଉଠୁ ଦିଗ ଦିଗାଙ୍ଗନ ।
କ୍ଷୁଦ୍ର ରାଜ୍ୟ ମଣିପୁର—
ଅଧିପତି ତାର ଏକ ଅଜ୍ଞାନ ଅର୍ଭକ ।
ଅସଭ୍ୟ ବର୍ବର ଜାତି
ବଳେ ହରି ଯଜ୍ଞ ଅଶ୍ୱ—ଦମ୍ଭେ ପୁଣି ଗରଜି କହିବ—
ବିନା ଯୁଦ୍ଧେ ଅଶ୍ୱ ନାହିଁ ଦେବ ?
ଶ୍ରୀକୃଷ୍ଣ—ଶାନ୍ତ ହୁଅ ହେ ସାତ୍ୟକି ! ଧର ଧୈର୍ଯ୍ୟ, କି ସମ୍ବାଦ କହ ?
ସାତ୍ୟ—ଦେବ ! ମଣିପୁର ପ୍ରାନ୍ତେ, ଯଜ୍ଞ ଅଶ୍ୱ ଚଳି ଯେବେ ବୁଲି,
ଚପଳା ଚମକେ, ଆସି ଏକ ଅଦ୍ଭୁତ ଯୁବକ--

Digitized by srujanika@gmail.com

ହରନେଲ ମନ୍ତ୍ର-ପୂତ ଅଶ୍ୱ ।
ସନ୍ଧାନେ ବୁଝିଲ, ବଭ୍ରୁବାହ ନାମ ତାର, ମଣିପୁର ରାଜା !
ବୃଷକେତୁ ଥିଲେ ମୋର ଭୁଲେ ।
ଶିବିରେ ପଠାଇ ତାଙ୍କୁ ସମ୍ବାଦ ଦେବାକୁ
ହଜେ ମୁହିଁ ଗଲ ସେହି ବଭ୍ରୁବାହ ପାଶେ ।
କହିଲ ମୁଁ, ଯଜ୍ଞଅଶ୍ୱ ଦେବାକୁ ଫେରାଇ ।
ଦୂରେ ଥାଉ ଅଶ୍ୱ ଦେବା କଥା
ଅପମାନ କରି କଥା କହିଲ ଯା ଇଚ୍ଛା ।
କଟୁକଥା କହିଲ ଅର୍ଜ୍ଜୁନେ
ଜଳଗଲ ଅନ୍ତରାତ୍ମା ଶୁଣି ତାର ବାଣୀ
ଅଦ୍ୟାପି ଲାଗଇ ଯଥା—
ଶ୍ରବଣେ ଧ୍ୱନିତ ହୁଏ କଟୂକ୍ତି ତାର ।
ଅଧିକନ୍ତୁ ଦୁର୍ବିନୀତ ଗର୍ବିତ ଯୁବକ,
ଅଶ୍ୱଶିର ସୁପବିତ୍ର ଲିଖନ ଆମ୍ଭର
କରି ଖଣ୍ଡ ଖଣ୍ଡ ବିଖଣ୍ଡିତ, ପଦାଘାତ କଲା ମୋ ସମ୍ମୁଖେ ।
ଶ୍ରୀକୃଷ୍ଣ —ଜାଣିନାହିଁ ଅଜ୍ଞାନ ବାଳକ
ବୁଝିନାହିଁ କାହାକୁ କହୁଛି କସ ।
ଯାଅ ତୁମ୍ଭେ, କରଯା ବିଶ୍ରାମ ।
କର୍ତ୍ତବ୍ୟ କରୁଛି ସ୍ଥିର ।
ସାତ୍ୟକ— ନାରାୟଣ ! ଦେଖିନାହିଁ ବର୍ବରର ଦର୍ପ
ତେଣୁ ବସିଛନ୍ତ କର୍ତ୍ତବ୍ୟ କରିବ ସ୍ଥିର
ଆଜ୍ଞାଦିଅ, ଅବିଳମ୍ବେ, ସାଜୁ ସୈନ୍ୟ
ରେଣୁ ରେଣୁ କରି ଏହି କ୍ଷୁଦ୍ର ମଣିପୁରେ

Digitized by srujanika@gmail.com

ପଦାଘାତେ ଦେବାଘାତେ ଦେବୁ ଧୂଳିକଣାରେ ମିଶାଇ ।
ଅପମାନ !—ଜୀବନେ ଯା କ୍ଷେତ୍ରି ଜାଣି ଦେବ—
ମାରବେ ସମ୍ଭବ କଏ ଥାଉଁ ଧନୁଶର ?

ଅର୍ଜ୍ଜୁନ—ସାତ୍ୟକ ! ନ ହୁଅ ଅଧିର
ଅବଲମ୍ବେ ଜଣାଉଛୁ କର୍ତ୍ତବ୍ୟ ତୁମର । ଯାଅ--କର ହେ ସଂଗ୍ରାମ ।

ସାତ୍ୟକ—ଯଥା ଆଜ୍ଞା ଦେବ ! (ପ୍ରସ୍ଥାନ)

ଅର୍ଜ୍ଜୁନ—ସଖା ! ଆଶ୍ଚର୍ଯ୍ୟ ଲାଗଇ ମୋତେ
ଅଜ୍ଞାନ ବାଳକ—
ଜାଣିଶୁଣି ପିତୃ ତୁଲେ ସମର ବାଞ୍ଛଇ !

ଶ୍ରୀକୃଷ୍ଣ—(ହସି) କିନ୍ତୁ ନ ଲାଗେ ଆଶ୍ଚର୍ଯ୍ୟ ମୋତେ ।
ବୁଝିଲି ମୁଁ ହେ ଫାଲ୍‌ଗୁନି ! ବଭ୍ରୁବାହ ତୁମର ସନ୍ତାନ ।
ବୀର-ସୁତ ବୀର-ଜନକର ।
ଧରିଅଛୁ ଅଶ୍ୱଯଜ୍ଞ--
ଖାରୁପର କାହିଁକି ସେ ଫେରିଦେବ କହ ?
ଏହି ରକ୍ତ ବହଇ ତ ଧମନୀରେ ତାର—
ସାତ୍ୟକରେ ଯେବେ ବଭ୍ରୁ ଦେଇଥାନ୍ତା ଅଶ୍ୱ,
ଶୁଣି ମାତ୍ର ଅର୍ଜ୍ଜୁନର ନାମ !
ନିଶ୍ଚୟ ମୁଁ ବୁଝିଥାନ୍ତି, ନୁହେ ସେହି ଅର୍ଜ୍ଜୁନ ସନ୍ତାନ;
ଚିତ୍ରାଙ୍ଗଦା ଗର୍ଭଜାତ ଜାରଜ ବୋଲି ସେ, କହିଥାନ୍ତି ନିଶ୍ଚେ ।

ଅର୍ଜ୍ଜୁନ—କିନ୍ତୁ ସଖା ବିଷମ ସଙ୍କଟ ମୋର ।
ଜାଣିଶୁଣି ସନ୍ତାନ ବୋଲି ମୁଁ
ଅଙ୍ଗେ ତାର କପରି ହାଣିବି ଶର ?

Digitized by srujanika@gmail.com

ସାହା ହୁଅ ନାରାୟଣ !
କ ଉପାୟ କହ ।

ଶ୍ରୀକୃଷ୍ଣ—(ସ୍ୱଗତ) ଗୋଟିଏ ଉପାୟ ମାତ୍ର ଦଶୁଅଛି ମୋତେ—
ବୃନ୍ଦେ ମିଳି ଯିବା ଶୃଳ ଚଣ୍ଡୀଙ୍କ ପାଶେ;
ଅତି ସଂଗୋପନେ ।
ଦେଖିଲେ ସେ ତୁମ୍ଭଙ୍କୁ ସମ୍ମୁଖେ;
ବନା ଯୁଦ୍ଧେ ପଞ୍ଚଅଶ୍ୱ ନିଶ୍ଚୟ ମିଳିବ ।
ଏହାଛଡ଼ା ନାହିଁ ତ ଉପାୟ !
ବିନା ଯୁଦ୍ଧେ ସିଦ୍ଧି-ଶିଶୁ ନ ହୋଇବ ଜାତ ।
ଦେଖ ତୁମ୍ଭେ, ଭଗ୍ୱର ମାନସେ ।
(ବୃଷକେତୁ ପ୍ରବେଶ)

ବୃଷ—ବଭ୍ରୁବାହ !

ଅର୍ଜୁନ—କାହିଁ ?

ବୃଷ—ଅଶ୍ୱ ଘେନି ସ୍ୱୟଂ ଉପସ୍ଥିତ ।
ସଙ୍ଗେ ଏକ ଚପଳା ବାଳିକା
ଦରଶନ ପ୍ରାର୍ଥୀ ।

ଶ୍ରୀକୃଷ୍ଣ—ଦରଶନ ପ୍ରାର୍ଥୀ ? କିଏ ? ନିଜେ ବଭ୍ରୁବାହ ? ସଖା !

ଅ—ଯାଅ ବୃଷକେତୁ ! ଘେନିଆସ ସଙ୍ଗେ ଅବିଳମ୍ବେ (ବୃଷ ଚ୍ଚଲିଗଲେ)
ସଖା ! ଅଜ୍ଞାନ ବାଳକ—
ତୁମ ଭାବ ନିଜେ ବୁଝିଅଛି ।
ଶୁଣିଥିବ ମାତୃମୂର୍ଖେ ସକଳ ବୃତ୍ତାନ୍ତ

Digitized by srujanika@gmail.com

ଆସିଅଛୁ ତେଣୁ ପାଶେ କ୍ଷମା ଭିକ୍ଷା ମାଗି ।
ଉଦ୍‌ବେଳିତ ମୋ ହୃଦୟ
ପିତୃ ସ୍ନେହ ଏକାନ୍ତ ଅଧିର;
ଯାଏଁ, ଯେବେ ଆସେ ତାକୁ । [ଉଠିଲେ]

ଶ୍ରୀକୃଷ୍ଣ—ଶୁଣ ସଖା ! ବସ,
ପୁତ୍ର ବୋଲି କାହାକୁ କହୁଛ ?
ଏହି କି ତା ପୁତ୍ର ଧର୍ମ ?
ଦର୍ପାନ୍ଧ ଯୁବକ !
ଯୌବନର ଗର୍ବେ ହୋଇ ମତ୍ତ
ଯଜ୍ଞଅଶ୍ୱ ବଳେ ନେଲା ହରି,
ଜୀବନର ଭୟେ ମାଗୁଛି ଶରଣ !
ଏଇ ତବ ପୁତ୍ର ? ଏଇ ଆଚରଣ ତାର ?
ଅର୍ଜ୍ଜୁନ ସନ୍ତାନ ଯେ – ମାନସ ଅଗ୍ନିର ତାର ତୁଚ୍ଛ ପ୍ରାଣ ଭୟେ ?
ହୀନମନ୍ତ ଉଦ୍ଧତ ଯୁବକ !
ଅସମ୍ଭବ ଆଚରଣ ତାର ।
ଭୁବନ-ବିଜୟୀ ବୀର କ୍ଷତ୍ରିୟ-ଗୌରବ –
ଅର୍ଜ୍ଜୁନର ତୁଲେ ସମ୍ଭବ କି ସମ୍ପର୍କ ତାହାର ?

ଅର୍ଜ୍ଜୁନ – ହେ କେଶବ ! ଚପଳ ବାଳକ, ନ ଜାଣି କରିଛି ଅପରାଧ ।
ପୁତ୍ରଲାଗି ପିତାର ହୃଦୟେ—ନ ବହିବ ଯେବେ କ୍ଷମା ଅମୃତନିର୍ଝର
ପିତା ଯେବେ ହସି ହସି ମାର୍ଜନା କରିବ ନାହିଁ ସନ୍ତାନର ଦୋଷ
କି ଯେବେ ରହିବ ବିଶ୍ୱ ?
କ୍ଷମା ଶବ୍ଦ ଲୋପ ହେବ ସିନା !

Digitized by srujanika@gmail.com

ଶ୍ରୀ—କ୍ଷମା ! ସୀମା ଅଛି କ୍ଷମାର ଫାଲ୍‌ଗୁନି !
କ୍ଷମା ଲାଗି ପାତ୍ରାପାତ୍ର ଅଛି ବିବେଚନା ।
ପାଣ୍ଡବର ଯଶ, ମାନ, ସବୁ ଆଜ ତୁମର ହସ୍ତରେ ।
ସାତ୍ୟକର ଅପମାନ—
ସେ କି ନୁହେଁ ପାଣ୍ଡବର ?
ନୁହେଁ ଅର୍ଜୁନର ?
ଅଶୃଙ୍ଖଳ ଧବଳ ଲଞ୍ଛନ କରି ଖଣ୍ଡ ଖଣ୍ଡ
ପଦାଘାତ କରିଛି ଯେ ଗର୍ବୀତ ଯୁବକ—
କହ, କହ ହେ ଫାଲ୍‌ଗୁନି !
କରିନାହିଁ ପଦାଘାତ ପାଣ୍ଡବର ଉନ୍ନତ ମୁକୁଟେ ?
ସେ ଆଘାତ, ସେ ଅବଜ୍ଞା, ସେହି ଅପମାନ,—
ନିର୍ବିଘ୍ନରେ ସମ୍ଭବ ଯର୍ଜ୍ଜନ ?

ଅ – କିନ୍ତୁ ସଖା ! ଜ୍ଞାତକୃତ ନୁହେଁ କେବେ ଅପରାଧ ତାର !
ପୁତ୍ର ଅପରାଧ ଯେବେ ନ ସମ୍ଭବ ପିତା,
ପିତାପୁତ୍ର ସମ୍ପର୍କ କାହିଁକି ?
ପିତା-ବକ୍ଷ ଭିନ୍ନ, କାହିଁ ସ୍ଥାନ ପୁତ୍ରର ଜଗତେ ?

ଶ୍ରୀ—ପାର୍ଥ ! ଖାଲି ତୁମ୍ଭେ, ଭୁବନ ବିଜୟୀ !
ଧର୍ମର ବିଗ୍ରହ କହ—
ପିତା ପୁତ୍ର ଭେଦାଭେଦ କାହିଁ ?
ଶିଶୁବୋଲି କର ଯେବେ ବଢ଼ାଏ ଅଗ୍ନିରେ,
ବିଶୁଦ୍ଧ କି କରିବ ଅନଳ—
ଅଜ୍ଞାନ ବାଳକ ବୋଲି,
ଦହନ କି ନ କରିବ କର ?

Digitized by srujanika@gmail.com

ପରଶୋଣିର ରଖ ହେ ଜନ୍ମତ
ଦୁଷ୍ଟ-ବ୍ରଣ କର ନିଷ୍କାସନ ।

ଅ—ନିଷ୍କାସନ ! ଏକ କଥା କହୁଛ କେଶବ !
ନିର୍ଦ୍ଦେଶ ତୁମ୍ଭର । କୁରୁକ୍ଷେତ୍ର ମହାରଣେ—
ଗୁରୁ ଦ୍ରୋଣ, ପିତାମହ ଭୀଷ୍ମ,
ଜ୍ୟେଷ୍ଠ କର୍ଣ୍ଣ-ଭ୍ରାତା ବନ୍ଧୁ ଆଦି ସମରେ ହନାଣି
ଅଦ୍ୟାପି ଏ କାନେ ମୋର ବାଜେ ନିଷ୍ପିଡ଼ନ
ପ୍ରିୟଜନ ହରଷରେ - ହରଷିର ଅନ୍ତର ବେଦନା ।
ଘାତୁକର ହୀନ କାର୍ଯ୍ୟ କରିଛି ସ୍ୱହସ୍ତେ ।
ଆଉ ବାକ ନାହିଁ କିଛି ।
ହେ କେଶବ !
ପାଳିଅଛି ଆଜ୍ଞା ତବ ଅକ୍ଷରେ ଅକ୍ଷରେ,
କିନ୍ତୁ କ୍ଷମା ! କ୍ଷମା ଦିଅ, ମୁକ୍ତିଦିଅ ମୋତେ ଏଥର ।

ଶ୍ରୀ—ଧନଞ୍ଜୟ ! ପିତା—ପୁତ୍ର
କିଏ ପିତା ? କିଏ ପୁତ୍ର ? କେବା ବନ୍ଧୁଜନ ?
ଖାଲି ମାୟାର ଛଳନା ।
ସ୍ୱହସ୍ତରେ ପୁତ୍ରହତ୍ୟା—ପିତା ମୁଁ ! ପାରିବ ନାହିଁ !
ମୋହାଚ୍ଛନ୍ନ ମନ—ଦୂରେ ହଟେ ମୋହମାତ୍ର ଯେବେ ।
“କା ତବ କାନ୍ତା କସ୍ତେ ପୁତ୍ରଃ
ସଂସାରୋଽୟମତୀବବିଚିତ୍ରଃ ।
ଦୁର୍ବଳ ମାନବ—କହେ ସବୁ ମୋର ମୋର ।
ଗୁରୁଭାର ମସ୍ତକେ ତୁମ୍ଭର ।

Digitized by srujanika@gmail.com

ଦେବ କାର୍ଯ୍ୟ, ଯଜ୍ଞ ଧର୍ମ,
ସାଧିବାକୁ ତୁମେ ପଣ-ବଦ୍ଧ
ସେ ଶପଥ ଦେଲ କ ପାସୋର ?
ଅ—ନା, ନା, ଭୁଲ—ଭୁଲ,
ଭ୍ରମ ମୋର ସବୁ ।
ମୁକ୍ତି ମାଗେଁ—ମୁକ୍ତି ମୋତେ ଦଅ ନାରାୟଣ !
ଶ୍ରୀ—ମୁକ୍ତି ? ଦୁର୍ବଳ ପୁରୁଷ !
ମୁକ୍ତି ବୋଲି କାହାକୁ କହୁଛ ?
ମନେ ନାହିଁ ପ୍ରତିଜ୍ଞା ତୁମର ?
ପ୍ରାଣ ବଳମଯ୍ୟେ ଯଜ୍ଞ-ଅଶ୍ୱ ରକ୍ଷାଲାଗି
ଶପଥ କ କରନାହିଁ ଧର୍ମରାଜା ପାଶେ ?
ଅ—ସ୍ୱୀକାର କରୁଛି ତାହା,
ଆଜ ସ୍ୱୀକାର କରୁଛି ମଧ୍ୟ ସେ ପ୍ରତିଜ୍ଞା ମହାଭ୍ରମ ମୋର ।
କହ, କହ ଏବେ ସଖା !
କିବା ତାର ପ୍ରାୟଶ୍ଚିତ୍ତ ?
ପ୍ରସ୍ତୁତ ମୁଁ କରିବାକୁ ପ୍ରାୟଶ୍ଚିତ୍ତ ତାର !
ପ୍ରୟୋଜନ ହୁଏ ଯଦି ହୃତ୍‌ପିଣ୍ଡ ମୋହର
ଏହି ଦଣ୍ଡେ, ଏହି ଦଣ୍ଡେ କହ—
ନିଜ ହସ୍ତେ ଦେବି ମୁଁ ଛିଣ୍ଡାଇ ।
କିମ୍ବା ଯଦି ଯୋଗ୍ୟ ପ୍ରାୟଶ୍ଚିତ୍ତ ତାର—
ହୁଏ ମୃତ୍ୟୁ-ଦଣ୍ଡ—ଦଅ, ଦଅ ହେ ନର୍ଦ୍ଦେଶ
ମୁହୂର୍ତ୍ତିକେ ଶିର ମୋର ଦେବି ଚୂର୍ଣ୍ଣ କରି ସମ୍ମୁଖେ ତୁମର ।
ତଥାପି, ତଥାପି ମୁଁ ଲୋଡ଼େ ମୁକ୍ତି
ମୁକ୍ତି ଦଅ ମୋତେ ନାରାୟଣ !

Digitized by srujanika@gmail.com

ଶ୍ରୀ – ଅଶ୍ୱମେଧ ମହାଯଜ୍ଞ ଖଣ୍ଡ ହେବ ତେବେ ?

ଅ—ପାର୍ଥ ଛଡ଼ା ବହୁବୀର ରହିଛନ୍ତି ପାଣ୍ଡବ ଶିବିରେ –

ଶ୍ରୀ—ଅସମ୍ଭବ ! ଅସମ୍ଭବ ! ଅନ୍ୟ କେହି ନୁହଇ ସମର୍ଥ;
ନହୁ ହେ ଫାଲଗୁନୀ ! ତୁମ୍ଭଙ୍କୁ ମୁଁ କାହିଁକି କହନ୍ତ –
କରନ୍ତ ମୁଁ ଏତେ ଅନୁରୋଧ ?
ଅଦ୍ୟାପି ସମସ୍ତ ଅଛୁ—ଭାବ ଦେଖ ପାର୍ଥ !
ଏକ ଦିଗେ ତୁଚ୍ଛ ମାୟା ମୋହ; ଅନ୍ୟପାର୍ଶ୍ୱେ ତବ –
ଅକଳଙ୍କ ଯଶର ଗୌରବ ।

ଅ—ଭାବିଲିଣି—ଭାବିଛି ବହୁତ ।
ଯଶ, ମାନ ଯାଉ ରସାତଳେ,
ସମ୍ମାନ ମୋ ଲୁପ୍ତ ହେଉ ସାଗର ଗରଭେ ।
ବୀର ବୋଲି ଅର୍ଜ୍ଜୁନକୁ ନଗଣନ୍ତୁ ଲୋକେ,
ଥାଉ କାପୁରୁଷ ଆଖ୍ୟା ଆମ୍ଭାଦେ ବରଂ ।
ତଥାପି, ତଥାପି ହେ ଦେବ !
ପୁତ୍ର-ହତ୍ୟା ନପାରିବି କରି ।
ମୁକ୍ତି ! ମୁକ୍ତି ମାଗେଁ କୃତାଞ୍ଜଳିପୁଟେ ।

ଶ୍ରୀ—ପାର୍ଥ ! କଲି ବହୁ ଚେଷ୍ଟା
ରଖିବାକୁ ଗୋପନେ ସେ ଗୁପ୍ତ କାହାଣୀ ।
ପିତା ହସ୍ତେ ପୁତ୍ର-ହତ୍ୟା ନୁହେଁ ମୋ କାମନା ।
ବିଶେଷତଃ—

Digitized by srujanika@gmail.com

ହେ ଅର୍ଜ୍ଜୁନ !
ଜାଣନ୍ତି ସକଳ—ତୁମ୍ଭେ ମୋର ପ୍ରିୟାଦପିପ୍ରିୟ
ତୁମ୍ଭ ହସ୍ତେ ତୁମ୍ଭ ପୁତ୍ର ନୟନ-ଚନ୍ଦନ
ହତ୍ୟା କରାଇବା ମୋର ନୁହେଁ ଅଭିପ୍ରେତ ।
କିନ୍ତୁ ତୁମ୍ଭେ ଯାହା ମିଥ୍ୟା ମୋତେ ଚଳ, ଦୁଃଖ ବିପଥର ପାନ୍ଥୀ
ବନ୍ଧୁ ମୁଁ ତୁମ୍ଭର, କପଟ ସମ୍ଭବ କାହିଁ ?
ବୁଝୁଛି, ବୁଝୁଛି ମୁଁ--ଏ ଆଘାତ ବ୍ୟଥାଦେବ ଅନ୍ତରେ ତୁମ୍ଭର
କିନ୍ତୁ କର୍ତ୍ତବ୍ୟ-ବନ୍ଧନ !
ବାଧ୍ୟ ମୁହିଁ ଫେଇବାକୁ ଗୋପନ ପେଟିକା ।
ପାର୍ଥ ! ଶୁଣ ତେବେ—କରୁଣାପ୍ଲୁ ମୁହିଁ—କ କରିବି ?
ଜାଣୁଛି ମୁଁ, ଏ ବାରତା ଦେବ ଗୁରୁବ୍ୟଥା
କିନ୍ତୁ—

ଅ—କହ ସଖା କୃଷ୍ଣ କି କାହିଁକି ?
କର ହେ ପ୍ରକାଶ ମନୋଗତ—
ପିତା ହସ୍ତେ, ପୁତ୍ର ହତ୍ୟା ନର୍ଦ୍ଦେଶରୁ କିଳ,
କଠୋର କ ସଖା, ତବ ଗୋପନ କାହାଣୀ ?

ଶ୍ରୀ—ଶୁଣ ତେବେ ସଖା !
ବଭ୍ରୁବାହ ଚିତ୍ରାଙ୍ଗଦା ଗର୍ଭେ ଜନ୍ମ ସତ୍ୟ ।
କିନ୍ତୁ ପାର୍ଥ ! ନୁହେଁ ତୁମ୍ଭର ସନ୍ତାନ ।

ଅ—ଜନାର୍ଦ୍ଦନ ! ଏ କି କଥା ଶୁଣାଇଲ ମୋତେ ?
ସ୍ତବ୍ଧ କର, ସ୍ତବ୍ଧ କର କଣ୍ଠ,
ନ କହ ସେ କଥା ଆଜ

Digitized by srujanika@gmail.com

ନକର ପ୍ରଳୟ ତ୍ରିଭୁବନେ ।
ମିଥ୍ୟା ମିଥ୍ୟା—ଶୁଣିଅଛ ମିଥ୍ୟା ଜନରବ ।
ଭ୍ରାନ୍ତ ଏ ଧାରଣା ତବ ।

ଶ୍ରୀ—ନୁହେଁ ଭ୍ରାନ୍ତ ମୁହିଁ; ସତ୍ୟ, ଅଟେ ସତ୍ୟ କଥା ।
ଜାଣିଛୁ ମୁଁ ଏ ବାରତା ମନେ ତବ ଦେବ ଗୁରୁ ବ୍ୟଥା
କିନ୍ତୁ କି କରିବି ? ମୁଁ ଯେ ଉପାୟ-ବିହୀନ ?
ଜାଣେ ଜାଣେ ଉର୍ଜ୍ଜ୍ୱଳ ପାଣ୍ଡବ ଗୌରବ,
ଚନ୍ଦ୍ରବଂଶ ଅମଳ କୀରତି
କିପରି ମୁଁ ଦେବି କହ ହେବାକୁ ବିଲୁପ୍ତ ?
ଆଜନମ ହିତାକାଙ୍କ୍ଷୀ ପାଣ୍ଡବର ମୁହିଁ
କୃଷ୍ଣ ପ୍ରାଣ କିପରି ସହିବ ଏହା ?
ସାର ତୁମ୍ଭେ ଧନଞ୍ଜୟ ଭୁବନ-ବିଜୟୀ
ଦମ୍ଭକର ହିୟା—ଧର ଧୈର୍ଯ୍ୟ,
ଅନ୍ତରର ଦୁର୍ବଳତା କରିଦିଅ ଦୂର ।
ଆସିଅଛୁ ବଜ୍ରବାଦ; ଆସୁ ସେ ନିର୍ଲ୍ଲଜ
ଅଶ୍ୱ ଯେବେ ଆଣିଛୁ ଫେରାଇ,
ଥାଉ, ଜୀବନର ଲୋଡେ, ରଖ ତାକୁ;
କିନ୍ତୁ ପିତା ବୋଲି ଯେବେ ସେ ସମ୍ବାଦେ—
ପଦାଘାତ,—ପଦାଘାତ ପ୍ରତିଦାନ ତାର
ଆସୁଅଛୁ ବଜ୍ରବାଦ !
ସାବଧାନେ କର ବ୍ୟବହାର ।
ସଖା ବୋଲି ଯେନ ଯେବେ ମୋତେ
ଉପଦେଶ ରଖିବ ସ୍ମରଣ ।

Digitized by srujanika@gmail.com

ନତୁ, ଜାଣିରଖ ପାର୍ଥ !
ଜାରଜ-ସନ୍ତାନ ପିତା ନୁହେଁ କୃଷ୍ଣ ସଖା (ପ୍ରସ୍ଥାନ)

ଅର୍ଜୁନ—ନାରାୟଣ ! ଶକ୍ତିଦଅ ନାରାୟଣ—

(ଅର୍ଜୁନ କର୍ତ୍ତବ୍ୟ ସ୍ଥିରକରି ପାରିଲେ ନାହିଁ । ଜ୍ଞାନହୀନ ଭଳି ହଠାତ୍ ବସିଗଲେ । ପ୍ରବେଶ କଲେ ରେଖା ଓ ବଭ୍ରୁବାହ । ଉଭୟେ ଆସି ଏକ ଦୃଷ୍ଟିରେ ଲକ୍ଷ୍ୟକଲେ ଅର୍ଜୁନଙ୍କୁ କିଛିକାଳ । ଅର୍ଜୁନଙ୍କୁ ନୀରବ ଦେଖି ବଭ୍ରୁ କହିଲେ ରେଖାଙ୍କୁ)

ବଭ୍ରୁ—ରେଖା ! ଦେଖେଁ ବିପରୀତ । ନୀରବ ଯେ ପିତା ।

ରେଖା—କି ଆଶ୍ଚର୍ଯ୍ୟ ! ବୁଝୁନାହିଁ ଏ ସାମାନ୍ୟ କଥା ?
କିପରି ଜାଣିବେ ପାର୍ଥ ତୁମ୍ଭେ ତାଙ୍କ ସୁତ ।
ଦିଅ ପରିଚୟ ! ନମି ଚରଣର ତଳେ ଜଣାଅ ଅର୍ଜୁନେ ।
ତେବେ ସିନା ନେବେ ତୋଳି କୋଳେ । ଯାଅ !

ବଭ୍ରୁ—ହେ ଦେବତା ! ଦୟାକରି ଚାହଁ ଥରେ ।
ଶ୍ରୀଚରଣ ସେବା ଲାଗି ପାଦତଳେ ତବ—

ଅ—କିଏ ?

ବଭ୍ରୁ—ବଭ୍ରୁବାହ ମୁହିଁ, ଆସିଅଛି ଶ୍ରୀଚରଣ ସେବାଲାଗି ।

ଅ—ସେବା ଲାଗି ମୋର ?
କାହିଁଥିଲ ଏତେ ଭକ୍ତି !
ଅଶ୍ୱ ଯେବେ ନେଲ ବଳେ ହରି ?

ବଭ୍ରୁ—ଜାଣି ମୁଁ ନଥିଲି ପରିଚୟ ତବ;
ଅପରାଧ ନ ଘେନ ଦେବତା !

Digitized by srujanika@gmail.com

ଅ—ଓଃ, ଘଣ୍ଟଚତ୍ଵ ମୋର !
ଜାଣିପାର ତେବେ ଏବେ ପ୍ରାଣଭୟେ ଶରଣ ଲୋଡ଼ୁଛ !

ବଭ୍ରୁ—ପ୍ରାପ୍ତଭୟେ ! ଦେବ ! ଫି ହ-ଶିଶୁ ମରଣେ କ ଡରେ ?
ଭୁଛ ପ୍ରାଣ—ମରଣ ଯାହାର ଧ୍ରୁବ—
ଆସିନାହିଁ ବଭ୍ରୁବାହ ସେ ଜୀବନ ଘେନ ।
ଶ୍ରୀଚରଣେ ସେବା ତବ ଜନମର ବାଞ୍ଛା । (ବସିଲେ)

ଅ—ସୁନ୍ଦର ! ସୁନ୍ଦର ରଚନା ତବ ଗନ୍ଧର୍ବ ଯୁବକ !
କାହାଠାରୁ ଶିଖିଛ ଏ କଳ୍ପନା ଚାତୁରୀ ?

ବଭ୍ରୁ—ନୁହଇ କଳ୍ପନା କଥା;
ଅତି ସତ୍ୟ କହୁଛି ମୁଁ ଯାହା ।
ତୀର୍ଥାଟନ କାଳେ, ମନେ ଥିବ ପରିଣୟ ତବ—
ଦେବୀ ଚିତ୍ରାଙ୍ଗଦା ଭୁଲେ—
ଜନ୍ମ ମମ ଦେବୀଙ୍କର ଗର୍ଭେ—ଔରସେ ତୁମର ।

ଅ—ସୁନ୍ଦର, ସୁନ୍ଦର ରଚନା !
ଅର୍ଜୁନ ଜନକ ତୋର ?
କହିବାକୁ ଲଜ୍ଜା ନାହିଁ ମୁଖେ ?
ମୁଗ୍ଧ ହେଲ ଦେଖି ତୋର ବିଷମ ସାହସ
ବର୍ବର ଯୁବକ !
ରସନା ସଂଯତ କର ।

Digitized by srujanika@gmail.com

ଜାଣେ, ଜାଣେ ମୁହିଁ ଜନ୍ମ କଥା ତୋର—
ଏକ ପ୍ରହେଳିକା ଚାହା ।

ରେଖା—ଧନଞ୍ଜୟ ! ସାବଧାନେ କହ କଥା,
ପ୍ରହେଳିକା ନକର କଲ୍ପନା । କମ୍ପା—

ଅ—କିଏ ତୁମ୍ଭେ ଚପଳା ବାଳିକା ?
ଜାଣିବି କି ପରିଚୟ ତବ ?

ରେଖା—ହେ ଫାଲ୍‌ଗୁନି !
ଆସିଥିଲି ପରିଚୟ ଦେବାକୁ ଆପଣେ
ଖାଲି ପରିଚୟ ନୁହେଁ—
ମାଗିବାକୁ ଆଶୀର୍ବାଦ ଭିକ୍ଷା !
କିନ୍ତୁ ମନେ ହୁଏ କରିଛି ଅନ୍ୟାୟ ।
ତୁମ୍ଭ ମୁଖ୍ ଶୁଣି ଏହି ହୀନ କଟୁ ବାଣୀ
ଲଜ୍ଜା ଘୃଣା ଆବୋରେ ଅନ୍ତର ।
ଜୀବନରେ ମହାଭ୍ରମ କରିଛି ମୁଁ ଆଜ ।
ବଜ୍ରାଘାତେ ଯହିଁ ମୋର ହୁଅନ୍ତା ମରଣ,
ଏହି ସ୍ଥାନେ ଏହି ମୁହୂର୍ତ୍ତରେ,
କେଜାଣି ହୁଅନ୍ତା ଅବା କୃତକର୍ମ ପ୍ରାୟଶ୍ଚିତ୍ତ ମୋର ।

ଅ—ଜାଣିନି ପାରିବ ବାଳା ଅର୍ଜ୍ଜୁନର ଅପରାଧ କିସ,
କି କାରଣେ ତୁମ୍ଭେ ଗୋ କୁପିତା ?

ରେଖା—ଧନଞ୍ଜୟ ! ମନେ କରିଥିଲି ତୁମ୍ଭେ ବୀର ।
ଖାରୁର ହୃଦୟ ଯେନ ଜନମ ତୁମ୍ଭର ।
ଦର୍ପାନ୍ଧ କ୍ଷତିୟ !
ଲଜ୍ଜା ନାହିଁ ମୁଖେ ?

Digitized by srujanika@gmail.com

ବୁଝୁ ନାହିଁ ଅପରାଧ ତବ, ପଚାରୁଛ ମୋତେ ?
ଦେଖନାହିଁ ସମ୍ମୁଖରେ ଅଦ୍ୟାପି ଆକାଶ ତଳେ ଦେବ ଦିବାକର—
କକ୍ଷଚ୍ୟୁତ ହୋଇନାହାନ୍ତି ଗ୍ରହ, ଚନ୍ଦ୍ର, ତାରା;
ଅଦ୍ୟାପି ପବନ ବହେ—ହୁଏ ଦିବାରାତ୍ରି ।
ନିଦ୍ରିତ ନୁହନ୍ତି କେବେ ସ୍ୱର୍ଗେ ଭଗବାନ ।
କୁରୁକ୍ଷେତ୍ର ଛଳନା ସମରେ ଜେତା ତୁମ୍ଭେ- ତେଣୁ ଏତେ ଗର୍ବ;
ଅନ୍ଧାର ନୟନେ ବିଶ୍ୱ, ଅନ୍ଧାର ଦିଶଇ ।
ବୁଝି ପାରୁନାହିଁ ତୁମ୍ଭେ ନିଜ ଅପରାଧ ?
କ୍ଷତ୍ର-ବଂଶ କୁଳାଙ୍ଗାର ନୋହିଲେ କି କେହି—
ସନ୍ତାନର ଜନ୍ମଦେଇ ପରିହାସ କରେ ?

ଅର୍ଜ୍ଜୁନ—ଜ୍ଞାନହୀନା ତୁମ୍ଭେ !
କାହାକୁ କହୁଛ ବାଳା ସନ୍ତାନ ମୋହର ?
ନିଃସନ୍ତାନ, ନିଃସନ୍ତାନ ମୁହିଁ ।
ଆହୁତି ତ ଦେଇଅଛି ସନ୍ତାନେ ମୋହର
କୁରୁକ୍ଷେତ୍ର ମହାଯୁଦ୍ଧ ଯଜ୍ଞେ,
ବୀରପୁତ୍ର ମୋର ଅଭିମନ୍ୟୁ
ସମ୍ମୁଖ ସମରେ ଯୁଝି ସିଂହ-ଶିଶୁ ପରି
ହସି ହସି ସ୍ୱର୍ଗଧାମେ ବିଶ୍ରାମଇଁ ଏବେ ।
ଆଜ ଏକ କାପୁରୁଷ !
ଅସ୍ତ୍ର ଧରି ବଳେ—ଶେଷେ ମରଣର ଭୟେ
ଆସି ଲୋଡ଼ଇ ଶରଣ !
ଅସମ୍ଭବ !
ଅର୍ଜ୍ଜୁନ ସନ୍ତାନ କେବେ ଅସ୍ତ୍ର ଦେଇ ନ ଆସନ୍ତା ପ୍ରାଣ ଭୟେ ଡରି ।

Digitized by srujanika@gmail.com

ରେଖା—ଶୁଣିଚୁ ! ଆପଣ୍ଙ୍କ ମରଣ ପାଇ
ଏବେ ଭଲ ପ୍ରଳାପ କରେ ସେ ।
ନୋହିଲେ ଜାଣିକି ତୁମ୍ଭେ—ସନ୍ତାନର ପୂଜା ନ ଘେନନ୍ତ ?
ନୋହିଲେ କି ତୁମ୍ଭେ ସନ୍ତାନର ଶ୍ରଦ୍ଧାଞ୍ଜଳି ପରେ
ପଦାଘାତ କରିଥାନ୍ତ ଆଜ !
ଉତ୍ତମ !
ମଣିପୁର ଦେଇଜାଣେ ଉତ୍ତର ଏଥର ।
ଆଜ ନଣି ପ୍ରସ୍ତୁତ ହୋଇଲେ
ହେବ ତବ ମନବାଞ୍ଛା ପୂର୍ଣ୍ଣ ।
ଉଠ, ଆସ ବଭ୍ରୁ ! ଉଠିଆସ ।
ନରକ କଣ୍ଟକେ ଆଜ ପଲକେ ନ ରହ ।
(ବଭ୍ରୁ ଥରେ ରେଖାକୁ ଚାହିଁଲେ, ମାଏ ଫେର)

ବଭ୍ରୁ—ରେଖା ! ଜନମ ଆଦେଶ କିନ୍ତୁ—
(ଚରଣ ତଳକୁ କର କଢ଼ାଇ)
"ପିତା ଧର୍ମ ପିତା ସ୍ୱର୍ଗ ପିତାହିଁ ପରମଂ ତପଃ
ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବ ଦେବତାଃ ।"
ଦେବ ! କ୍ଷମ ଅପରାଧ;
ଅଜ୍ଞାନେ କରିଚୁ ଦୋଷ ।
ଜନକ ହୃଦୟ ଭର ସ୍ନେହ କ୍ଷମା ଭରା;
ବିମୁଖ ନକର ଅଧମରେ ।
ଦିଅ ହେ ଆଦେଶ,
ପୂଜ ପଦ
ଏ ଜୀବନ ମଣିବ ସାର୍ଥକ ।

Digitized by srujanika@gmail.com

ଅର୍ଜ୍ଜୁନ – ଦୂର ହୁଅ ମୂର୍ଖ ! କାହାକୁ ତୁ କହୁଛୁ ଜନକ ?
ପ୍ରହେଳିକା ଜନମ ତୋହର—
ବୁଝଇ ଅଜ୍ଞାତ ମମ ।
ହୋଇପାରେ ଚିତ୍ରାଙ୍ଗଦା ଗର୍ଭେ ତୋ ଜନମ ।
କିନ୍ତୁ କିଏ କହେ ଅର୍ଜ୍ଜୁନ ସନ୍ତାନ ତୁହି ?

ରେଖା—(କୋପ ଓ ଅଭିମାନଭରା ମୀର-ନୟନରେ ବଭ୍ରୁକୁ ଚାହିଁ)
ବଭ୍ରୁ !
(ବଭ୍ରୁ ଥରେ ରେଖାକୁ ଚାହିଁ ରହିଲେ ମୀର-ନେତ୍ରରେ)

ବଭ୍ରୁ—(ଅର୍ଜ୍ଜୁନଙ୍କୁ) ପିତା ! (ପୁଣି ଚରଣ ଧରିବାକୁ ଗଲେ)

ଅର୍ଜ୍ଜୁନ—(ପୁଣି ପଦାଘାତ) ଦୂରହୁଅ ଜାରଜ ସନ୍ତାନ !

ରେଖା—ସଂଯତ କର ରସନା ଗର୍ବାନ୍ଧ କ୍ଷତ୍ରିୟ ।
ବଭ୍ରୁ ! ଅଦ୍ୟାପି ମୀରବ ତୁମ୍ଭେ ?
ଅଦ୍ୟାପି ନ ଦିଶେ ତବ ନୟନର ଆଗେ ପ୍ରଳୟର ସୃଷ୍ଟି ?
ଗ୍ରହ ଚନ୍ଦ୍ର ତାରା —ଦେଖ !
ଘୂର୍ଣ୍ଣି ତୁଳେ ଭ୍ରମଇ ପୃଥିବୀ !
ଶୁଭେ ଶୁଣ ପିଶାଚର ଡାକ,
ପ୍ରଳୟ ତାଣ୍ଡବେ ନାଚେ ସାରା ବସୁନ୍ଧରା ।
ଉଠ ! କର ସତ୍ୟ,
କର ! କର ସତ୍ୟ—
ନାରକୀର ଶାସ୍ତି ଦେବ ତୁମ୍ଭେ ।

Digitized by srujanika@gmail.com

ବଭ୍ରୁ—ହେ ଅର୍ଜ୍ଜୁନ ! ସହିପାରେ ଆମ୍ଭ ଅପମାନ –
କିନ୍ତୁ, ସତୀ ମାତା ଚିତ୍ରାଙ୍ଗଦା ମୋର—
ତପସ୍ୱିନୀ ସର ନଏ ଭିନ ।
କଳଙ୍କ ଦେବ ସତୀ ନାମେ ?
ଅସହ୍ୟ ଜଠ୍ର ଲ୍ଭ ।
ଶୁଣ ସ୍ୱର୍ଗ ଦେବତା ମଣ୍ଡଳ !
ଶୁଣ ଶୁଣ ଦଶ ଦିଗପାଳ !
ଶୁଣ ସର୍ବେ ବଭ୍ରୁର ପ୍ରତିଜ୍ଞା—
ଆଜ କଣି ପ୍ରବୃତ୍ତ ହୋଇଲେ—
ଶୁଣ, ଶୁଣ ଧନଞ୍ଜୟ—
ଯେ ରସନା ତବ, ଉଚ୍ଚାରିଛି ମାତୃନିନ୍ଦା ମମ—
ଖଣ୍ଡ ଖଣ୍ଡ କରି ତାକୁ ତୀକ୍ଷ୍ଣ ଅସିଧାରେ
ନିକ୍ଷେପିବି ଜଳନ୍ତା ଅନଳେ—
ଅବା ହେବ ତାହା ଶୃଗାଳର ଖାଦ୍ୟ ।
ତେବେ ଯାଇ ପ୍ରତିହିଂସା ବହ୍ନି ମୋର ହେବ ପ୍ରଶମିତ,
ନତୁ ! ନୁହେଁ ମୁହିଁ ସତୀମାତା ଚିତ୍ରାଙ୍ଗଦା ସୁତ ।
ଆସ ରେଖା ! (ପ୍ରସ୍ଥାନ କଲେ)
[ଅର୍ଜ୍ଜୁନ ଉନ୍ମାଦନାଗ୍ରସ୍ତ ହେଲାପରି କର୍ତ୍ତବ୍ୟ ସ୍ଥିର କରି ପାରିଲେ ନାହିଁ; ଆସନରୁ ଉଠି ବଭ୍ରୁ ଯିବା ପଥ ଆଡ଼କୁ ଅଗ୍ରସର ହେଲେ]

ଅର୍ଜ୍ଜୁନ—ବଭ୍ରୁ ! ବତ୍ସ !
ଫେରିଆ, ଫେରିଆ ! କ୍ଷମାକର ଅଧମ ପିତାରେ ତୋର ।
ବଭ୍ରୁ ! ବଭ୍ରୁ !

Digitized by srujanika@gmail.com

(ସହସା ଶ୍ରୀକୃଷ୍ଣଙ୍କର ପ୍ରବେଶ)

ଶ୍ରୀ – (ହଂସ ମୁଖରେ) ସଖା !

ଅ—ସଖା ! (ଫେରି ଚାହିଁ)

ଶ୍ରୀ—ହଁ ସଖା !
ଏ କି ଅଧୀରତା ଦେଖେଁ ଅନ୍ତରେ ତୁମ୍ଭର ?
ବୀର ତୁମ୍ଭେ, କ୍ଷତ୍ରିୟ ପ୍ରଧାନ
ସାଧିଅଛ କର୍ତ୍ତବ୍ୟ ତୁମ୍ଭର ।
ସେତ ବୀରୋଚିତ କ୍ଷତ୍ରିୟ ଧରମ !

ଅ – କର୍ତ୍ତବ୍ୟ ? ହେ କେଶବ !
ଅଟୁ ଆଦେଶ ତୁମ୍ଭର ।
ଜାଣି ଜାଣି କରିଅଛୁ ସତୀ ଅପମାନ !
ପଦାଘାତ କରିଅଛୁ ସନ୍ତାନ ମସ୍ତକେ ।
ଏହା ଯଦି ବୀରୋଚିତ କ୍ଷତ୍ରିୟ ଧରମ—
ଲୋଡ଼ା ନାହିଁ ସଖା !
ବରଣ କରିବି ମୁହିଁ ଘୃଣ୍ଯ ବର୍ବରତା ।
ରମଣୀର ଅମର୍ଯ୍ୟାଦା,
ସତୀ ଅପମାନ,
ସନ୍ତାନର ନର୍ଯ୍ୟାତନା—
ହୁଏ ଯଦି ଶାସ୍ତ୍ରମତେ—
ବୀରୋଚିତ କ୍ଷତ୍ରିୟ ଧରମ,
ମୁକ୍ତ ହୁଅ ଜନାର୍ଦ୍ଦନ !

Digitized by srujanika@gmail.com

ସେ ଧର୍ମରେ ଦେଲି ଜଳାଞ୍ଜଳି
ଏହା ପରେ ? ଏଥୁଁ ବଳି ?
କର ! କର ହେ ଆଦେଶ —
ଆଜ୍ଞ କଚ୍ଛୁ !
ଆଉକଚ୍ଛୁ ଅଚ୍ଛୁ କ ହେ କର୍ତ୍ତବ୍ୟ ମୋହର ?
ନାରାୟଣ !
(ଶ୍ରୀକୃଷ୍ଣଙ୍କ ଉପରେ ଢଳି ପଡ଼ିଲେ)

—o—

ପଞ୍ଚ କ୍ଷେପ

Digitized by srujanika@gmail.com

ପଞ୍ଚମ ଅଙ୍କ

ପ୍ରଥମ ଦୃଶ୍ୟ

ମଞ୍ଜୁ— ଗୀତ

ସପନ ସାଥୀ, ଆସ ନବ-ବସନ୍ତ ସାଜେ
କୁଞ୍ଜ ଦୁଆରେ— ସଞ୍ଜ ସମୀରେ
କୋଇଲି କଣ୍ଠେ ଶୁଣି କୁହୁ ବାଜଣା ବାଜେ
ବୃନ୍ତ ଉହାଡ଼େ ପାଖୁଡ଼ା ହାରେ
କଳ କଣୋଶ୍ୱ ସ୍ୱନ୍ଦେଁ ମୁରୁକ ହସି ଲାଜେ ।
ମଧୁଲିଟ ଗାଏ ବନ ଛନକାଏ
ମାଲଣ୍ଡ ଚନୁସାର ଶିଶିରେ ଧୋଇ ମାଜେ ॥

(ମଞ୍ଜୁ ଗୀତ ପରେ ମାଧବୀ ଆସିଲା)

ମାଧବୀ—ଅଗୋ, ଏ ସପନ ସାଥୀ, ଉଠିଆସ । ଆଜ ଆଜ କାମ ଅଛି,

Digitized by srujanika@gmail.com

· ନାଁ ଖାଲି ଏଇ ଫୁଲ ଗୁନ୍ଥି ଗୁନ୍ଥି ସପନ ସାଥୀଙ୍କି ନେତ୍ରବ ହେଉଥିବ ?

ମଞ୍ଜୁ—ନେତ୍ରବ ? ସେ କଥାଟି ମୋ ଜାତକରେ ନାହିଁ ।

ମାଧବୀ—ଆଜ ସପନ ସାଥୀଙ୍କି ଏତେ ଡାକରା ପଡ଼ୁଛୁ କାହିଁକି ? ଆଖିରେ କେବେ ଦେଖିକରି ନାଁ ଏଇମିତି ମିଚ୍ଛୁ ମିଚ୍ଛୁକା ସପନ-ସାଥୀ ମ ?

ମଞ୍ଜୁ—ଅଚ୍ଛା, କହେଁ ଯେବେ ଦେଖିଛୁ—

ମାଲତୀ—(ନେପଥ୍ୟରୁ) ମୁଁ ପଚ୍ଛରେ କେମିତି ?

(ମାଧବୀ ନେପଥ୍ୟକୁ ଗୁହିଁଲା କଏ ବୋଲି । ଦେଖିଲା ମାଲତୀ ହସିକରି ମଞ୍ଜୁ ଆଡ଼କୁ ଅନାଇଲା, ମଞ୍ଜୁ ଅସ୍ପଷ୍ଟ ଭାଷାରେ ପଚ୍ଚରିଲା)

ମଞ୍ଜୁ—କଏ, କଏ ସେ (ଟିକଏ ଗୁହିଁବାକୁ ଚେଷ୍ଟାକଲା ସେଇଠିବସି)

ମାଧବୀ—(ଠିକ୍ ତା ଆଡ଼କୁ ମୁହଁ ଠିଆ ହୋଇ) ମୁଁ ନ କହିବି ?

ମଞ୍ଜୁ—(ଉଠି) ଓଃ ! ମୁଁ ଆଜ ଦେଖି ପାରିବି ?

ମାଧବୀ—ମାଲତୀ ମ—

ମଞ୍ଜୁ—ଡାକ, ଡାକ ତାକୁ—

ମାଧବୀ—ମାଲତୀ, ମଞ୍ଜୁ ଦେଈ ଡାକୁଛନ୍ତି ।

ମାଲତୀ—ତୋଳୁଛୁ ପରା ମଧୁମାଲତୀ ।

ମଞ୍ଜୁ—ତୋଳ ତୋଳ, ଏକଲା ଟି କେମନ୍ତେ ରହିବୁ ?

ମଧୁମାଲତୀ—ଅର୍ଥାତ୍ ମଧୁ-ଯୁକ୍ତ ମାଲତୀ ବୋଇଲେ ମଧୁ ଏବଂ ମାଲତୀ ।

Digitized by srujanika@gmail.com

ମାଳତୀ -(ନେପଥ୍ୟରୁ) ମଞ୍ଜୁ ଦେଈ ! ଦେଖିବ ଇନେ ମୁଁ ଗଲେ ଫେର୍

ମଞ୍ଜୁ—ମାଧବୀ ! ଆଣିବୁଟି ତାକୁ ଟାଣି ଏଠିକି । କଣ ସେ ଧମ-କଉଛ ଏତେ ?

ମାଧବୀ—(କାନ ଟାଣି) ମୋର ଦୋଷ ନାହିଁ ମାଳତୀ !

ମାଳତୀ—(ନେପଥ୍ୟରୁ) ଆରେ ଚୋରଣୀଟା ସଜା ହୋଇନାହିଁ । ରାଜମାତା ଏଇନେ ଦେଖିବାକୁ ଯିବେ । ଅର୍ଜୁନ ତ ଆସିଗଲେ ବୋଲି ଜାଣ, ଗୁଡ଼୍ !

ମାଧବୀ—ଛୁ ଆସୁ ନହିଁ !

ମାଳତୀ—କାନଟା ଗୁଡ଼୍ ! ମୁଁ ପର ହାତଟା ବଢ଼େଇଚ ଫୁଲକୁ ।

ମାଧବୀ—ଗୁଡ଼ବ ମଞ୍ଜୁ ଦେଈ ?

ମଞ୍ଜୁ—ହଉ ଗୁଡ଼—

ମାଧବୀ - (କାନ ଗୁଡ଼) ଗୁଡ଼ଦେଲି ଲେ-ଗୁଡ଼ଦେଲି, ଯା –

ମାଳତୀ—(ନେପଥ୍ୟରୁ) ମୁଁ କଅଣ ପଳାଉଛି ? ଏଇଠି ଅଛୁ ମ ? ମଞ୍ଜୁ ଦେଈ ! ଠିକ ହେଲ ପରା ? କହୁଲଚ ନାହିଁ, ସପନ ସାଥୀଟି କେମିତି ?

ମଞ୍ଜୁ—ସେ, ସେ କଳା, ନିପଟ୍ଟ କଳା ! କଳା ମୁଗୁନି, ସେଇଥିକି ତାଙ୍କ ନାଆଁଟି, ପାର୍ଥ ! ଅର୍ଥାତ୍ କଳା ପଥରଟିଏ ।

ମାଧବୀ—ଯା ଯା, ମଞ୍ଜୁ, ଦେଈଙ୍କର ଯୋଉ କଥା—

Digitized by srujanika@gmail.com

ମଞ୍ଜୁ—ଆଲେ, ମଞ୍ଜୁ ଯାହା କହେ କରେଲା ସତ । କଲେ, ରୂପ ତ ଆଉ ଘୋଳ ପିଇବା ନାହିଁ ? ଲୋକ, ଗୁଣ ଥିଲେ ସିନା ! କହିଲୁ ଦେଖି ? ରାଜମାତାଙ୍କୁ ଏଇମିତି ହନ୍ତସନ୍ତ କଲ—

ମାଳତୀ—ଆଜ ବେଶୀ ବେଳ ହନ୍ତସନ୍ତ ହେବାକୁ ପଡ଼ିବ ନାହିଁ ମ—ବନ୍ଧୁ ପର ନିଜେ ଯାଇଛନ୍ତି ଡାକିବାକୁ ।

ମାଧବୀ—ହଁ, ତାଙ୍କ ସଙ୍ଗେ ଫେର୍ ରେଖା—

ମଞ୍ଜୁ—ଓଃ ! ରେଖା ଏବେ ଯାଇଛି ? କଅଣ ଅଙ୍ଗରକ୍ଷୀ ହୋଇ ?

ମାଧବୀ—ସେ କଥା ତୁମେ ଜାଣିଥିବ, ବାକି ମୁଁ ଦେଖିଛି ଦୁହେଁ ରଥରେ ଗଲେ ।

ମଞ୍ଜୁ—ରେଖା ଗଲା ସତ ! ବାକି ମାଧବୀ ! ବିପଦ ବଡ଼ ଦଗାରେ ପଡ଼ିଛି ।

ମାଧବୀ—କାହିଁକି ମ ?

ମଞ୍ଜୁ—ସେଇ ବନ୍ଧୁ ! ଯା ମାଧବୀ, ବାଟରେ ଜଗିଥା । ରେଖା ଫେରିଲେ, ସଙ୍ଗେ ସଙ୍ଗେ ତାକୁ ଟିକିଏ ବେଗେ ସାବଧାନ କରିଦେବୁ ମୋର ହୋଇ ।

—ଗୀତ—

ମଧୁ ଗୁଞ୍ଜନ ଦେ ରେ ପ୍ରିୟା ରହି ରହି, ଯା ଯା—
କୁଞ୍ଜ ଭବନେ—ଫୁଲ କୁମାରୀ
ଘୁହେଁ ତୋ ପଥରେ—
ତୁ ଯେ ଭ୍ରମର, ଅନ୍ଧାର ଗତ—
ଛାୟା ଦେଖି ଥରେ ତୋ ଗୀତ

Digitized by srujanika@gmail.com

ଫୁଲ କୁମାରୀ, ସୁକୁମାରୀ
ବାଧିବ ଅଙ୍ଗେ ସେ ଡରେ ସେ ଘରି
ଧୀରେ ଚୁମ୍ବନ ଦେ— —
ଖୋଜେ ସେ ତୋ ସଙ୍ଗ ନହାତି
ସେ ଯେ ଯାଚେ ଶେଷ ସୁପାନ୍ତି
ଶଶି—ଭସାଏ—ଶରତ ସାଥୀ
କୁଞ୍ଜ ଦ୍ୱାରେ ଦେଖା ରୂପ ତୋ— ଆଖି ଅଞ୍ଜନ ଦେ ।

ମାଧବୀ—ରାଜମାତା, ରାଜମାତା ଅସୁସ୍ଥନ୍ତି—
(ସମସ୍ତେ ଚାଲିଗଲେ)

ଚନ୍ଦା—(ଦୂରକୁ ଅନୁମାନ କରି)
ରଥଚକ୍ର ଶବ୍ଦ—
ଚକ୍ର ଘୂରେ;
ଘୂରେ ଚକ୍ର ଅନ୍ତରେ ବାହାରେ ମୋର ।
ଆଖିର ପଲକେ, ଦିଶିଯାଏ କେତେ ଛବି ନୟନ ଆନନ୍ଦ—
ଅସ୍ତ ରବି—
ଏହି ଛାୟା ତଳେ, ଦିନେ ବସନ୍ତ ପ୍ରକୃତି
ଆଣିଥିଲା ପାଶେ ମୋର ମଳୟ ପରଶ ।
ଭ୍ରମର ଗୁଞ୍ଜନ, କୁସୁମର ହାସ, କୋଇଲି କୁହୁ ସ୍ୱନ—
ଅଚିହ୍ନା ଅତିଥି—
ସେ ଦିନ ମୋ ମନଘର ଗୋପନ ଦୁଆରେ,
ଦେଇଥିଲା ମଧୁର ଆଘାତ ।
ଯୁଗ ଯୁଗାନ୍ତର ଧରି ସେ ଆଘାତେ କମ୍ପିଉଠେ ହିୟା ।

Digitized by srujanika@gmail.com

ଗୋଟି ଗୋଟି ମନେହୁଏ ସବୁ—ସ୍ୱପ୍ନ କଳ୍ପ ଛାହା;
କାନେ ଶୁଣେ—
ବତ୍ସ—(ଦୌଡ଼ି ଆସି ମାଆଙ୍କ ଗଳାରେ ଝୁଲିଗଲା) ମା, ମା ଗୋ !

ଚଣ୍ଡୀ—କି ହେଲାରେ ବାପ !
ଚନ୍ଦ୍ର ମୁଖେ ମାଉ ବନ୍ଦୁ ?
ଅଘଟନ ଘଟିଛି କି କହ ?

ବତ୍ସ—ମା, ସନ୍ତାନ ମୁଁ ତୋର ।
ସତ୍ୟ କହ ମୋତେ, ମୁହିଁ କି ଜାରଜ ?

ଚଣ୍ଡୀ—ଜାରଜ ! ଛି, ଛି, କାହାଠାରୁ ଶିଖିଲୁରେ ଏ ହୀନ ଶବଦ ?
ଜାଣୁକି ତୁ ଏ ଶବଦର ଅର୍ଥ ?

ବତ୍ସ—ଜାଣେ ! ସବୁ ଜାଣେ !
ଆଜ କଳ୍ପ ନୟନର ଆଗେ ମୋର
ହିମକାନ୍ତ ଚନ୍ଦ୍ର ଦିଶେ ପ୍ରଚଣ୍ଡ ଅନଳ ।
ନୟନୁ ନୟନୁ, ପଲକେ ପଲକେ
ପ୍ରତିଫଳେ ଜ୍ୱଳନର ଶିଖା ।
ଧୂମ ଛୁଏ ଗଗନ ମଣ୍ଡଳ,
ଘୂର୍ଣ୍ଣି ଦେଇ ଘୂରଇ ଜଗତ ।
ଜନନୀ ଗୋ ! ବିବେକ ବିଶ୍ୱର ମୋର—
ସେ ଘୂର୍ଣ୍ଣିରେ ଘୂରେ ।
ଅନ୍ଧ ମୁହିଁ ! ଅନ୍ଧ ।
ପାପପୁଣ୍ୟ ଅବିଶ୍ୱରେ, ଏ ପ୍ରଶ୍ନ ମୁଁ କରିଅଛି ଜନନୀରେ ମୋର ।

Digitized by srujanika@gmail.com

ଜନନୀ ଗୋ ! ଜନନୀ ଗୋ !
କହ ! ସତ୍ୟ କହ ! ଜାରଜ କି ମୁହିଁ ?

ଚଣ୍ଡୀ—ବନ୍ଧୁ ! ବନ୍ଧୁ ! ଏ କି ଉନ୍ମାଦନା ?
ଏ କି ରେ ପ୍ରଳାପ ?

ବନ୍ଧୁ—ଉନ୍ମାଦ ! ପ୍ରଳାପ ! ମା! ମା ଗୋ !
ମହାପାପୀ, ମହାପାପୀ ମୁହିଁ ।
ତେଣୁ ଜ୍ଞାନ ବୁଦ୍ଧି ଯାଇନାହିଁ ହଜି;
ଅଦ୍ୟାପି ମୁଁ କାନେ ମୋର ଶୁଣେ
ସେହି ଶବ୍ଦ, ସେହି ହୀନବାକ୍ୟ ।
ମା ! ମା ! ସ୍ୱପନ କି ଦେଖୁନାହିଁ ମୁହିଁ ?
ଦେଖ ଦେଖି, ସ୍ପନ୍ଦନ କି ଅଛି ମୋ ଗାତ୍ରରେ,
ପଲକ କି ଅଛି ମୋ ନୟନେ ?
ସତୀମାତା ଜଗଦ୍ଧାତ୍ରୀ ଜନନୀର ସନ୍ତାନ କି ମୁହିଁ ?
କହ ମାତା ! ଚିହ୍ନି କି ପାରୁଛ ମୋତେ ?
ବନ୍ଧୁ ମୁଁ କି ?

ଚଣ୍ଡୀ—ଅସମ୍ଭବ ଦେଖେଁ ଆଚରଣ ।
ଏ କି ଚଞ୍ଚଳତା ?
ବାତୁଳର ପ୍ରାୟ ! କି ହୋଇଛି ?
କଏ ତୋତେ କି ଅବା କହିଛି ?

ବନ୍ଧୁ—ମା ! ଲୋକ ମୁଖେ ଶୁଣିଛି ମୁଁ,
ଦୟାର ଝରଣା ଝରେ ଜନନୀ ଅନ୍ତରୁ ।
କିବା ଗୁରୁ ଅପରାଧ କରିଥିଲି ଚରଣେ ତୋହର ?

Digitized by srujanika@gmail.com

ଯାହା ଭୁଞ୍ଜ ଦୟାମୟୀ ଜନନୀ ଗୋ ମୋର
ନ ପାରିଲୁ କରି କ୍ଷମା ?
ଜାଣିଶୁଣି ପଠାଇଲୁ ପାଣ୍ଡବ ଶିବିରେ—
ସହିବାକୁ ଉତ୍କଟ ଲାଞ୍ଛନା ।
ଶତ୍ରୁ ଅପମାନ—କାଳକୂଟ ବିଷଠାରୁ ବଳି ।
ଲବେ ହେଲେ ନ ହେଲା କରୁଣା ଅନ୍ତରେ ତୋର ମା ?

ଚଣ୍ଡୀ—ଅପମାନ ! ବଭ୍ରୁର ଲାଞ୍ଛନା ?
ଅର୍ଜୁନ ସମ୍ମୁଖେ ? କାହାର ଏ ସ୍ପର୍ଦ୍ଧା ?
ସ୍ୱେଚ୍ଛାରେ ମରଣ କିଏ କଲାରେ ବରଣ ?

ବଭ୍ରୁ—ନିଜେ, ନିଜେ ଧନଞ୍ଜୟ !
କି ଲାଞ୍ଛନା ! କିବା ସେହି ଅପମାନ !
ଦ୍ୱିଖଣ୍ଡିତ ହେବ ଜିହ୍ୱା ।
କିପରି ? କିପରି ମୁଁ ଉଚ୍ଚାରିବି ଜନନୀ ସମ୍ମୁଖେ ?

ଚଣ୍ଡୀ—ସତ୍ୟ ? ଏ କି ସତ୍ୟ? ବଭ୍ରୁ !

ବଭ୍ରୁ—ମିଥ୍ୟା ! ମିଥ୍ୟା ! କେବେ କହିନାହିଁ ଜନନୀ ସମ୍ମୁଖେ ।

ଚଣ୍ଡୀ—ନିଜେ ଧନଞ୍ଜୟ କଲେ ବଭ୍ରୁର ଲାଞ୍ଛନା ?

ବଭ୍ରୁ—ଦୁଃଖ ନାହିଁ ମାତା ! ବଭ୍ରୁର ଲାଞ୍ଛନା ଲାଗି—
ଦୁଃଖ ନାହିଁ ତିଳେ ।
ବଭ୍ରୁର ଏ ଗୁଡ଼, ଅକାତରେ ସହିପାରେ ସହସ୍ର ଲାଞ୍ଛନା;
କିନ୍ତୁ ! ଜନନୀର ଅପମାନ—

Digitized by srujanika@gmail.com

ସନ୍ତାନ ସମ୍ମୁଖେ ତାର ମାତାର ଲାଞ୍ଛନା !

ଚିତ୍ରା—ବାବା ! ଅପମାନ ମୋର ? କାହା ପାଖେ ?
ମାନ ଅପମାନ ମୋର କିଛି ନାହିଁ ଧନଞ୍ଜୟ ପାଶେ ।
ମାନ ଅପମାନ ମୋର ସବୁ ଯେ ତାଙ୍କର,
ତାଙ୍କ ମାନେ ମାନ ମୁହିଁ ।
ଅପମାନ କଲେ ମୋତେ, ସେ ଯେ ତାଙ୍କ ଅପମାନ ।
ନିଜେ ନିଜେ କରିଛନ୍ତି ନିଜର ଲାଞ୍ଛନା ।
କି କହିଲେ ତୋତେ ବାବୁ !

ବଭ୍ରୁ—କହିଲେ ସେ ମୋତେ ! ନାଁ,—
ଫାଟିଯାଏ ଛାତି ସ୍ମରଣ ମାତ୍ରକେ ।
ଜନନୀ ଗୋ ! କି କହିବି ?
ଅଶ୍ୱ ଘେନି ଆଦେଶରେ ତବ, ଗଲି ଯେବେ ତାଙ୍କ ପାଶେ—
କହିଲି ମୁଁ ତାଙ୍କୁ, ନ ଜାଣି କରିଛି ଅପରାଧ ।
(କ୍ଷଣ ନୀରବ) ପଦାଘାତ !

ଚିତ୍ରା—ପଦାଘାତ ! ପ୍ରତିଦାନ ତାର ?
ଧନଞ୍ଜୟ ନିଜେ ?

ବଭ୍ରୁ—ବାରବାର ପଦାଘାତ କରିଲେ ସେ ମୋତେ ।
ମନେହେଲା – ନୟନ ସମ୍ମୁଖେ ମୋର ହେଲା ଅଗ୍ନିବୃଷ୍ଟି ।
କିନ୍ତୁ ମାତା ! ଦିଶିଲା ନୟନ ଆଗେ ମ୍ଳାନ ମୁଖ ତବ;
ଦଣ୍ଡକରେ ଭୁଲିଲି ସବୁ ।
ଦୁଃଖ ନାହିଁ ମୋର ସହିବାକୁ ପଦାଘାତ ? କିନ୍ତୁ ଜନନୀ ଗୋ !

Digitized by srujanika@gmail.com

ସର୍ବାଙ୍ଗ ମୋ ଜଳେ ଶୁଣି ମାତୃ ନିନ୍ଦା ମୋର !
ଜାରଜ ମୁଁ ! ମାତା ମୋ କୁଳଟା !

ଚଣ୍ଡା – ଭଗବାନ ! ଭଗବାନ !
ଆହୁରି କି ବାକି ଅଛି ଯନ୍ତ୍ରଣା ମୋହର ?
ଅଦ୍ୟାପି କି ବୁଝିବାକୁ ଅଛି—
କେତେ ସନ୍ତାପରେ ଏହି ନାରୀର ପରାଣ ?
ପ୍ରଭୁ ! (କାନ୍ଦଉଠିଲେ)

ବଭ୍ରୁ – ନାଁ ନାଁ, ଦୁଃଖିନୀ ମୋର !
ନ ଝରାଅ ନୟନରୁ ବାରି,
ଶତଗୁଣେ ଦହୁଛି ମା ଅନ୍ତର ମୋହର ।
ଜନନୀର ଅପମାନ !
ପ୍ରତିଶୋଧ ନିଜେ ମୁହିଁ ନେବି ଗୋ ଜନନୀ—
ଶପଥ କରୁଛି ଛୁଇଁ ପଦ—

ଚଣ୍ଡା—(ଚମକି ଦୂରେଇଯାଇ) ଆରେ ! ଆରେ ଅବୋଧ ସନ୍ତାନ,
ଏ କି କରିବସୁ ? ପ୍ରତିଶୋଧ !
କାହା ପ୍ରତିଶୋଧ ନେବୁ ?
କାହାଠାରୁ ନେବୁ ପ୍ରତିଶୋଧ ?

ବଭ୍ରୁ—ଜାଣିନି କି ? ଆଦେଶେ ତୋର ମା—
ଯେ ମାନବେ, ଦେବତା ବୋଲି ମୁଁ ହେଜ—
ଯାଇଥିଲି ପୂଜିବାକୁ ଦ୍ୱାରେ;
ଆଜ ଯେଉଁ ଠାରୁ ଫେରିଲି ମୁଁ ଦେଖି ହୀନ ଦାନବତା—

Digitized by srujanika@gmail.com

ଚଣ୍ଡୀ—ହୁଁ, ହୁଁ, ସେ ଯେ ମିଛ ତୋର—
ତାଙ୍କଠାରୁ ବଳି ତୋର ଆରାଧ୍ୟ ଦେବତା
ନାହିଁ ନାହିଁ ଏ ତିନି ଭୁବନେ ।
ରେଖା—ମା ଗୋ ! ଦେବତା ? ପୁଣି କହ ଦେବତା ତାହାଙ୍କୁ ?
ଯେ ଦେବତା କେଉଁକାଳରେ ପତ୍ନୀର ଚରିତ୍ର ଘେନ ?
ଯେ ରସନା କହିପାରେ ତୁମ୍ଭଙ୍କୁ କୁଳଟା ?
ହେଉ ପଛେ ଭଗବାନ—କ୍ଷମାର ଅଯୋଗ୍ୟ ସେହୁ ।
ବଜ୍ର—ସେ ଶବ୍ଦରେ ନାହିଁ ପ୍ରୟୋଜନ ।
ଜୀବନ ପଣରେ ବଜ୍ର ରଖିବ ତା ସତ୍ୟ ।
ଆ ରେଖା !
ମା ଗୋ ! ଯାଉଛି ମୁଁ ମନ୍ତ୍ରଣା ଭବନେ,
କର ଆଶୀର୍ବାଦ ! ହୁଏ କୃତକାର୍ଯ୍ୟ ।
(ପ୍ରଣାମ କରିବାକୁ ଗଲାବେଳେ ଚଣ୍ଡୀଙ୍କବା ତାଙ୍କୁ ଉଠାଇ ମାର-
ନୟନରେ ଚୁମ୍ବିଲେ)
ଚଣ୍ଡୀ—ବଜ୍ର ! ଅବୋଧ ହୁଅନା ବାବୁ !
କିବା ଆସେ ଯାଏ ବାବୁ ! ମୁଖର କଥାରେ ?
ଶତବାର କହନ୍ତୁ ସେ କୁଳଟା ବୋଲି ମୁଁ
ଭଗବାନ ନାହାନ୍ତି କି ସ୍ୱର୍ଗେ ?
ଅନ୍ତର୍ଯ୍ୟାମୀ ଜାଣନ୍ତି ଅନ୍ତର ! ତହିଁ ଲାଗି ଶୋଚନା ଛାଡ଼ିକ ଃ
ପାର୍ଥ ଆଜ ଭୁବନ ବିଜୟୀ !
କ୍ଷମତାର ମୋହ, ପାସୋରିଇ ଦେଇଅଛି ଅଖିଳ ସକଳ
ଭଲ କଥା—ଦମ୍ଭ, ଗର୍ବ, କ୍ଷମତାର ଅସ୍ଫାଳନ ଘେନ—
ଥାଆନ୍ତୁ ସେ ସୁଖେ; ଆମ୍ଭେ ମାତା ପୁତ୍ର ଦୁହେଁ ଶାନ୍ତିର କୁଟୀରେ
ଗର୍ବିତ ଝରଣା ଘେରା ଏଇ ବନଦେଶେ

Digitized by srujanika@gmail.com

ସ୍ନେହର ମଳୟ ଯହିଁ ଅବୋଧେ ସଞ୍ଚରେ—
ଆନନ୍ଦେ ରହିବା ଯେବେ ଯଉପ ତୃପ୍ତି ସୁଖ ।
ଜନ୍ମତ ଶିଖରେ ମୋର ନାହିଁ ପ୍ରୟୋଜନ ।
କୁଟୀରର ଶାନ୍ତିଟିକ ଥାଉ ମୋ କୁଟୀରେ ।

ରେଖା – କନ୍ତୁ, ଜନନୀ ଗୋ ! ଲାଞ୍ଛିତ ଜୀବନେ କାହିଁ ସୁଖଶାନ୍ତି କହ
ଅଦୂରରୁ ଲାଞ୍ଛନାର ପ୍ରତିଧ୍ୱନି ଆସି କାନେ କାନେ କଏ ଚମକାଇ
ଲାଞ୍ଛନାର ପ୍ରେତମୂର୍ତ୍ତି ଆଖି ଆଗେ ନିରନ୍ତେ ନାଚଇ ।
କାହିଁ ସୁଖ, କାହିଁ ଶାନ୍ତି ସେ ତାଣ୍ଡବ ଦାଣେ ?

ଛନ୍ଦା—ରେଖା ! ଚପଳା ବାଳିକା ! କାହିଁ ତହିଁ ଲାଞ୍ଛନାର ଗନ୍ଧ ।
ଦେବତା ଯେ ଶରଣ ଅଟଇ ଦେବତା ।
ଥାନ୍ତୁ ସେ ଦେଉଳ୍ରୁ ଯେବେ ।
ଅଭମାନେ ଯଦି
ନ ଦେବନ୍ତି ପୂଜାରର ପୂଜା,
କି ଦୁଃଖ ତହିଁରେ ?
କର୍ତ୍ତବ୍ୟ ତ ସାଧିଛି ପୂଜାରୀ ?
ସେହି ତାର ଶାନ୍ତି, ସେହି ସୁଖ ।

ବହ୍ନି—କିନ୍ତୁ ମ ତା ! ଦେବତା ଅନ୍ତରରେ ଯଦି ରାକ୍ଷସର ମାୟା ?
ଦେବ ଆବରଣେ ଯଦି ପିଶାଚ ବସଇରେ—
ଶାସ୍ତି ବାନ ନୁହେଁ କି ଉଚିତ ?

ଛନ୍ଦା—ସେ କଥାରେ ନାହିଁ ପ୍ରୟୋଜନ ।
ପିତା,—ଚିରକାଳ ପିତା !
ପିତାଙ୍କ ଶାସ୍ତି ବିଧାନ କରିବ ସନ୍ତାନ ?
ଅସମ୍ଭବ, ଅସଙ୍ଗତ କଥା କହୁ ବାବୁ !

Digitized by srujanika@gmail.com

ବଭ୍ରୁ—ବାରଣ ନ କର ମାତା !
ଜନନୀର ଅପମାନ ଅସହ୍ୟ ଜୀବନେ ।
ଶୁଣ ମାତା ! କରୁଛି ମୁଁ ସତ୍ୟ
କାଲି ପ୍ରାତେଃ ପୃଥ୍ୱୀର ବକ୍ଷୁ ଏ ଅଶାନ୍ତ କରିବ ମୁଁ ଦୂର ।
ପ୍ରତିହିଂସାନଳେ ମୋର
ପାର୍ଥ ହେବ ଯଜ୍ଞର ଆହୁତି ।

ଚଣ୍ଡୀ—ଅଭିଶାପ ! ଦୈବ ଅଭିଶାପ !
ନୋହିଲେ କି ଦୁରନ୍ତ ଏ ଅଘଟ ଘଟନ ?
ନୋହିଲେ କି ପାର୍ଥ ଚିହ୍ନେ ନ ପାରନ୍ତେ ଚଣ୍ଡି ।
ସବୁ ଦେବେଙ୍କ ଅଭିଶାପ ଆଜ ।
ନୋହିଲେ କାହିଁକି—ଚିରଶାନ୍ତ ଧୀର ସ୍ଥିର ନନ୍ଦନ ପିଲ୍ଲ—
ମୋର—ପ୍ରତିହିଂସା ନେବା ଲାଗି ଦୁରନ୍ତ ଅଧୀର ?
ବାବୁ ! ହିଂସା, ପ୍ରତିଶୋଧ ଦିନା ଦାନବେ ସମ୍ଭବେ ?
ଦେବ ମାନ ! ଭୁଲିଯାଅ !
ଭୁଲିଯାଅ ମାନ ଅପମାନ !
ପ୍ରତିଶୋଧ ନାହିଁ ପ୍ରୟୋଜନ !

ବଭ୍ରୁ—କି କହିଲ, କି କହିଲ ମାତା ? ନାହିଁ ପ୍ରୟୋଜନ ?
ବୀରମାତା ମୁଖୁ ଆଜ ଶୁଣେ ଏ କି କଥା ?
ଏତେ ଗର୍ବ ପୁଣି ତାର, ଆସ ମଣିପୁରେ—
ଘରେ ମୋର ପଶି
ଅପମାନ କରିବ ସେ ଜନନୀରେ ମୋର ?

ରେଖା—ଆଜ ହସି ହସି ଫେରିଯିବ ଶାସ୍ତି ନାହିଁ ତାର ?

ବଭ୍ରୁ—କ୍ଷମାକର ଜନନୀ ଗୋ ମୋର ।

Digitized by srujanika@gmail.com

ଅବୁଝା ସନ୍ତାନ ତୋର ନ ବୁଝିବ କିଛୁ କଥା ଆଜ,
ଅବାଧ୍ୟ କହ ତୁ ପଛେ ।
ଚିତ୍ରା—ଶୁଣ ବଭ୍ରୁ ! ଜନନୀ ମୁଁ ତୋର ।
ଶୁଣିବାକୁ ହେବ ମୋର କଥା ।
ରଖିବାକୁ ହେବ ତୋତେ ଆଦେଶ ମୋହର ।
ଅସମ୍ଭବ ପିତାପୁତ୍ରେ ରଣ ।
କରୁ ଯଦି ଆଦେଶ ଲଙ୍ଘନ,
ଜାଣିବ ମୁଁ ସ୍ତନ୍ୟ ଦୁର୍ଧେ ମମ —
ପାଳିଥିଲି କାଳ ଭୁଜଙ୍ଗମ୍—
ଚିତ୍ରାଙ୍ଗଦା ପୁତ୍ରହୀନା ଆଜି ।
ବଭ୍ରୁ—କହୁଛିତ ! ଅବାଧ୍ୟ ପଛେ ତୁ କହ
ତବ ନାମେ କରୁଛି ଶପଥ । ପଣ ଭଙ୍ଗ ନ କରିବ କେବେ ।
ଆଜ ନିଶି ପ୍ରଭାତ ହୋଇଲେ,
କାଲି ରଣେ—
ବଭ୍ରୁ ଅବା ପାର୍ଥ-ହୀନ ହେବ ବସୁନ୍ଧରା ।
କହ ମାତ ! ପୁତ୍ର କିବା ସ୍ୱାମୀ !
କାହାର ଜୀବନେ କହ ପ୍ରୟୋଜନ ତୋର ।
ଯଦି ଚାହୁଁ ସନ୍ତାନ ମଙ୍ଗଳ—
ହସି ହସି ଆଶୀର୍ବାଦ କର ବୀରମାତା—
ସତୀ ମାତା ଆଶୀର୍ବାଦେ—ଛାର ତ ଫାଲ୍‌ଗୁନି !
ଚକ୍ରଧର ହେବେ ଯଦି ନିଜେ ଚକ୍ରଧାରୀ,
ବଭ୍ରୁ ଦେବ ଉପଯୁକ୍ତ ଶିକ୍ଷା,
ନାହିଁ ଯଦି, ସ୍ୱାମୀର ଜୀବନ ଲାଗି ତୁଅ ମା କାତର ।

Digitized by srujanika@gmail.com

ଶୁଣ ହେବେ ! କଲ ନିମନ୍ତ୍ରଣ
ବନ୍ଧୁର ମରଣୋତ୍ସବେ ଯୋଗଦିଅ କାଲି ।
(ଚରଣ ଧୂଳି ନେଇ ବେଗେ ପ୍ରସ୍ଥାନ କଲେ)

ଚିତ୍ରାଙ୍ଗଦା—ବନ୍ଧୁ ! ବନ୍ଧୁ ! (ରେଖାସହ ଦ୍ରୁତ ପ୍ରସ୍ଥାନ)
(ଛଦ୍ମ ବ୍ରାହ୍ମଣବେଶୀ ଶ୍ରୀକୃଷ୍ଣ ଓ ଚିତ୍ରରଥ ପ୍ରବେଶ କଲେ)

ବ୍ରାହ୍ମଣ—ତୁଚ୍ଛ ଭୂମିଖଣ୍ଡ ଲାଗି—ଆଜି ଆଉ ନ ଘଟିଲା କିସ ?
ଭ୍ରାତା, ବନ୍ଧୁ, ଗୁରୁ—
ଶେଷେ ପିତାମହ
ସ୍ୱଜନ ବିନାଶ
ଅକହେଲେ ଅସଙ୍କୋଚେ କରିପାରେ ଯେ ପାଣ୍ଡବ !
ଜ୍ଞାନବୃଦ୍ଧ, ବୟୋବୃଦ୍ଧ ତୁମ୍ଭେ ଚିତ୍ରରଥ
ହୁଅଛ ବସୁରେ ।
କାରଣ ନ କଲ କମ୍ପା ବନ୍ଧୁ ବାହେ ଯିବାଲାଗି ପାଣ୍ଡବ ଶିବିରେ ?

ଚିତ୍ର—ବାର୍ଦ୍ଧକ୍ୟର ସ୍ନେହବଶ ସରଳତା ତାହା ।
ହେ ବ୍ରାହ୍ମଣ ! ଧାରଣା ଥିଲାଚ ମୋର
ଏତେ ମିତ ହେବେ ବୋଲି ପାର୍ଥ ।

ବ୍ରାହ୍ମଣ—ମିତ; ଅତି ମିତ କୁଟିଳ ସ୍ୱଭାବ !
ଜାଣି ମୁଁ ବନ୍ଧୁ ବାହେ କଟୁଛି କାରଣ
ନ ଶୁଣିଲା କଥା ମୋର !
କୁରୁକ୍ଷେତ୍ରେ ଯୁଦ୍ଧ ହୋଇ ଜେତା
ଗନ୍ଧ-ପର୍ବତେ ତାହାର ପକ୍ଷ ଲାଗି ଅଛୁ ।
ତୁଚ୍ଛ ସ୍ୱାର୍ଥ ଲାଗି—ପାର୍ଥ ହାତେ ସମସ୍ତ ସମ୍ଭବ ।
ଦୁଃଖ ଲାଗେ; ଘୃଣା ଲାଗେ ମୋତେ ।

Digitized by srujanika@gmail.com

ଆଜ୍ଞା, ସତେ କହେ ଚିତ୍ରରଥ !
ସତେ କି କହୁଛୁ ପାର୍ଥ ! ଚିତ୍ରାଙ୍ଗଦା କୁଳଟା ରମଣୀ ?
ଚିତ୍ର—ନିଜେ, ନିଜେ ଧନଞ୍ଜୟ ମୁଖେ —
ବ୍ରାହ୍ମଣ—ଓଃ; କ୍ଷାନ୍ତ ହୁଅ ଚିତ୍ରରଥ !
କର୍ଣ୍ଣେ ମୋର ନ ଶୁଣାଅ ସେ ପାପ ଶବଦ !
ସଖି ଚିତ୍ରାଙ୍ଗଦା ! ପତି-ପରିତ୍ୟକ୍ତା ଅଭାଗିନୀ ନାରୀ,
ତପସ୍ୱିନୀ ପରା ନଏ ବନ ।
ଆହା ! ଆହା ! ଶୁଣିଲେ ସେ ଏ କଟୁ ବଚନ—
ପୁଣି ବଭ୍ରୁବାହ ମୁଖୁଁ —
ଚିତ୍ରରଥ ! ଦୋଷ କରୁ ଛଏ ମୁଁ ତୁମ୍ଭଙ୍କୁ
ନଥାନ୍ତ ଯଦ୍ୟପି ତୁମ୍ଭେ—
ଫେରି ଦେବ ମନାସିଲ ଅଶ୍ୱ
ଅନ୍ୟ କେହି ପାଇଥାନ୍ତା ପାଣ୍ଡବ ଶିବିରେ ଅଶ୍ୱ ଯେବେ
କମ୍ବା ନିଜେ ଯଦି ତୁମ୍ଭେ ପାଇଥାନ୍ତ ଅର୍ଜ୍ଜୁନ ନିକଟେ
ଆଜ ଶୁଣିଥାନ୍ତ ତା ମୁଖରୁ
ନିଜ କର୍ଣ୍ଣେ ଏ ହୀନ କଟୂକ୍ତି…
ହାୟ ଦେଖି ! ଫେରିକ ଥାଆନ୍ତ ତୁମ୍ଭେ
ନଦେଇ ସେ ନରାଧମେ ଯଥାଯୋଗ୍ୟ ଦଣ୍ଡ
ବଭ୍ରୁ ବୋଲି ପିନା ! ବାଳକ ସେ ମାତ୍ର !
ଚିତ୍ର—ନୁହେଁ ତା ବ୍ରାହ୍ମଣ !
କି ଆଜ କର୍ତ୍ତବ୍ୟ କହ ପରର ଶିବିରେ ?
ବ୍ରାହ୍ମଣ—ପରର ଶିବିରେ ?
ଥାଉ ତୁମ୍ଭେ ଚିତ୍ରରଥ, ତୁମ୍ଭେ ଏହା କହ ?
କିନ୍ତୁ ନିର୍ଜୀବ ବ୍ରାହ୍ମଣ ମୁହିଁ

Digitized by srujanika@gmail.com

ଧନୁଶର ଚନ୍ଦ୍ର ନାହିଁ ଜନମେ ମୋହର
ମୋ ସମ୍ମୁଖେ ଯଦ୍ଧ ତୁମ୍ଭେ କନ୍ୟାରେ ମୋହର
କହନ୍ତ କୁଳଟା ! ତୁମ୍ଭ ଘରେ ! ଏହି ମଣିପୁର ରାଜପ୍ରାସାଦରେ
ଜୀବନର ମାୟା ରଖି
ମାରବେ କ ସହନ୍ତ ମୁଁ ସେହିଁ ଅପମାନ ?

ଚିତ୍ର—କନ୍ଦୁ ବ୍ରାହ୍ମଣ,

ବ୍ରାହ୍ମଣ—ହଁ, ହଁ, ବୁଝିଲ ମୁଁ ।
ତୁମ୍ଭର ବା ଏ ବୟସେ କବା ଆବଶ୍ୟକ ?
ପରଲାଗି କାନ୍ଦିନ ବା ଏତେ ଶିରବ୍ୟଥା ?

ଚିତ୍ର—ପରଲଗି ?

ବ୍ରାହ୍ମଣ—ହଁ ହଁ ପରଲଗି; ଆଶ୍ଚର୍ଯ୍ୟ ହେଲ ଯେ !
ସନ୍ତାନର ସ୍ନେହେ ତୁମ୍ଭେ ପାଳ ଅଛ ସତ୍ୟ
ତଥାପିତ ଚିତ୍ରାଙ୍ଗଦା ନୁହେଁ ତୁମ୍ଭ କନ୍ୟା ?
ତୁମ୍ଭେ ପିତୃବ୍ୟ ତାଙ୍କର, ନୁହଁ ପିତା !

ଚିତ୍ର—ନାରାୟଣ, ନାରାୟଣ ! ପାପ କଥା ଆଉ ନକୁହ ବ୍ରାହ୍ମଣ !
ଚିତ୍ରାଙ୍ଗଦା କନ୍ୟାଠାରୁ ଅଧିକ ଯେ ମୋର
ନିଃସନ୍ତାନ ବୃଦ୍ଧ ମୁହିଁ
ଅନ୍ତରର ସ୍ନେହ ମାୟା ମମତା ସମସ୍ତ
ପୁଞ୍ଜୀଭୂତ ଚିତ୍ରାଙ୍ଗଦା ପାଶେ ।
ତା'ଲାଗି ସିନା ! ଏ ବୃଦ୍ଧ ବୟସେ, ବହିଅଛି ଶିରେ ମୋର
ଏ ଗୁରୁ ଦାୟିତ୍ୱ !
ଚିତ୍ରାଙ୍ଗଦା କନ୍ୟା ନୁହେଁ ମୋର !

ଉତ୍ତମ—
କାଲି ପ୍ରାତେ ରଣକ୍ଷେତ୍ରେ ନିଅ ପରିଚୟ !

Digitized by srujanika@gmail.com

ବ୍ରାହ୍ମଣ — ସାଧୁ ! ସାଧୁ !
ଏହା ସିନା ଯୋଗ୍ୟ ବାକ୍ୟ ବୀର ପୁରୁଷର ?
କିନ୍ତୁ ଗର୍ବ ପ୍ରଧାନ ! କେଜାଣି କାହିଁକି ମୋର
ସନ୍ଦେହ ଜାଗଇ ମନେ ।

ଚଣ୍ଡ — ସନ୍ଦେହ ? ସନ୍ଦେହ କରୁଛ ବାକ୍ୟେ ମମ ?

ବ୍ରାହ୍ମଣ — ନାରାୟଣ, ନାରାୟଣ !
ଲେଶମାତ୍ର ବାକ୍ୟେ ତବ ନାହିଁ ମୋ ସନ୍ଦେହ
କିନ୍ତୁ ! ଜାଣତ ଧୀମାନ ! ନିର୍ଜୀବ ବ୍ରାହ୍ମଣ,
ଯୁଦ୍ଧବିଦ୍ୟା ଅପାରଗ ମୂର୍ଖ ।
ଜାଣେ ନାହିଁ ସମର କୌଶଳ
ତଥାପି ଆସେ ମୋ···ମନେ ସ୍ୱଭାବ ହେଲଣି ବୀର,
ଏକା ତୁମ୍ଭେ ପାରିବ ତ ଧନଞ୍ଜୟ ସଙ୍ଗେ ?
ଶୁଣିଛି ମୁଁ କପଟ ଫାଲ୍‌ଗୁନି,
ସମର କୌଶଳୀ,
ତେଣୁ ମନେ ହୁଏ ମୋର
ବଜ୍ରବାହୁ ହେବ ପଶ୍ଚ ସମକକ୍ଷ ଯୋଦ୍ଧା ! କିନ୍ତୁ—

ଚଣ୍ଡ — କିନ୍ତୁ ନୁହେଁ କିଛୁ ! ଚିହ୍ନ ନାହିଁ ତୁମ୍ଭେ ବଜ୍ରବାହେ ।
ସିଂହ ଶିଶୁ-ସମରଚତୁର ସେହୁ

ବ୍ରାହ୍ମଣ — ଜାଣେ ତାହା ସେ ବିଷୟେ ନିଃସନ୍ଦେହ ମୁହିଁ
ସନ୍ଦେହ ଏତିକି, ବଜ୍ରବାହୁ କରିବକି ପାର୍ଥ ତୁଲେ ରଣ ?

ଚଣ୍ଡ — ହିମାଚଳୁ ଅଟଳ ପ୍ରତିଜ୍ଞା ତାର ।

Digitized by srujanika@gmail.com

ଜାଣିଛ ବ୍ରାହ୍ମଣ ? ଜନମାର ନାମେ ବଭ୍ରୁ କରିଛି ଶପଥ—
ସେ ଶପଥ ନୁହେଁ ନିରର୍ଥକ ।

ବ୍ରାହ୍ମଣ — ଉତ୍ତମ ! ଉତ୍ତମ ! ଜାଣି ମୁଁ ନଥିଲି ପାର୍ଥ-ବଧ ଲାଗି
କରିଛନ୍ତି ବୋଲି ବଭ୍ରୁ ଭୀଷମ ଶପଥ !
କିନ୍ତୁ ବୀରବର !
ତଥାପି ନ ହୁଅ ତୁମ୍ଭେ ନିଶ୍ଚିନ୍ତ ମାନସ,
ଚିତ୍ରାଙ୍ଗଦା ବୀରାଙ୍ଗନା ହେଲେ ମଧ୍ୟ, ନାରୀ—
ସ୍ୱଭାବରେ କୋମଳ ହୃଦୟ !
ସେ କି ଦେବେ ଅନୁମତି—ପିତାପୁତ୍ର ରଣେ ?
ସେଥିଲାଗି କହେଁ—ଦୃଷ୍ଟି ରଖିଥିବ ତୁମ୍ଭେ ସତତ ଅବଧି—
ସଜାଗ ରହିବ ! ବଭ୍ରୁ ଯଥା ନ ଭେଟଇ ଜନମାରେ ତାର ।

ଚିତ୍ର—ଉତ୍ତମ ଏ ପରାମର୍ଶ !

ବ୍ରାହ୍ମଣ — ଆସୁଛନ୍ତି ଚିତ୍ରାଙ୍ଗଦା ଏଣେ ! ସାବଧାନ (ଚାଲିଗଲେ)

ଚିତ୍ରା — (ପ୍ରବେଶ କରି) ବାବା ! ପାଣ୍ଡବ ବିରୁଦ୍ଧରେ ମଣିପୁର-
ପ୍ରସ୍ତୁତ ହେଉଛି ଶୁଣିଲି । ଏକଥା ସତ୍ୟ ?

ଚିତ୍ର — ହଁ ମାଆ ! ସତ୍ୟ

ଚିତ୍ରା—ଏ କିପରି ସମ୍ଭବ ?

ଚିତ୍ର—ଅସମ୍ଭବ କାହିଁକି ?

ଚିତ୍ରା—ଅସମ୍ଭବ ନୁହେଁ ? ଅସମ୍ଭବ ନୁହେଁ ପିତା ପୁତ୍ରେ ରଣ ?
ବାଧ୍ୟମତେ କହିଲି ବଭ୍ରୁକୁ ! ନ ମାନିଲା କଥା—

Digitized by srujanika@gmail.com

ଜ୍ଞାନ-ବୃଦ୍ଧ, ବୟୋବୃଦ୍ଧ ତୁମ୍ଭେ !
ତୁମ୍ଭେ ଥରେ କହ ତାଙ୍କୁ !
ଅସମ୍ଭବ ଏ ସମର

ଚିତ୍ର—ଚିତ୍ରାଙ୍ଗଦା !
ନୁହେଁ ଅସମ୍ଭବ ! ବରଂ ଅନିବାର୍ଯ୍ୟ ଏ ସମର
ଦୁର୍ଗତ ଗର୍ବିତ କ୍ଷତ୍ରିୟ ! ଆସି ମଣିପୁରେ
ପଦାଘାତ କରିବ ସେ ଗନ୍ଧର୍ବର ଯଶୋନ୍ନତ ଶିରେ ?
ଆଜ୍ ମନେ କି କରିଛ ତୁମ୍ଭେ—
ନିର୍ଜୀବ ଗନ୍ଧର୍ବ; କାପୁରୁଷ ମଣିପୁରବାସୀ ?
ଚିତ୍ରାଙ୍ଗଦା ! ବାରଣ ନ କର
ଏ ବାରଣେ ଫଳ ନାହିଁ କିଛି ।

ଚିତ୍ରା—ଶୁଣିଲି ମୁଁ ତୃତୀୟ ପାଣ୍ଡବ—
ଅପମାନ କରି କଥା କହିଛନ୍ତି ମୋତେ,
କିନ୍ତୁ ହେ ପିତୃବ୍ୟ !
ମାନ ଅପମାନ ମୋର ସବୁ ଯେ ତାଙ୍କର ।
ନିଜେ ମୁହିଁ ନୁହେଁ ତ ମୋହର
ଜାଣିଛ ସକଳ ?
ସଂସାରର ସବୁ ସୁଖେ ଦେଇ ଜଳାଞ୍ଜଳି
ଏ ଜୀବନ ଧରି ମୁଁ ରହିଛି
ତଥାପି ମୋ ଭାଲେ ଲେଖା କୁଳଟା କଳଙ୍କ ।
ତଥାପି ମୋ ପରୀକ୍ଷାରେ ରହିଅଛି ବାକି ।
ସହିବି ମୁଁ ମୀରବରେ ସବୁ । କିନ୍ତୁ ସେ ଯେ ସ୍ୱାମୀ---
ଦେବତା ମୋହର—

Digitized by srujanika@gmail.com

ଚରଣ ଧରୁଛି
ବ୍ୟଥା ପରେ ବ୍ୟଥା ଆଜ ନଦିଅ ପିତୃବ୍ୟ ।
ଚିତ୍ର— ମାଆ ! ଏ ଦୁଃଖ କି ନବାଧୁଛି ମୋତେ ?
ଅର୍ଜୁନ ଜାମାତା ମୋର,
ଶୁଣିଲେ ସେ ଦୁଃଖ, ଫାଟିଯାଏ ଛାତି,
କିନ୍ତୁ ନାରୀର ଏ ଅପମାନ, ଦେଶର କଳଙ୍କ ।
ନିରୁପାୟ ! କିପରି ସହିବି କହ ?
ଅଦ୍ୟାପି ଯେ ଜୀବିତ ମୁଁ ଅଛି ।
ଚିତ୍ରା— ମଣିପୁର ରମଣୀରେ କହିତ ନାହାନ୍ତି ପାର୍ଥ ଅପମାନ କଥା
ଅପମାନ ଯଦି କରିଛନ୍ତି--କରିଛନ୍ତି ମୋତେ--ନିଜ ରମଣୀରେ ।
ପ୍ରସ୍ତୁତ ମୁଁ ସହିବାକୁ ତାହା ହସ ମୁଖେ
ଆଜ ତୁମ୍ଭେ ଯଦି ନସହ ଏତକ—
ସମ୍ମୁଖେ ତୁମ୍ଭର !
ହେବ ସିନା କାଲି ପୁଣ ଅବା ପତିହୀନା ମୁହିଁ ?
ସହିବ ତ ଏ ଆଘାତ ତୁମ୍ଭେ ?
ଚିତ୍ର—କି କରିବି ? ବିଧିଲିପି କେ କାଟିବ ଆନ ?
କିନ୍ତୁ ରାଜ ପ୍ରତିନିଧି ମୁହିଁ
ରାଜ୍ୟର ମଙ୍ଗଳ ହେତୁ—
ପ୍ରଜାର ବାସନା ଯେନ ଚଳିବାକୁ ବାଧ୍ୟ ।
ଗନ୍ଧର୍ବ ସମ୍ମାନ, ମାନ, ଅପମାନ ସବୁ
ସମର୍ପଣ କରି ମୋର କରେ ! କହ ମୋତେ ?
କି ପାରିବ କରି ପ୍ରଜା ଇଚ୍ଛାର ବିରୁଦ୍ଧେ ?
ରାଜମାତା ତୁମ୍ଭେ ପ୍ରଜାର ଜନନୀ ।
ଦେବୀ ତୁମ୍ଭେ ପ୍ରଜାର ନୟନେ ।

Digitized by srujanika@gmail.com

ଅପମାନ ନୁହେଁ ତୁମ୍ଭର ତ ମାତା !
କ୍ଷିପ୍ତ ପ୍ରଜାଗଣେ, କହ !
ପଚାରିଲେ ମୋତେ; କି ଉତ୍ତର ଦେବ ?

ଚଣ୍ଡୀ—ସେ ଉତ୍ତର ଦେବ ମୁଁ ତାହାଙ୍କୁ ।

ଚଣ୍ଡ—ଅସମ୍ଭବ କଥା ।
କାତରତା ତୁମ୍ଭ ପକ୍ଷେ ଅସୁନ୍ଦର ବଡ଼େ ଚଣ୍ଡାଙ୍ଗଦା !

ଚଣ୍ଡୀ—ବୀରାଙ୍ଗନା ମୁହିଁ, କାତର ନୁହେଁ ମୁଁ କେବେ ।
ଧରିଆସେ ଅସି ମୋତେ ।
ନାଚି ଜାଣେ କରାଳ ତାଣ୍ଡବେ,
କରିଜାଣେ ନରରକ୍ତ ପାନ
ହସିଜାଣେ ପିଶାଚର ହସ ।
କିନ୍ତୁ ହେ ପିତୃବ୍ୟ ! ପିତା ପୁଚ୍ଛେ ରଣ !
ଏ ରଣ ମୁଁ ବାରଣ କରିବ ।

ଚଣ୍ଡ—ଚଣ୍ଡାଙ୍ଗଦା !
ଅନ୍ତର ଅଭ୍ୟନ୍ତର କାନ୍ଦେ ମୋର ଅର୍ଜୁନର ଲାଗି
ତଥାପି ରାଜ୍ୟର ଲାଗି, ଦେଶର ମଙ୍ଗଳ ହେତୁ
ଜାତି ସ୍କନ୍ଧେ ଅର୍ଜୁନର ତପ୍ତ-ରକ୍ତ-ବିନ୍ଦୁ !
ରାଜକାର୍ଯ୍ୟେ ଏ ଅନାର୍ଯ୍ୟ ବାଧା ।

ଚଣ୍ଡୀ—ହେ ପିତୃବ୍ୟ ! କହିଲି ବହୁତ !
ମିନତି ମୋ ନ ଘେନିଲ ତୁମ୍ଭେ ।
ନ ରଖିଲ ଅନୁରୋଧ ମୋର !

Digitized by srujanika@gmail.com

ରାଜକାର୍ଯ୍ୟ !
ପିତାର ବନ୍ଧୁଙ୍କ ପୁତ୍ର ପଶିବ ସମରେ—
ଏହାକ ହେ ରାଜ୍ୟର ଶାସନ ?
ଉତ୍ତମ ! ଅବିଳମ୍ବେ ରାଜ୍ୟେ ମୁହିଁ କରିବି ଘୋଷଣା—
ପାଣ୍ଡବ ବିରୋଧି ଯେତୁ,
ନକେ ମୁହିଁ ଦଣ୍ଡ ଦେବି ପ୍ରାଣଦଣ୍ଡ ତାଙ୍କୁ ।
ଦେଖିବି ମୁଁ ରାଜକାର୍ଯ୍ୟ କାହାକୁ କହନ୍ତି ।

ଚନ୍ଦ—ସାବଧାନ ଚନ୍ଦ୍ରାଙ୍ଗଦା । ମନେରଖ ପିତୃବ୍ୟ ମୁଁ ତୋର—
ରାଜ୍ୟର ରକ୍ଷକ ! ମୋ ସମ୍ମୁଖେ ?—

ଚନ୍ଦ୍ରା—ଆଜ ଭୁଲି କି ଯାଉଛ ତୁମ୍ଭେ ମୁହିଁ ରାଜାର ଜନନୀ ?

ଚନ୍ଦ—ଚନ୍ଦ୍ରାଙ୍ଗଦା !

ଚନ୍ଦ୍ରା—ଦାଦା !

ଶ୍ରୀକୃଷ୍ଣ—(ସହସା ପ୍ରବେଶ କରି) ଚନ୍ଦ୍ରରଥ !
କାହା ସଙ୍ଗେ ସମର କରିବ ?
ଏଇତ ଆସୁଛି ମୁହିଁ ପାଣ୍ଡବ ଶିବିରୁ ।
ଦୁର୍ବଳ ଅର୍ଜୁନ !
ରଥ ଯେନ ଚଳାଇଛି ହସ୍ତିନା ନଗରେ
ସେନା ସୈନ୍ୟ ଚଳାଇବେ ଯୁଦ୍ଧ ?
କବା ଲାଭ ହେବ ତବ କରି ହତ୍ୟା ନିରାହ ସେନାମା ?

ଚଣ୍ଡ—ହେ ବ୍ରାହ୍ମଣ ! ଏ କି ସତ୍ୟ କଥା ?
ବ୍ରାହ୍ମଣ—ମିଥ୍ୟା କହି କିବା ଲାଭ ମୋର ?
ଆଜ୍ଞ ବ୍ରାହ୍ମଣ ମୁଁ !
ତୁମ୍ଭ ଅନୁମାନେ ଆଜ ହେଲି ମିଥ୍ୟାବାଦୀ ?

ଚଣ୍ଡ—ନାଁ, ନାଁ, ବ୍ରାହ୍ମଣ ଦେବତା !
କ୍ଷମାକର ! କ୍ଷମାକର ମୋତେ ।
ଭଗବାନ ! ବୁଝିଲକି ଅନ୍ତର ମୋହର ?
ସତ୍ୟ ! ତୁମ୍ଭେ ସତ୍ୟ ! ଅନ୍ତର୍ଯାମି ! ତୁମ୍ଭେ ସତ୍ୟ !
(କରଯୋଡ଼ି ଝୁଲିଗଲେ)

ଶ୍ରୀକୃଷ୍ଣ—(ହସି ହସି ଚଣ୍ଡରଥଙ୍କ କର ଧରି ସଙ୍କେତ ସହ ନିଷ୍କ୍ରାନ୍ତ ହେଲେ)

ବନ୍ଧୁ—(ପ୍ରବେଶ କରି) ରେଖା ! ରେଖା !

ରେଖା—(ପ୍ରବେଶ କରି) କହ !

ବନ୍ଧୁ—ସୁସମ୍ବାଦ !
ଶୁଣିଲୁଟି ? ମାତୃ ଆଶୀର୍ବାଦ ଯାର ଶିରେ
ଶୁଭକାର୍ଯ୍ୟ ବିଘ୍ନ ତାର କେବେ କି ସମ୍ଭବେ ?
ସେନା ସେନାପତି ସେତେ—
ସମ୍ମୁଖ ଯେ ହୋଇଥିଲେ ଯୁଝିବାକୁ ଅର୍ଜୁନର ଭୁଲେ,
ସର୍ବେ ଏକମତ !
ଆସୁଛନ୍ତି ହୋଇ ଏକଠୁଳ !
ରେଖା ! ଅଗଣିତ ସୈନ୍ୟ !

Digitized by srujanika@gmail.com

ଆନନ୍ଦର ସିନ୍ଧୁ ମୋର
ଲଙ୍ଘେ ତଟ କୂଳ
ଦେ, ଦେ ରେଖା ! ଜୟଟୀକା ପିନ୍ଧାଇ ଦେ ଶିରେ ।
ଅର୍ଜୁନର ଉଷ୍ଣ ରକ୍ତେ—
ତୃପ୍ତ ହେଉ ପ୍ରତିହିଂସାନଳ
ରେଖା ! ରେଖା । ନୀରବ ତୁ ରହୁ ?
ଗାଅ, ଗାଅ, ଆନନ୍ଦ···ଆନନ୍ଦ ସଙ୍ଗୀତ ।

ମଞ୍ଜୁ—(ହାତରେ ଅର୍ଘ୍ୟଥାଳ ଓ ଶଙ୍ଖ)
ମନେକ କରିଛ ତୁହେଁ,
ଏ ଆନନ୍ଦେ ଭାଗ ନାହିଁ ମୋର ?
ଜୟମାଲ୍ୟ ପିନ୍ଧାଇବ କଏ ?
ଭାଲେ କଏ ଦେବ କହ ଚନ୍ଦନ ସିନ୍ଦୂର ?
ହେଇ ଆଣିଛି ମୁଁ ସବୁ ।
ରେଖା ! ବିଳମ୍ବ କରୁଛୁ ?
ନେ ! ପିନ୍ଧାଇ ଦେ ମାଳା ।
ଦେଉଛି ସିନ୍ଦୂର ମୁହିଁ ।

ରେଖା—ଶୁଭଦିନ ଆଜ ମୋର ।
ମାତୃନାମ ସ୍ମରି,
ଦେଲି ଜୟମାଳା ଗଳେ,
ପ୍ରାର୍ଥନା ମୋ ଜନନୀ ପୟରେ
ରଖନ୍ତୁ ସେ ସତୀ-ମାତା-ସନ୍ତାନର ଟେକ ।

ମଞ୍ଜୁ—ରେଖା ! ମନେକର ନାହିଁ ସଖୀ !
ତୋ କଥା ମୁଁ ଯାଇଅଛି ଭୁଲି !
ଅଟ ତୁହି ମଣିପୁର ରାଜ-ଅଙ୍ଗ-ରକ୍ଷୀ

Digitized by srujanika@gmail.com

ତୁ କପାଁ ରହିବୁ ବାଙ୍କ ?

(ରେଖା ଗଳାରେ ମାଳା ପିନ୍ଧାଇଦେଇ ବଭ୍ରୁ ମଥାରେ ସିନ୍ଦୂର ଦେଇ)

ବିଜୟୀ ସୁନ୍ଦର ! ବୀର ଶିର ଭୂଷଣ ତୁ ବୀରର ଜୀବନ ।
ନାରାୟଣ ସାକ୍ଷୀ କରି
ସନ୍ତା-ମାତା ଆଶୀର୍ବାଦ ଘେନି
ଦେଉଛି ମୁଁ ରଜଣିରେ ଆଜ,
ରଖ ରମଣୀର ମାନ,
ରହୁ ଦେଶ ନାମ,
ଆ ! ଚୋଟେ ଦିଏଁ ରେଖା (ସିନ୍ଦୂର ଦେଲେ)
(ନେପଥ୍ୟେ)—ଜୟ ମଣିପୁର ରଜାଙ୍କର ଜୟ
ଜୟ ବଭ୍ରୁବାହନଙ୍କର ଜୟ ! (ଯୁଦ୍ଧ ନାଗରା ଶବ୍ଦ)

ମଞ୍ଜୁ—ହେଇ ଶୁଣ ! ସୈନ୍ୟ କୋଳାହଳ !
ସିନ୍ଧୁର ଗର୍ଜନ ପରି ଶୁଭଇ ଶ୍ରବଣେ ।
(ନେପଥ୍ୟେ ଗୀତ ଶବ୍ଦ)
"ବନ୍ଦେ ଦେଶ ହୀର"

ରେଖା – ଯାଏଁ ଆଣେ ଧ୍ୱଜା (ଦ୍ରୁତେ ପ୍ରସ୍ଥାନ)

ବଭ୍ରୁ—ମଞ୍ଜୁ ! ଏ ଆନନ୍ଦ ଦିନେ ମୋର—
ରହିଲା ଶୋଚନା କନ୍ଜୁ !—(ଦୀର୍ଘ ଶ୍ୱାସ)

ମଞ୍ଜୁ—ମାତୃ ଆଶୀର୍ବାଦ !
ମାତୃ ନାମେ, ମାତା ଲାଗି, ଯାଉଛ ସମରେ .
ଅଯାଚତେ ସେ ଆଶୀଷ ଅଧିକାରୀ ତୁମ୍ଭେ
କାହିଁକି ଭାବନା ?

ରେଖା—ଧର ଅସି ବୀରର ଜୀବନ !

Digitized by srujanika@gmail.com

ଚିହ୍ନି ତୋତେ ଦେଲ ରାଜକରେ ।
ଶୁଭେ କାଲ ଫେରବୁ ରେ ପିଇ ଅରିରକ୍ତ,
ଲଜ୍ଜା ଦୁର୍ଗନ୍ଧ ପୂଜିବ ମୁଁ ତୋତେ ।
(ଧ୍ୱଜା ଆଣି ବଭ୍ରୁ ହାତେ ଦେଇ)
ଜୟ !
ଏ ପତାକା ତଳେ—
ନତ ଆଜ ମଣିପୁର ପ୍ରଜା ।

ମଞ୍ଜୁ—ରେଖା ! ଶୁଭେ ମଙ୍ଗଳ ସଙ୍ଗୀତ
କର ବନ୍ଦାପନା !

—ଗୀତ—

ବନ୍ଦେ ଦେଶ ସ୍ୱର

ଜନମି ଗୋ ! ଚରଣେ ପ୍ରଣମାମି,
ଜନମି ଗୋ ! ଜଗନ୍ନାଥ ଭୂମି,
ବୀରପ୍ରସୂ ମା, ଜନମି ଶ୍ୟାମା
କୋକଳ କଣ୍ଠ-ସୁତାନ ଝଙ୍କାରେ । ୧ ।
ବୁଦ୍ଧଚନ୍ଦ୍ର ଯା ଖେଳେ ଗୋ—
ଯା ଗଣ୍ଡେ ହାସ ଖେଳଇ ଚନ୍ଦ୍ରିକାରେ ଗୋ,
ଖଞ୍ଜି ମଞ୍ଜୁ ତାରକା
ସତେ କି ମୋତି ମାଳିକା
ଅଗୁରୁ ଗନ୍ଧ ଚନ୍ଦନ, ଭୁବନ ଭୁବନ ବନ୍ଦନ !
ସୁବେଶ ମଞ୍ଜୁଳା, ଦେଶ ମଞ୍ଜୁଳା । ୨ ।
(ବନ୍ଦାପନା-ଶଙ୍ଖଧ୍ୱନି)

ପଟକ୍ଷେପ

Digitized by srujanika@gmail.com

ଷଷ୍ଠ ଅଙ୍କ

(ମଣିପୁର ଶିବର – ଅଦୂରେ ରଣସ୍ଥଳୀ)

ବୃଷକେତୁ—ଦେଖ, ଦେଖ !
    ତେବେ ମଧ୍ୟ ଅବିଶ୍ୱାସ କର ମୋ କଥାରେ ?
ସାତ୍ୟକି—ଫଳରେ ଦେଖିବ !
    ବଜ୍ର ବାଢ଼ ପତନ ନିଶ୍ଚୟ ।
    କହିଲ ଯେ ପ୍ରକାରର କଥା—
    ପାର୍ଥକ୍ୟ ଅନେକ ।
ବୃଷ—ପାର୍ଥକ୍ୟ କିଛି ତ ନାହିଁ ?
    ହୁଙ୍କାର ସମାନ ମାତୃ ଆଶୀର୍ବାଦେ—

Digitized by srujanika@gmail.com

ବଜ୍ର ବାଦ୍ୟ ଅଛି ବଳୀୟାନ
ଦେଖି ନାହିଁ ? ଛତ୍ରଭଙ୍ଗ ପାଣ୍ଡବ ସେନାମା ?

ସାତ୍ୟକ—ସତେ ! ସତେ ଏ କ ଅସମ୍ଭବ ।
କାହାନ୍ତି ଫାଲ୍‌ଗୁନୀ ?
ଏତେ ବେଳେ ଗୌରବ କାହିଁକ ?
ରଣ-ସ୍ଥଳେ ଦେଖେଁ ବିଶୃଙ୍ଖଳା ।

ବୃଷ—କହନାହିଁ ମୂର୍ଖ ?
ଧାରଣା ତୁମର ତୁହେଁ ସତ୍ୟ ।
ସର୍ବନାଶୀ ଚକ୍ରାଙ୍କଦା—
କଳଙ୍କିମା ଦୋଷାରୋପ ନୁହଇ ଉଚିତ ।
ମନେ ହୁଏ—ସେହି କଥା—
ସେ ସନ୍ଦେହେ କ୍ଷୁବ୍‌ଧ ଆଜ ତୃଣାୟୁ ପାଣ୍ଡବ ।

ସାତ୍ୟକ—ଜାଣ ବୃଷକେତୁ !
ନିଜେ କୃଷ୍ଣ କହୁଛନ୍ତି—
ସେ କ ମିଥ୍ୟା କଥା ?

ବୃଷ—ନୁହେଁ ଅସମ୍ଭବ !
କାର୍ଯ୍ୟୋଦ୍ଧାର ଲାଗି—
କେଶବଙ୍କ ମିଥ୍ୟା କଥା ନୁହେ ତ ନୂତନ,
ବରଂ, ଅଛି ପ୍ରଚଳନ ତାହା ।
ଛଳନା, କପଟ, ମିଥ୍ୟା, ପ୍ରବଞ୍ଚନା ଯେତ
ତାଙ୍କର ସେ କୃଷ୍ଣତ୍ୱ ପ୍ରକାଶ ।

Digitized by srujanika@gmail.com

ସାତ୍ୟକି—କିନ୍ତୁ ସନ୍ଦେହ ନ ଆସେ କେବେ ମାଧବ ବଚନେ !
ବୃଷ—ନିଜେ କୃଷ୍ଣ କାହାନ୍ତି ଏ କାଳେ ?
ସେ କିପାଁ ତେଜିଲେ କହ ପାଣ୍ଡବ ଶିବିର ?

ସାତ୍ୟ—ଭାବୁଛି ମୁଁ !
କ୍ଷୁଦ୍ର ମଣିପୁର ଭୂଲେ ପାଣ୍ଡବ ସମର,
ଅବଜ୍ଞାରେ ରଣକ୍ଷେତ୍ର ଛାଡ଼ିଛନ୍ତି କୃଷ୍ଣ ।
ଅବା ମନେ କରିଥିବେ—
ନାହିଁ ଲୋଡ଼ା ସାହାଯ୍ୟ ତାଙ୍କର ।

ବୃଷ—ଏବେ ଦେଖ, ଏବେ ଦେଖ !
କ୍ଷୁଦ୍ର ମଣିପୁର ବୋଲି ଅବଜ୍ଞା କରୁଛ ?
ଏଣୁ ନା ସେ ବୃଦ୍ଧ ଶିବରଥ ?
ମହାବଳ ଭୀମ ଦେଖ ନ ପାରନ୍ତି ତିଷ୍ଠି
ଶରମୂଳେ ଯାଉ ?

ସାତ୍ୟକି—ଯାଅ ! ଯାଅ ତୁମ୍ଭେ ବୃଷକେତୁ—
ଭୀମସେନ ପାଶେ ।
ଖୋଜେ ମୁହିଁ କାହାନ୍ତି ଅର୍ଜୁନ ।
(ଉଭୟେ ପ୍ରସ୍ଥାନ କଲେ)
[ଅର୍ଜୁନ ପ୍ରବେଶ—କ୍ଷୁବ୍ଧ ମନେ]

ଅର୍ଜୁନ—ଯୁଦ୍ଧ ! ଯୁଦ୍ଧ !
ଅନ୍ତରେ ବାହାରେ ଖେଳେ ଯୁଦ୍ଧ ବହ୍ନିଶିଖା—
ଜୀବନଟା ସାରା ଯୁଦ୍ଧମୟ !

Digitized by srujanika@gmail.com

କୁରୁକ୍ଷେତ୍ର-ଯୁଦ୍ଧ-ଜୟୀ ତୃତୀୟ ପାଣ୍ଡବ !
କାହୁଁ ? କାହିଁ ଅବସର ?
ଯୁଦ୍ଧ ପରେ ଯୁଦ୍ଧ ?
ବହିର୍ଯୁଦ୍ଧ ପରେ ଆଜ ଅନ୍ତରରେ ମୋର—
ବିବେକ, କର୍ତ୍ତବ୍ୟ ମଧ୍ୟେ କୁରୁକ୍ଷେତ୍ର ସୃଷ୍ଟି !
କାହୁଁ କି ପତନ !
ହୀନବଳ ଗାଣ୍ଡୀବ ମୋହର !
କିଏ କହେ ମୁଁ ଧନଞ୍ଜୟ ?
ମିଥ୍ୟା ! ମିଥ୍ୟା ସବୁ ! ଅପାରଗ ମୁହିଁ ! ଯାଏଁ !
ବିଶ୍ରାମ ମୋ ପ୍ରୟୋଜନ ଆଜ !
ରଣକ୍ଷେତ୍ରେ ଅର୍ଜୁନ ନିର୍ଜୀବ ! (ପ୍ରସ୍ଥାନ)

(ବଭ୍ରୁ ପ୍ରବେଶ ଓ ତହିଁପରେ ରେଖା ଗୋଟିଏ ଶର ଘେନି ଆସିଲେ)

ରେଖା—ବଭ୍ରୁ ! ବଭ୍ରୁ ! ଏହି ନିଅ ଦେବୀ ଆଶୀର୍ବାଦ ।
ସ୍ୱପ୍ନେ କାଲି ଅପରୂପ ମୂର୍ତ୍ତିମୟୀ—
ପଦ୍ମଚକ୍ଷୁ, ଅପୂର୍ବ ଲୋଚନା ଦେବୀ ମୂର୍ତ୍ତି ଏକ
ଦେଇ ଦେଖା ନୟନ ସମ୍ମୁଖେ,
ଏହି ଶର, ଏହି ଶର ଦେଇଛନ୍ତି ମୋତେ,
ଅର୍ଜୁନର ଏହା ମୃତ୍ୟୁବାଣ ।
ବଜ୍ର ଘେନି ଆସିଲେ ବାସବ,
ଚନ୍ଦ୍ର ଭୁଲେ ଅବା ନାରାୟଣ,
ଆସିଲେ ଆସନ୍ତୁ—
ରଖି ନ ପାରିବେ କେହି ଅର୍ଜୁନର ପ୍ରାଣ,
କରିବ ସନ୍ଧାନ ଯେବେ ଗଙ୍ଗା ମନ୍ତ୍ର ସ୍ମରି ।
ରଖ, ରଖ ସଯତନେ ।

Digitized by srujanika@gmail.com

ବଭ୍ରୁ—ଦେବୀ ଆଶୀର୍ବାଦ !
ଶିର ପରେ ମୋର (ଶର ମଥା ଉପରେ ଲଗାଇ)
ମନ୍ତ୍ର ପୂତ ଏହ୍ମ ଶରେ
ପାରେ ଯଥା ହନାଣି ମୁଁ
ସତୀ ନାମେ କଳଙ୍କ ରଟନା-କାରୀ ଦୁର୍ମ୍ମତି ଅର୍ଜ୍ଜୁନେ ।
ରେଖା—ମାତ୍ର ନାମ ଧରି, ପଶ ବୀର ପ୍ରଚଣ୍ଡ ସମରେ ।
ଦେଖ, ସାବଧାନ !
ଗୋଟିଏ ସୈନିକ ଯଥା ପାଣ୍ଡବ ଶିବିରୁ
ନ ଫେରିବ ପ୍ରାଣ ଘେନ ଆର
ନତୁ, ମାତାର କଳଙ୍କ କଥା ରଟିବ ଜଗତେ ।
ଦେଖ ! ଦେଖ ! ଯାଅ ବେଗେ,
ଗଦା-ହସ୍ତେ ବୃକୋଦର ଧାଇଁଅଛି ମାତାମହ ପାଶେ,
ଛତ୍ରଭଙ୍ଗ ହେଉଛନ୍ତି ମଣିପୁର ସୈନ୍ୟ ।
ଯାଅ, ଯାଅ ବିଳମ୍ବ ନକର
ପରାଜିତ କର ଭୀମସେନେ
ଖୋଜ ଶୀଘ୍ର କାହାନ୍ତି ଅର୍ଜ୍ଜୁନ ।
ଶାନ୍ତି ! ଶାନ୍ତି ହଅ !
ଯେ କହୁଛି କଳଙ୍କିନୀ ସତୀ ଜନନୀରେ ।
(ଉଭୟେ ଭିନ୍ନ ଦିଗେ ପ୍ରସ୍ଥାନ)
ଅର୍ଜ୍ଜୁନ—ଅସ୍ଥିର ହୃଦୟ !
ଭାବନାର ନାହିଁ ଅବସର ।
ରଣ ! ସମ୍ମୁଖରେ ରଣ !
କିନ୍ତୁ ଅବସାଦ !
ଅବସାଦ ଆବୋରେ ମୋ ଅଙ୍ଗ ।

Digitized by srujanika@gmail.com

ସେହି ବେଶ ! ସେହି ରଣ ଭୂଷା
ଅମ୍ବର ଝଙ୍କାର ସଙ୍ଗେ ଶରର ହୁଙ୍କାର—
ଅଣୁଥିଲା ମନେ ଯାହା ଉନ୍ମାଦନା ମୋର—
ଆଜ ! ଆଜ ଉଭାଲଗେ ମୋତେ,
ବିତୃଷ୍ଣା ଜାଗଇ ମନେ ।
ନାରାୟଣ ! ନାରାୟଣ ! ଏ କି ହେଲା ? ଏ କି ଅବସାଦ ?
ଏ କି ଦୁର୍ବଳତା !
(ସାତ୍ୟକି ପ୍ରବେଶ କଲେ)

ସାତ୍ୟକି—ଧନଞ୍ଜୟ, ଧନଞ୍ଜୟ ! ବିଷମ ବିପଦ,
ଭୀମସେନ ପାଶେ କେହି ନାହିଁ ।
ଛତ୍ରଭଙ୍ଗ ପାଣ୍ଡବ ସେନାଏ ।
ରଣକ୍ଷେତ୍ରେ ପଡ଼େ ହାହାକାର ।
କେହି ନାହିଁ ରୋଧିବାକୁ ମଣିପୁର ସେନା ।

ଅ—ଯାଅ ! ଯାଅ ତୁମ୍ଭେ ହେ ସାତ୍ୟକି !
ଶୀଘ୍ର ଯାଅ ବୃକୋଦର ପାଶେ ।

ସାତ୍ୟକି—ଅସମର୍ଥ ନୋହିଲେ ମୁଁ,
କାହିଁକି କହନ୍ତ ଆସି ତୁମ୍ଭଙ୍କୁ ଅର୍ଜୁନ ?

ଅ—ଜାଣୁ ହେ ସାତ୍ୟକି ! ବୁଝି ପାରୁନାହିଁ
କାହିଁକି ମୁଁ ଏଡ଼େ ଅବସନ୍ନ !
ଦମ୍ଭ ନାହିଁ, ବଳ ନାହିଁ, ଶକ୍ତି ନାହିଁ ମୋର,
ଧରିବାକୁ କରେ ଧନୁଶର !

ସାତ୍ୟକି—ହେ ଫାଲ୍‌ଗୁନୀ !

Digitized by srujanika@gmail.com

ଅନୁମାନ କରୁଛି ମୁଁ କାଲଠାରୁ ଏହା,
ଅନୁମାନ କରୁଅଛି ମଧ୍ୟ କାରଣ ଏହାର ।
କରୁ କାହାଠାରେ କର ଅବିଶ୍ୱାସ ?
ଜାଣ ନାହିଁ ଆଉ ?
ହସ୍ତିନାରେ ଧର୍ମ-ରାଜ ବସିଛନ୍ତି ରହି—
ଅଶ୍ୱମେଧ ପରେ,
ପାଣ୍ଡବର କୀର୍ତ୍ତି ସ୍ତମ୍ଭ କରିବେ ସ୍ଥାପନ ।
ଆଉ ତୁମ୍ଭେ, ବୀର ଧନଞ୍ଜୟ !
ଏତେବେଳେ ନୀରବ ! ନଶ୍ଚେଷ୍ଟ !
କାର୍ଯ୍ୟ କର ତୁମ୍ଭେ ଆଜ କେଶବର ଇଚ୍ଛାର ବିରୁଦ୍ଧ ?
ମନେହୁଏ ମୋର—
ନୁହଇ ଏ ଶୁଭର ଲକ୍ଷଣ ।

ଅ—ହେ ସାତ୍ୟକ !
ବୃଥା ! ବୃଥା ଉତ୍ତେଜନା !
ନର୍ଜୀବ ଅର୍ଜୁନ,
ପ୍ରାଣହୀନ ଅର୍ଜୁନର ଦେହ ।
ଯାଅ ନଜେ, ପାର ଯଦ୍ଧ କର ରକ୍ଷା ମନ୍ତ୍ର-ପୂତ ଅଶ୍ୱ !
ଅଶ୍ୱମେଧ ଯଜ୍ଞ କର ହେ ସମ୍ପୂର୍ଣ୍ଣ ।
ମାଧବର ମନୋବାଞ୍ଛା କର ହେ ପୂରଣ ।

ସାତ୍ୟକ—ରହି ଦେଖ ! ହାହାକାର ପଡ଼େ ବୀର ପାଣ୍ଡବ ପକ୍ଷରେ
ତୁମ୍ଭ ଶିଥିଳତା ହେତୁ—
ଦେଖ ଦେଖ ଆଜ ପାଣ୍ଡବର ଦଶା !
ଦେଖ, ଦେଖ, ଶବ୍ଦୂଶରେ ଗୁଞ୍ଜରଲା ଗଗନ ମଣ୍ଡଳ;

Digitized by srujanika@gmail.com

କେହି ନାହିଁ ନିବାରିବ ଏହା ।
ଧନଞ୍ଜୟ !

ଅ—(ହର୍ଷ) ଉହ, ଉହ, ଦେଖ !
କି ଅଦ୍ଭୁତ ସମର କୌଶଳ
ପୁଣି କି ପରଶୁରାମ ରାମଧନୁ ହେନ
କ୍ଷତ୍ରିୟ ନାଶନେ ଆଜ ସମରେ ଉଦ୍‌ଭବ ।
ଏକେ, ଏକେ ବୀରବୃନ୍ଦ ମାନ ପରାଜୟ
ପଳାନ୍ତି ହେ ଫେରୁ ପଲ ସର
ମତ୍ତଗଜ ଯଥା ଦଳେ ରମ୍ଭାବନ ।
କିଏ, କିଏ ହେ ସାତ୍ୟକି ? କିଏ ?
କିଏ ସେ ବାଳକ ?

ସାତ୍ୟ— ଅସମ୍ଭବ ! ଅସମ୍ଭବ ରଣ !
ଜୀବନେ ମୋ ପ୍ରଥମ ଦର୍ଶନ ।

ଅ—ଦେଖିଛ କି ? ଦେଖିଛ କି କେବେ
ବାଳକର ଏସନ ସମର ?

ସାତ୍ୟ—ଦେଖିଥିଲି ଥରେ—
ଯେବେ ସପ୍ତରଥୀ ବେଢ଼ିଥିଲେ
ଅଭିମନ୍ୟୁ ବୀରେ ।
ସିଂହ ଶିଶୁ ମୃଗପଲେ ଦଳ
ହସି ହସି ଯୁଦ୍ଧ କରେ ଦେଖିଛି ସେ ଥର ।

ଅ—କହୁ ଆଜ ରଣେ ? ଶ୍ରେଷ୍ଠ ?

Digitized by srujanika@gmail.com

ସାତ୍ୟ—ଶ୍ରେଷ୍ଠ ବନ୍ଧୁବାଦ ।

ଅ—ସ୍ୱୀକାର କରୁଛ ତୁମ୍ଭେ ?
ହେ ବୀର ସାତ୍ୟକ !
ଶ୍ରେଷ୍ଠ ବନ୍ଧୁବାଦ !
(ଶ୍ରୀକୃଷ୍ଣ ପ୍ରବେଶ)

ଶ୍ରୀକୃଷ୍ଣ— ଧନଞ୍ଜୟ !

ଅ—କଏ ? ସଖା ?
ଦେଖୁଛ ସମର ?
ସାତ୍ୟକ କହିଲେ—
ଶ୍ରେଷ୍ଠ ବନ୍ଧୁବାଦ ।

ଶ୍ରୀକୃଷ୍ଣ—ଏ କ ଉନ୍ମାଦନା ! ଏ ଦୁର୍ବଳତା !
ଧନଞ୍ଜୟ !

ଅ—ଉନ୍ମାଦନା !
ଉନ୍ମାଦତ ହୋଇନାହିଁ ସଖା !
ଅଦ୍ୟାପି ପାରୁଛି ଚିହ୍ନି ତୁମ୍ଭେ ସଖା ମୋର ।
ତୁମ୍ଭର ନର୍ଦ୍ଦେଶେ—
ଆଜ ପିତା ପୁତ୍ରେ ରଣ,
ତୁମ୍ଭର ଆଦେଶେ—ହୁଏ ଅଘଟ ଘଟଣ,
ତୁମ୍ଭର ଇଙ୍ଗିତେ—
ହେ କେଶବ !
ସନ୍ତାନର କରେ ଆଜ ହେବ ପିତାର ମରଣ ।

Digitized by srujanika@gmail.com

ଜନ୍ମ ମାୟାଧର !
କହ ! କହ !
ଏଥେଁ ଯନ୍ତ୍ର ବଢ଼ିବ ହେ ମହିମା ତୁମ୍ଭର;
କାହିଁକି ! କାହିଁକି କହିଲ ନାହିଁ ?
ଅର୍ଜ୍ଜୁନ କି ଅସମର୍ଥ
ଅର୍ପିବାକୁ ଶିର ତାର
ଛେଦି ନିଜ ହସ୍ତେ
ଯହିଁ ହେଉ କୃଷ୍ଣ ନାମେ
ଉଡ଼ିବ ପତାକା ?
କୃଷ୍ଣ ଯେ ଅର୍ଜ୍ଜୁନ ସଖା !
ଅର୍ଜ୍ଜୁନର ପ୍ରଭୁ
ପ୍ରାଣାଦପି ପ୍ରିୟ—ପ୍ରିୟତମ ।

ଶ୍ରୀକୃଷ୍ଣ— ସାତ୍ୟକି ! ଯାଅ ଶୀଘ୍ର ରଣକ୍ଷେତ୍ରେ
ଜଣାଅ ସୈନ୍ୟରେ
ଅବିଳମ୍ବେ, ଯାଉଅଛୁ ମୁହିଁ
ନୋହିଲେ ହତାଶ ! ଯାଅ !
(ସାତ୍ୟକି ପ୍ରସ୍ଥାନ)

ଶ୍ରୀକୃଷ୍ଣ — ହେ ଅର୍ଜ୍ଜୁନ !
ଏ କି ତୁମ୍ଭ ହୀନ ଆଚରଣ ?

ଅ—ହୀନ ଆଚରଣ ? ମୋର ?

ଶ୍ରୀକୃଷ୍ଣ— ହଁ ମନେ ନାହିଁ ?

Digitized by srujanika@gmail.com

ମନେ ନାହିଁ ଅଶ୍ୱଲାଗି ପ୍ରତିଜ୍ଞା ତୁମ୍ଭର ?
ଧର୍ମରାଜ ପାଶେ କହୁନାହଁ ତୁମ୍ଭେ
ପ୍ରାଣ ବିନିମୟେ ଯଜ୍ଞ ଅଶ୍ୱ ଅବଶ୍ୟ ରଖିବ ?
ଭୁଲିଗଲ ଏତେ ଶୀଘ୍ର ?
ତୁମ୍ଭେ ପରା ଅଶ୍ୱର ରକ୍ଷକ ?
ତେବେ ? କେବେ ନଷ୍ଟେଷ୍ଟ କପଟ ?
କାହିଁକି ରହିଛ ତୁମ୍ଭେ ଯୁଦ୍ଧଠାରୁ ଦୂରେ ?
ପଳାଇ ଆସିଛ ପରା ମରଣର ଡରେ ?
ଏହାଠାରୁ ବଳି କହ,
ହୋଇପାରେ ହୀନଚାର
ଆଉ କିଛି ଶ୍ରେଷ୍ଠ ପରିଚୟ ?

ଅ — ଉତ୍‌କ୍ଷିପ୍ତ !
ଉତ୍‌କ୍ଷିପ୍ତ ହୋଇଛ ତୁମ୍ଭେ ଦେବ ନାରାୟଣ !
ସ୍ୱାର୍ଥ ସିଦ୍ଧି ବାସନା ତୁମ୍ଭର;
ନୋହିଲେ କି ଏତେ ବେଗେ ଢଅନ୍ତ ପାସୋର ।
ନିଜେ ଯାହା କରିଛ ଆପଣେ ?
କହୁନାହିଁ ତୁମ୍ଭେ
ଅଶ୍ୱଭୁଲେ ସାକ୍ଷ୍ୟସର ଥିବ ମୁହିଁ ଖାଲି ?
କୁରୁକ୍ଷେତ୍ର ଯୁଦ୍ଧଜୟୀ ପାଣ୍ଡବ ବିରୁଦ୍ଧେ
ନକରିବେ କେହି ହେଲେ ହେଲେ ଅଙ୍ଗୁଳି ତୋଳନ,
ଅଶ୍ୱ ଧରିବାର ମୋର ନାହିଁ ପ୍ରୟୋଜନ ?
ସେହି ସର୍ତ୍ତେ—ସେହି ସର୍ତ୍ତେ ସିନା
ତୁମ୍ଭର ନିର୍ଭୀକ ବାକ୍ୟ ଆସିଥିଲି ମୁହିଁ ?
କରିନାହିଁ ମହାଭ୍ରମ ତୁମ୍ଭେ ?

Digitized by srujanika@gmail.com

ଏ କଥା କି କର ଅସ୍ୱୀକାର ?
ଏବେ ତ ଦେଖିଲ ନୟନର ଆଗେ
ବାଳକ ମାତର ଦେଲା ପରିଚୟ—
କହିଦେଲା—
ପାଣ୍ଡବେ ନୁହନ୍ତି ଏକା ତ୍ରିଭୁବନେ ବୀର !
ବୀରହୀନ ନୁହେଁ ଏ ଧରିତ୍ରୀ !

ଶ୍ରୀକୃଷ୍ଣ—ଉତ୍ତମ !
ସେ ତବ କରିବ ତୁମ୍ଭେ ଖବ ଧନଞ୍ଜୟ !
କୃଷ୍ଣସଖା ପାଣ୍ଡବରେ—ଚହ୍ଲାଇବ
ଜଗତକୁ ବୀରଶ୍ରେଷ୍ଠ ବୋଲି ।

ଅର୍ଜ୍ଜୁନ—ତେବେ ତୁମ୍ଭେ କହିବାକୁ ଚାହଁ ?
ପୁଣି ତୁଲେ କରି ଯୁଦ୍ଧ
ପିତା ଦେବ ପରିଚୟ ବୀରଶ୍ରେଷ୍ଠ ବୋଲି ?
ଏବେ କି ହେ ମେଣ୍ଟିନାହିଁ ସମର ପିଆସ ?
କୋଟି କୋଟି ନରଶିର ଚୂର୍ଣ୍ଣୀଭୂତ କରି କୁରୁ ଯୁଦ୍ଧେ
ତେବେ ମଧ୍ୟ ତୃପ୍ତ ନୁହେଁ ତବ ରଣ ତୃଷ୍ଣା ।
ଅଦ୍ୟାପି କ୍ଷୁଧାର୍ତ୍ତ କି ହେ ଶୃଗାଳ କୁକୁର ?
ଅଦ୍ୟାପି ତୃଷାର୍ତ୍ତ ଧରା କରିବାକୁ ନରରକ୍ତ ପାନ
ନାରାୟଣ !
ସୃଷ୍ଟି ମୂଳେ ଥାଏ ଯେବେ ତୁମର ଭିଆଣ ?
ସେ କି ଖାଲି ସଂହାରର ଲାଗି ?
କାହିଁକି ଏ ମହାରଣ ?
ନୁହେଁ କି ହେ ଖାଲି ତାହା ବିଶ୍ୱାସଘାତ ହେବାର କାରଣେ ?

Digitized by srujanika@gmail.com

କି ଉତ୍ତର ଦେବ ହେ ମାଧବ ?

ଶ୍ରୀକୃଷ୍ଣ—ସଖା !
ବିଶ୍ୱସୃଷ୍ଟି ନୁହେଁ ମୋର ସଂହାରର ଲାଗି ।
ବୃଥାରକ୍ତ ପାତେ ମୁହିଁ ନୁହେଁ ଅଭିଳାଷୀ ।
ଚିରଶାନ୍ତି ପ୍ରିୟ ମୁହିଁ ।
କିନ୍ତୁ କି କରିବି ?
ଉଦ୍ଧତର ଶାସନ ତ ଅବଶ୍ୟ ଉଚିତ ?

ଅର୍ଜ୍ଜୁନ—ଉଦ୍ଧତ ?
ଗର୍ବିତ ପାଣ୍ଡବେ ସର୍ବ ବିଶ୍ୱଜୟୀ ବୋଲି
ଅଶ୍ୱ ଛାଡ଼ିଲେ ଲେଖ ବାନ୍ଧି
ଦେଶେ ଦେଶେ ଫେରାଇଲେ ତାକୁ,
ଆଉ ବାନ୍ଧିବ କ୍ଷତ୍ରିୟ କେହି
କଲା ପ୍ରତିବାଦ,
ସେ ହେଲା ଉଦ୍ଧତ ?
ଏ କି ହେ ବିଚାର ତବ ଜନାର୍ଦ୍ଦନ !
ଏଥିଲାଗି ଦୋଷୀ ବଭ୍ରୁବାହ ?
ଏଥିଲାଗି ଶାସ୍ତି ତାର ?
ବଭ୍ରୁବାହ କରିଅଛୁ କିବା ଅପରାଧ—
ଯେଉଁ ଦୋଷେ ନୁଆଇଁ ସେ ଶିର
ଠିଆ ହେବ ହସ୍ତିନାର ସିଂହାସନ ତଳେ ?
ନିରୁତ୍ତର କାହିଁକି ମାଧବ ?

ଶ୍ରୀ—ଏ କଥାର ଉତ୍ତର ମୁଁ ଦେବି ଅବସରେ ।
ଆପାତତଃ ଆସିଥିଲି ମୁହିଁ

Digitized by srujanika@gmail.com

ପବ୍ରଜିତ ହେ ଅର୍ଜ୍ଜୁନ !
ଇଚ୍ଛା କି ତୁମ୍ଭର
ଅଶ୍ୱମେଧ ଯଜ୍ଞ ହେଉ ପଣ୍ଡ ?

ଅର୍ଜ୍ଜୁନ—ଆବାହକ ଯେ ଯଜ୍ଞର—
ଆପଣେ ଗୋବିନ୍ଦ !
ଇଚ୍ଛା ମୋର ହେଉ ତାହା ଶୁଭେ ସମ୍ପାଦିତ ।
କିନ୍ତୁ ! ସଖା !
ଏ ଯୁଦ୍ଧରେ ଅସ୍ତ୍ର ମୁହିଁ କେବେ ନ ଧରିବି;
କ୍ଷମାକର ମୋତେ ଏଥିବାର ।

ଶ୍ରୀକୃଷ୍ଣ—କ୍ଷତ୍ରିୟ ବିରୁଦ୍ଧ କଥା କହୁଛ ଫାଲ୍‌ଗୁନ !

ଅର୍ଜ୍ଜୁନ—କ୍ଷତ୍ର ଧର୍ମ ତେବେ ଖାଲି ହିଂସାର ଗ୍ଳାନି ?
ମନେ ପଡ଼େ
ନୟନର ଆଗେ ମୋର ଦିଶେ
ସୁଭଦ୍ରାର ନୟନର ବାରି ।
ଅବଧି ମୁଁ ପାରିନାହିଁ;
ପାରିବି କି ନାହିଁ ଜାଣେ—
ଏ ଜୀବନେ ମୋର ।—
ଦିନେ ଯେବେ କୁରୁକ୍ଷେତ୍ର ରଣ ଶେଷେ
କହିଲ ଦୁଃଖିଙ୍କ
କାହିଁ ଅଭିମନ୍ୟୁ ମୋର ?
ସଖା ! ସଖା !
ନାଁ, ନାଁ,

Digitized by srujanika@gmail.com

ଶର ମୁନେ କୋଟି କୋଟି ଜନମାରେ
କରିଅଛୁ ପୁରୁଷର ମୂର୍ତ୍ତି ।
ସେହି ଅପରାଧ ! ସେହି ଅପରାଧ ସଖା !
କେ ଭୋଗିବ ?
କେ ଭୋଗିବ ମୋହ ବିନେ ଆଜ ?
ନାଁ, ନାଁ,
ହେଲେ ପଛେ ବଜ୍ରବାହୁ ଜାରଜ ସନ୍ତାନ .
ପାରିବ ମୁଁ ନାହିଁ କରି
ପୁରୁଷର ଚିତ୍ରାଙ୍ଗଦା ଜନମାରେ ତାର !
କ୍ଷମା ଦିଅ ମୋତେ ଜନାର୍ଦ୍ଦନ !

ଶ୍ରୀକୃଷ୍ଣ—ଫାଲ୍‌ଗୁନ, ଫାଲ୍‌ଗୁନ !
କି ଦେଖୁଛ ନୟନ ସମ୍ମୁଖେ ? (ଠାରି ଦେଖାଇ)
ଅନ୍ଧ ! ଦିଶୁନାହିଁ ?
ରହୁଁ ରହୁଁ ଲଭି ଆସେ ନୟନର ଦୀପ ?
ପାଣ୍ଡବର ଏକମାତ୍ର କୁଳଚନ୍ଦ୍ର—
ଅଳପ୍ସୁ ଲଭିବ ?
ଆଜି ନର୍ଜିବ କ୍ଷତ୍ରିୟ !
ବସି ତୁମ୍ଭେ ନନ୍ଦନ କୋଣରୁ—
ଟେପାଉଥିବ ଅନୁତାପ ବାରି ?
ଶତ ଧିକ ସେ ସାରଥି, କ୍ଷତ୍ରିୟର ପଣ !
ତୁମ୍ଭ ଯୋଗୁଁ ସିନା—
ତୁମ୍ଭ ଯୋଗୁ କୁଳହୀନ ହୋଇବେ ପାଣ୍ଡବେ ?

ଅର୍ଜ୍ଜୁନ—ମୋହ ଯୋଗୁ କୁଳହୀନ ପାଣ୍ଡବେ ହୋଇବେ ?

Digitized by srujanika@gmail.com

ଶ୍ରୀକୃଷ୍ଣ—ନୁହେଁ ? ନ ଦଶେ ନୟନେ ?
ବୃଷକେତୁ ବିଷମ ସଙ୍କଟେ,
ଆଜ ତୁମ୍ଭେ ବସିଛ ନୀରବେ ?
ମହୋଜ୍ଜ୍ୱଳ ବଂଶାବଳୀ ଶେଷ ଦୀପ-ଶିଖା
ଲିଭୁଁ ଲିଭୁଁ ଲିଭିଯିବ ତୁମର ସମ୍ମୁଖେ ?
ଉତ୍ତମ —
ଏ ଦୃଶ୍ୟ ମୁଁ ନ ପାରିବି ଦେଖି
ଗଲି ମୁଁ ଦ୍ୱାରକା — ଯାହା ଇଚ୍ଛା କର । (ପ୍ରସ୍ଥାନୋଦ୍ୟତ)
ଅର୍ଜୁନ — ସଖା, ସଖା !
ଭାଙ୍ଗିଛି ମୋ ପଣ ।
ଭାଙ୍ଗିଛି ମୋ ମୋହନିଦ୍ରା ।
ପ୍ରାଣାନ୍ତେ ମୁଁ ରଖିବି ହେ ବୃଷକେତୁ ପ୍ରାଣ ।
ଯାଅ ହେ କେଶବ !
ଦେଖୁନାହଁ ବୃଷକେତୁ ବିପନ୍ନ ସମରେ ?
ଚଢ଼ ! ଚଢ଼ ସାରଥିରେ
ଅବିଳମ୍ବେ ସାଜ୍ ରଥ ଅଶ୍ୱ ।
(ଶ୍ରୀକୃଷ୍ଣ ପ୍ରସ୍ଥାନ)
(ଦୂରକୁ ଅନାଇଁ) ବୃଷକେତୁ ! ବୃଷକେତୁ
ଦଣ୍ଡେ ଆଉ ରହ ବାବୁ !
ନାଃ, ନ ପାରିଲ କରି ରକ୍ଷା ତୋତେ —
ନିୟତି ଲିଖନ ।
ବୀର ମୂର୍ତ୍ତି, ଭୁବନ ବିଜୟୀ,
ନମାନନ୍ତି ଆଜଯାଏ ନିୟତିର ଆଜ୍ଞା;
ଆଜି ମଧ୍ୟ ନ ମାନନ୍ତି ତୋତେ

Digitized by srujanika@gmail.com

ଜୟନ୍ତ ! ଜୟନ୍ତ !
କାହିଁ ତୋର କୁଟିଳ ଭ୍ରୂଭଙ୍ଗୀ—
ଦୁର୍ବଳରେ ନତ ଯାହା ହସାଏ କନ୍ଦାଏ ?
ମନେ କ କରୁଛୁ ତୁହି
ଭୁଲାଇବ ଅର୍ଜୁନରେ
ଅଟ୍ଟହାସ୍ୟ ତୋର ?
କାହିଁ ରଥ ! କାହିଁ ଅଶ୍ୱ !
କାହିଁ ?
(ବଭ୍ରୂ ଓ ରେଖା ପ୍ରବେଶ କଲେ)
ବଭ୍ରୂ—କାହିଁ !
କାହିଁ ଗଲେ ଭୁବନବିଜୟୀ ବୀର ଧନଞ୍ଜୟ ?

ଅର୍ଜୁନ—କିଏ ? ବଭ୍ରୂବାହ ? (ପଛକୁ ଫେରିଗଲେ)

ବଭ୍ରୂ—ହଁ ତେବେ ! ଦୂରେ ମୁଁ ରହୁଛି ।
ନ କରିବ କଳୁଷିତ ଆଜ
ଜାରଜ କରରେ ସ୍ପର୍ଶି ଦେବ ଅଙ୍ଗ ତବ ।
ଖାଲି ଆସିଛି ମୁଁ ଦେବାକୁ ସମ୍ବାଦ—
ନାହିଁ କେହି ଜଣେ ବୀର ପାଣ୍ଡବ ଶିବିରେ
ଯାହା ତୁଲେ କରିବି ମୁଁ ରଣ ।
ତେଣୁ, ରଣ-ତୃଷା ମେଣ୍ଟାଇବା ଲାଗି
ମାଗୁଅଛି ଦ୍ୱନ୍ଦ୍ୱ ଯୁଦ୍ଧ ତବ ତୁଲେ ବୀର !

ଅର୍ଜୁନ—ରଣ !
ରଣ-ତୃଷ୍ଣା ତୋର ?

Digitized by srujanika@gmail.com

ରେ ବାଳକ !
କ୍ଷଣ-ତୃଷା ତୋର ?
କମ୍ରୁ ତଣ୍ଡି ଦୂରେ—
ଜୀବନର ତୃଷା ଏକ ମେଣ୍ଟାଇ ପାରିବୁ ?
ରକ୍ଷିବୁ କି ଅନୁରୋଧ ମୋର ?

ବଭ୍ରୁ—ଅନୁରୋଧ ?
କିଏ ? ଦେବୀର ସନ୍ତାନ କରେ ଅନୁରୋଧ ?
କୁଳଟା ନନ୍ଦନେ ?
ଜାରଜରେ କରେ ଅନୁରୋଧ ?

ଅର୍ଜୁନ—ଭୁଲିଯା, ଭୁଲିଯାରେ ଅବୋଧ ବାଳକ !
ପାସୋରି ଦେ ଗତକଥା ସବୁ
ମାତ୍ର କ୍ଷଣକର ଲାଗି ।
ଭୁଲିଯା ରେ ମାନ ଅପମାନ,
ଆସ ! ଆସ ପାଶେ ମୋର
ବାରେ ମାତ୍ର ! ବାରେ ମାତ୍ର—
ଦଗ୍ଧ ପ୍ରାଣେ ଢାଳରେ ପରଶ ।
ବଭ୍ରୁ—ଏ କି ଅସମ୍ଭବ କଥା ବୀରଚୂଡ଼ାମଣି ?

ଦେଖା—ଶତ୍ରୁରେ ଆଦର କରି ନେବ କୋଳେ ଟାଣି,
ଏ ତ ନୋହେ କ୍ଷତ୍ରିୟ ଧରମ ?
ବିଶେଷତଃ—
ସଖୀର ନନ୍ଦନ ତୁମ୍ଭେ ବୀର ଧନଞ୍ଜୟ !
କଳୁଷିତ ହେବ ତନୁ ଜାରଜ ପରଶେ

Digitized by srujanika@gmail.com

ଅର୍ଜ୍ଜୁନ—କିଏ ? କିଏ ଗୋ ବାଳିକା !
କିଏ ତୁମ୍ଭେ ଲଜ୍ଜା ଦିଅ ବାର ବାର ମୋତେ ?

ରେଖା—ପରିଚୟ ମୋର ?
ନୁହେଁ ତ ମୁଁ ଦେବ ଅଂଶେ ଜାତ ?
କିବା ପରିଚୟ ଦେବି ?
ଚିହ୍ନି ନ ପାରିବ ମୋତେ ହେ ବୀର ଫାଲ୍‌ଗୁନି !
କଠିନ କଠୋର—ଏହି ଯେ ଦେଖୁଛ ଗିରିମାଳା,
ସଭ୍ୟତା'ର ଆବରଣ ଛୁଇଁନାହିଁ ଯାହା;
ଶିଖି ନାହିଁ ଓଢ଼ଣୀ ଦେବାଇ,
ନଗ୍ନ ବର୍ବରତା ଦେଶେ—
ଗିରିଗୁହା ତଳେ,
ସଭ୍ୟତାର ଆଲୋକର ଦୂରେ,
ଜନମ ମୋହର ।
ଜାଣି ନାହିଁ ଦେଇ
ତୁମ୍ଭପରି ଗରଳ ଅନ୍ତର ଧରେ—
ଅମିୟର ଛଳ ଆବରଣ ।
ସହଜ ମୋ ଭାଷା,
ତେଣୁ ଶତ୍ରୁ ମୋର ଶତ୍ରୁ
ମିତ୍ର ହୁଏ ମିତ୍ର ଚିରକାଳ ।
ସେ କଥାରେ ନାହିଁ ପ୍ରୟୋଜନ ।
ଶୁଣ ଧନଞ୍ଜୟ ସଖାର ନନ୍ଦନ !
ସମ୍ମୁଖେ ତୁମ୍ଭର—ସ୍ୱାମୀ ମୋର
ରଣ-ପିପାସିତ ।

Digitized by srujanika@gmail.com

ପାର ସନ୍ଧ; ଦ୍ୱନ୍ଦ୍ୱ ଯୁଦ୍ଧେ—
ପିପାସା ନିବାର ।
ଅର୍ଜ୍ଜୁନ—ପାଣ୍ଡବର କୁଳଲକ୍ଷ୍ମୀ
ଜନମୀ ଗୋ ମୋର !
ତୁମ୍ଭ କି ମା ନ ବୁଝିବୁ ଅନ୍ତର ମୋହର
କି ଦାରୁଣ ବ୍ୟଥା ବାଜେ ବୁକେ ?
ବିରାଟ ସାମ୍ରାଜ୍ୟ—
ପ୍ରମ୍ନୀଭୂତ ଚରାଚର ହେଲ ଆଜ ପାଣ୍ଡବ ଆଉରି,
ଅଭ୍ର ଗଣେ ସତତ ପ୍ରମାଦ ।
ଝିରେ ଶିରେ ଦେବତାର ଶୁଭ ଆଶୀର୍ବାଦ ।
ମନେକରେ ବିଶ୍ୱ ଧନଞ୍ଜୟ ମହାସୁଖୀ ।
କିନ୍ତୁ ମା ଗୋ !
ଏକା ଅନ୍ତର୍ଯ୍ୟାମୀ ବୁଝିଥିବେ ଅନ୍ତର ମୋହର;—
କି ଦୁଃଖ ଯେ ଦହେ ଅହରହ,
ଶୟନେ ସ୍ୱପନେ ଅବା ଧ୍ୟାନେ ଜାଗରଣେ,
ନାହିଁ କେହି ଏ ସଂସାରେ ଦୁଃଖୀ—
ଅର୍ଜ୍ଜୁନର ସର ।
ସ୍ନେହ, ମାୟା ମମତାର ପ୍ରତିମୂର୍ତ୍ତି—
ତୁମ୍ଭ ନାସ୍ତି !
ତୁଅନା କଠୋର ମାତା !
କ୍ଷମା !
ଭାରତର ସର୍ବ-ଶ୍ରେଷ୍ଠ ଗର୍ବୋନ୍ନତ ଶିର
ନତ ଆଜ ଦୟାର ଦୁଆରେ ତୋର—
କ୍ଷମାର ଭିକାରୀ ।

Digitized by srujanika@gmail.com

ବଭ୍ରୁ—କ୍ଷମା !
ସତୀର ଲାଞ୍ଛନା ପରେ—
ଦ୍ରୁପଦ ନଷ୍ଟିତ ଦେଖି
ମାଗୁଅଛ କ୍ଷମା ?
ମନ୍ଦ ନୁହେଁ ବ୍ୟବହାର !
ସଭ୍ୟଦେଶ ଗୌରବ ଏ ପରା ?
ଅସଭ୍ୟ ଜାରଜ ମୁହିଁ
କ୍ଷମାକଥା ଶିଖିନାହିଁ କେବେ ।
ଅସ୍ତ୍ର ଧର, ବିଳମ୍ବ କାହିଁକି ?
ପାର୍ଥ କମ୍ପା ବଭ୍ରୁ—
କେହ୍ନି ହେଲେ ଜଣେ,
ଧସ୍ର ବକ୍ଷୁଁ ନେବ ଆଜ ଉଦାସ୍ତ ନଷ୍ଟପ୍ର ।

ଅର୍ଜୁନ—ଧସ୍ର ବକ୍ଷେ ଶାନ୍ତି ନାହିଁ ମୋର ।
ପିପାସିତ ଏ ଅନ୍ତର ଯେନ
ସ୍ୱର୍ଗେ ମଧ୍ୟ ଶାନ୍ତି ନାହିଁ ଲେଖା ।
ତଥାପି ବାଳକ !
ମୁହୂର୍ତ୍ତକ ଲାଗି—

(ହାତ ବଢ଼ାଇଲେ ଆଲିଙ୍ଗନ କରିବାକୁ—ବଭ୍ରୁ ଘୁଞ୍ଚିଗଲେ)

ରେଖା—(ବଭ୍ରୁକୁ ଟାଣିନେଇ) କଳୁଷିତ, କଳଙ୍କିତ ହେବ ଅଙ୍ଗ;
ଦୂରେ ରହ ଦେବୀର ସନ୍ତାନ !

ବଭ୍ରୁ—ଏ ମମତା କାହିଁ ଥିଲା ହେ ବୀର ଫାଲ୍‌ଗୁନୀ !

Digitized by srujanika@gmail.com

ଯେବେ ରସନା ତୁମର
ସନ୍ତ ଜନଙ୍କରେ ମୋର କହିଲା କୁକଥା ?
ତୁମର ଚରଣ ଧ୍ୟାନେ
ହରାଇଛି ସନ୍ନ୍ୟାସିନୀ ସବୁ,
ଅଭାଗିନୀ ଯେ ରମଣୀ—
ନେହମାର କରିଛି ସମ୍ବଳ,
କହ ! କହ ହେ ଅର୍ଜୁନ !
ତୁମ୍ଭେ ! ନିଜ ହସ୍ତେ ତୁମ୍ଭେ—
କପାଁ ନ ଦେଲ ହେ ଦଣ୍ଡ ?
ବକ୍ଷେ କପାଁ ନ ବାନ୍ଧିଲ ଶାଣିତ ଛୁରିକା ?
କି ସାହସେ ?
କି ସାହସେ, କହିଲ ତାହାକୁ ତୁମ୍ଭେ
କଳଙ୍କିନୀ ବୋଲି ସନ୍ତାନର ଆଗେ ?
ନା, ନା, କ୍ଷମା ମୂଁହି ନ ପାରିବ କରି ।
ନାହିଁ ଅବସର—ଧର ଅସ୍ତ୍ର ।

ଅର୍ଜୁନ—ଉତ୍ତମ ! ବନ୍ଦେ ରହ ତେବେ
ଅସ୍ତ୍ର ଶସ୍ତ୍ର ସହ
ଅବିଳମ୍ବେ ଭେଟିବି ମୁଁ
ସମର ଚତ୍ୱରେ ।

ବଭ୍ରୁ—ଯଥା ଆଜ୍ଞା ଦେବ ! (ପ୍ରଣାମ କରି ଚାଲିଗଲେ)

ଅର୍ଜୁନ—ମୂର୍ଖ !

Digitized by srujanika@gmail.com

ମାଗିଛୁ ସେ ଧନ ମୁକ୍ତି ଦଅ ନାରାୟଣ !
ସେ ବାସନା କରନ୍ତୁ ସମ୍ପୂର୍ଣ୍ଣ ମମ ।
କି ଆନନ୍ଦ ଆଜ ମୋର !
ଶୁଣ ଶୁଣ ସଖି ଚନ୍ଦ୍ରାଙ୍ଗଦା !
ଯେ କଳଙ୍କ କାଳିମାରେ
ଚିର ଶୁଭ୍ର ଲଲାଟ ତୁମ୍ଭର
କରିଅଛୁ କଳଙ୍କିତ
ମୁହିଁ ନରାଧମ,—
ତାର—ତାର ପ୍ରାୟଶ୍ଚିତ୍ତ ଆଜ
କରିବ ଗୋ ! ପତି ତବ ବକ୍ଷର ଶୋଣିତେ ।
ମୁକ୍ତି ! ମୁକ୍ତି ! ମୁକ୍ତି ଖୋଜେ ମୁହିଁ । (ପ୍ରସ୍ଥାନ)

ଚନ୍ଦ୍ରରଥ—(ପ୍ରବେଶ କଲେ) ବନ୍ଧୁ ! ବନ୍ଧୁ !
କାହିଁ ? ଏଠାରେ ତ ନାହିଁ ।
ତେବେ ? ତେବେ କି ସେ······ ?
ନାଁ ନାଁ, ଆପଣାହିଁ ମୁଖରେ ତା ଭାଷା ?
ପାପ ମନ; ଏ କି ଦୁର୍ଭାବନା ?
କମ୍ବା, ହତଭାଗ୍ୟ ଭାଲେ,
କୁଳ-ଧାତ ନିର୍ବାପନ ଲେଖା ?
କି ବୋଲି, କି ମୁଖେ;
ଏ ବାରତା ଦେବି ମୁହିଁ
ଚନ୍ଦ୍ରାଙ୍ଗଦା ଦୁଃଖୀନି ମାତାରେ ?
ନନ୍ଦନର ପାରିଜାତ ହରାଇ ଫେରିଛୁ ମୁହିଁ
ଶୂନ୍ୟ କରେ ବୋଲି—

Digitized by srujanika@gmail.com

କପର କଙ୍କାଳ ?
ଯେବେ ଚିତ୍ରାଙ୍ଗଦା ପର୍ବତର—କାହିଁ ବନ୍ଧୁ ମୋର ?
କି ବୋଲି ପ୍ରବୋଧ ଦେବି
ଚପଳା ରେଖାରେ ?
ଯେବେ ଉତ୍କଣ୍ଠ ଦୁଇଟି ତାର
ଛଳ ଛଳ ଆଖି
ଲକ୍ଷି ମୋ ନୟନେ
ଗଟେଲ ମୋର ଛନ୍ଦ ବେନ କର,
ପର୍ବତର ମୋତେ ସେ ସଭଲା
କାହିଁ ମୋର ପରାଣର ବନ୍ଧୁ ?
ଭଗବାନ ! ଭଗବାନ !
ରାଜଧର୍ମେ ଏ କି ବିଡ଼ମ୍ବନା !
ଅଦ୍ୟାପି ଯେ ଜୀବିତ ମୁଁ
କୁଳର ପାଂଶୁଳ ।
ଇହାଠାରୁ ନୁହେଁ କି ଉଚିତ ମୋର
ପାପ ଆତ୍ମହତ୍ୟା ?—
ଶାଣିତ ଛୁରିକା (ଛୁରି କାଢ଼ି, ଧରିଲେ)
(ବନ୍ଧୁ ପ୍ରବେଶ)

ବନ୍ଧୁ—(ହାତରେ ରକ୍ତବୋଳା, ମୁହଁରେ ପିଶାଚର ହସ)
ରକ୍ତ, ରକ୍ତ, ରକ୍ତ !

ଚନ୍ଦ—(ହାତରୁ ଛୁରି ଖସି ପଡ଼ିଲା, ହଠାତ୍ ବନ୍ଧୁକୁ ଝୁଙ୍କି
ଆଲିଙ୍ଗନ କରି) ବନ୍ଧୁ !

ବ—(ଧୁଞ୍ଚି ଯାଇ) ହଁ, ମାତାମହ.!

Digitized by srujanika@gmail.com

ଏହ୍ବ ରକ୍ତ !
ଚିହ୍ନି କ ପାରୁଛ ! କାହାର ଏ ରକ୍ତ ?

ଚଣ୍ଡ—ରକ୍ତ, ରକ୍ତ, ବଭ୍ରୁ !

ବଭ୍ରୁ—ହଁ ! ହଁ, ରକ୍ତ ! ବଭ୍ରୁର ଏ ରକ୍ତ !
ଚିହ୍ନି ପାରୁନାହଁ ମାତାମହ ?
ଶୁଣ ! ଶୁଣ !
ରକ୍ତ କଥା କହେ ।
ଅସମ୍ଭବ ମଣୁଛ ମୋ କଥା ?
ନାଁ, ନାଁ, ଶୁଣ । (କାନ ପାଖକୁ ହାତ ନେଇ)

ଚଣ୍ଡ—ବଭ୍ରୁ !—

ବଭ୍ରୁ—ହଁ ବଣୁନାହଁ । ଦେଖି ପାରୁନାହଁ ?
କାହାର ଏ ରକ୍ତ ?
ଚିହ୍ନ ! ଶିଷ୍ଟ ପ୍ରକ୍ଷିପ୍ତରେ ଏହ୍ବ ଯେ ଦେଖୁଛ ।
ଚିହ୍ନ ! ଭଲକରି ଚିହ୍ନ ।

ଚଣ୍ଡ—ତେବେ କ, ତେବେ କ ସେ—

ବଭ୍ରୁ—ହଁ, ହଁ, ରାଜଧର୍ମ ! ରାଜମାତ !
ହାଳିଛୁ ଆଦେଶ ତବ ଅକ୍ଷରେ ଅକ୍ଷରେ,
ରଖିଛୁ ଶପଥ ମୋର—
ମାତୃନାମେ ଯେ ଶପଥ କରିଥିଲି କାଲି
ଏଥର ଚିହ୍ନିଲ ? କାହାର ଏ ରକ୍ତ ।

ଚଣ୍ଡ—ପାର୍ଥ ରକ୍ତ ?

Digitized by srujanika@gmail.com

ବଭ୍ରୁ—ହଁ, ହଁ ! ପାର୍ଥ ରକ୍ତ—ବଭ୍ରୁ ରକ୍ତ ।
    ପାଳନାହିଁ ଆଦେଶ ତୁମ୍ଭର ?
    ପାଳନାହିଁ ବର୍ଣ୍ଣେ ବର୍ଣ୍ଣେ ମୁହିଁ ?

ଚଣ୍ଡ—ଧନ୍ୟ ବଭ୍ରୁବାହ !
    ଗନ୍ଧର୍ବର ମାନ—
    ମଣିପୁର ରାଜ୍ୟର ଗୌରବ
    ଅକ୍ଷୁଣ୍ଣ ରଖିଲ ।
    ବଢ଼ାଇଲ ଜଗତରେ ଧର୍ମ୍ମର ମହିମା ।

ବଭ୍ରୁ—ଏଥର ? ଶୁଣି କି ପାରୁଛ ଭଲ ?
    ଶୁଣ ! ରକ୍ତ କଥା କହେ—
    ରକ୍ତ ଧରେ ମାନବ ମୂରତି
    କହେ ମାନବର ଭାଗ୍ୟ

ଚଣ୍ଡ—ଏକ କଥା କହ ବଭ୍ରୁବାହ ?

ବଭ୍ରୁ—ମିଥ୍ୟା ନୁହେଁ ମାତାମହ !
    ଅର୍ଜ୍ଜୁନର ରକ୍ତ ମାନବ ଭାଷାରେ
    ଉଚ୍ଚସ୍ୱରେ ଡାକେ—ଡାକେ ଶୁଣ ।
    ଆ······ଆ
    ଫେରିଆରେ କୋଳେ ଥରେ
    ଅବୋଧ ସନ୍ତାନ !

ଚଣ୍ଡ—ବଭ୍ରୁ ! ବଭ୍ରୁ !
ବଭ୍ରୁ—ନାଁ, ନାଁ, ମାତାମହ !

Digitized by srujanika@gmail.com

ନୂହେଁ ରକ୍ତ ଖାଲି
ମାଂସ, ମେଦ, ମଜ୍ଜା
ଗଳ—ଜଳଗଳ
ଉଃ—କି ଉତ୍ତପ୍ତ !
ଅସହ୍ୟ ଯନ୍ତ୍ରଣା !
ଧର ! ଧର ମାତାମହ
ଧର ଏହି ଶାଣିତ ଛୁରିକା
ଛିନ୍ନକର, ଛିନ୍ନକର, ବେଗେ
ପିତୃରକ୍ତ କଳଙ୍କିତ କର ଦୁଇ ମୋର ।
ଏ ଯାତନା ବଢ଼େ ବେଳୁଁ ବେଳ ।

ଚଣ୍ଡ—ବତ୍ସ ! ସ୍ଥିର ହୁଅ ।
ଅଧୀର ହେଲେ ତୁ ବାବୁ !
କି ବୋଲି ମୁଁ ବୁଝାଇବ ଜନନୀରେ ତୋର ?

ବତ୍ସ—ଜନନୀରେ ମୋର ?
ଜନନୀ ?
ସୀମନ୍ତରୁ ଯା'ର ଅଳକ୍ତ ସିନ୍ଦୂର ରେଖା,
ନିଜେ ମୁହିଁ ସନ୍ତାନ ତାହାର
ପିତୃ ରକ୍ତେ କଳଙ୍କିତ ଏହି କରେ ମୋର
ଦେଇଅଛି ପୋଛି—
ନାଂ ! ନାଁ ! କ୍ଷମାକର ମାତାମହ !
ଏ ଜୀବନେ ! ଏହି ମୁଖେ ?
ଜନନୀ ସମ୍ମୁଖେ ? ନାଁ ! ନାଁ ! (ଦ୍ରୁତ ପ୍ରସ୍ଥାନ)

ଚଣ୍ଡ—(ତତ୍‌ପଶ୍ଚାତ୍ ଉଦ୍‌ବିଗ୍ନ ଭାବେ ଯିବାକୁ ଉଦ୍ୟତ ହୋଇ)
ବତ୍ସ !

Digitized by srujanika@gmail.com

ଶ୍ରୀକୃଷ୍ଣ—(ପ୍ରବେଶ ହୋଇ) ଚନ୍ଦ୍ରରଥ !

ଚନ୍ଦ୍ର—(ଫେରି) କିଏ ? ବ୍ରାହ୍ମଣ ! ତୁମ୍ଭେ ?
ଚିହ୍ନିଛି ତୁମ୍ଭଙ୍କୁ ଚକ୍ରୀ—ତୁମ୍ଭେ ନାରାୟଣ ।
ପ୍ରଣାମ ଚରଣେ ଦେବ ।

ଶ୍ରୀକୃଷ୍ଣ—(ଚନ୍ଦ୍ରରଥକୁ ଧରି) ଏ କି କର ?
ଏକି କର ଗନ୍ଧର୍ବ ପ୍ରଧାନ !
ବୟୋବୃଦ୍ଧ ! ନମସ୍ୟ ଯେ ମୋର ?

ଚନ୍ଦ୍ର—ହେ କେଶବ !
ଅଜ୍ଞାନେ ଯଦ୍ୟପି ମୂର୍ଖ
କରିଥିଲି ଅବୋଧ ଚରଣରେ ତବ ?
ନଥିଲି କି ଶାସ୍ତି ତାହା ଲାଗି ?
କିନ୍ତୁ ଦେବ ! ଏ କି କଲ ?
ବୃଦ୍ଧ କାଳେ ଦେଲ ଏ କି ଚରମ ଲାଞ୍ଛନା ?
କି ଲଜ୍ଜାରେ ବୁଡ଼ାଇଲ ମୋତେ ?

ଶ୍ରୀକୃଷ୍ଣ—ଲଜ୍ଜା ? କାହିଁ ଲଜ୍ଜା ବୀରବର ?
ବୀରୋଚିତ କାର୍ଯ୍ୟ ସାଧିଅଛ ।

ଚନ୍ଦ୍ର—କି ମୁଖେ ଫେରିବି କହ ମଣିପୁର ରାଜପୁରେ ?
କି ବୋଲି ସାନ୍ତ୍ୱନା ଦେବି
ପତିହୀନା ଚନ୍ଦ୍ରାଙ୍ଗଦା ଜନ୍ମଦୁଃଖିନୀରେ ?

ଶ୍ରୀକୃଷ୍ଣ—ତେଜ ଏ ଭାବନା ।

Digitized by srujanika@gmail.com

ଶୁଣିଥିବ ଉଲୁପିର ପିତା—
ପାତାଳେ ଅନନ୍ତ ନାଗ ?
ଅଛି ପାର୍ଶେ ତାର ମଣି ଅମୃତ ନାମରେ
ସେ ମଣିର ପାଇଛି ସନ୍ଧାନ ବଭ୍ରୁ
ଉଲୁପୀର ପାଶୁଁ ।
ଅବିଳମ୍ବେ ଫେରିବ ସେ ପାତାଳ ପୁରରୁ
ଘେନ ସେହି ମଣି,—
ପରଶେ ଯାହାର
ଅର୍ଜୁନର ପିଣ୍ଡେ ହେବ ପବନ ସଞ୍ଚାର ।

ଚଣ୍ଡ—ଧନ୍ୟ ! ଧନ୍ୟ ହେ କେଶବ !
କିନ୍ତୁ ପ୍ରଭୁ ! ଜାଣି କି ପାରିବି ଅଭିପ୍ରାୟ ତବ ?
କି ମହିମା ପ୍ରକୁରର ହେତୁ
ଉଆଇଲ ପିତା ପୁତ୍ରେ
ଏ ମହା ବିପ୍ଳବ ?

ଶ୍ରୀକୃଷ୍ଣ—ନୁହେଁ ଅକାରଣ ।
ଭୀଷ୍ମ ମରଣରେ, କୁପିତା ଜନନୀ ଗଙ୍ଗା
ଦେଇଥିଲେ ଅଭିଶାପ,
ପୁତ୍ର ହସ୍ତେ ଅର୍ଜୁନର ହୋଇବ ମରଣ;
ବଭ୍ରୁବାହ ଭିନ୍ନ
ନାହିଁ ଅର୍ଜୁନର ସୁତ ।
ତେଣୁ, ଗଙ୍ଗା ଅଭିଶାପ ପୂର୍ଣ୍ଣ ହେତୁ
ଧରି ବ୍ରାହ୍ମଣର ବେଶ,
ଉତ୍ତେଜିତ କରି ବେନି କୂଳେ ,

Digitized by srujanika@gmail.com

ଭୁଆଇଛୁ ପିତା ପୁତ୍ରେ ରଣ ।
ଚଣ୍ଡ—ବୁଝିଲି ମୁଁ ଏବେ ।
ଚକ୍ରଧର ! ଇଚ୍ଛାରେ ତୁମ୍ଭର ଚଳେ ବିଶ୍ୱ ।
କହୁ ଦେବ ! ଧନଞ୍ଜୟ ମରଣ ସମ୍ବାଦେ
ବଞ୍ଚିବ କି ଚିତ୍ରାଙ୍ଗଦା ଦଣ୍ଡେ ?

ଶ୍ରୀକୃଷ୍ଣ—ନହୁଅ କାତର !
ଛଳନାର ଅବତାର ଚଣ୍ଡୀ ମୂର୍ତ୍ତି ସତ୍ୟ,
ହାରିଯାଏ ସୃଷ୍ଟିର ଝକଟେ କହୁ;
ସୃଷ୍ଟି ପାଖେ ଶିଶୁ ମୂର୍ତ୍ତି ।
ସୃଷ୍ଟି-କୁଳ-ଶିର-ଝର ନାଶ୍ୱ ଚିତ୍ରାଙ୍ଗଦା !
ସହିବ କି ପାରିବ ମୂର୍ତ୍ତି ଦେଖି ତାର ନୟନର ଜଳ ?
ଯାଅ ! ଯାଅ ! ଦିଅ ଯା ପ୍ରବୋଧ ।
ଆସୁଛନ୍ତି ଚିତ୍ରାଙ୍ଗଦା ଏଣେ ।
ଅର୍ଜ୍ଜୁନର ଭୁଲେ ମୂର୍ତ୍ତି ଫେରିବ ଅଚିରେ । (ପ୍ରସ୍ଥାନ)

ଚିତ୍ରାଙ୍ଗଦା—(ଅସ୍ତ୍ର ସୁସଜ୍ଜିତ ହୋଇ ପଛରୁ ପ୍ରବେଶ)
କାହିଁ ଯାଅ ! କାହିଁ ଯାଅ ମଣିପୁର ରାଜରକ୍ଷୀ ତୁମ୍ଭେ ?
ଯୁଦ୍ଧ, ଯୁଦ୍ଧ ମାଗେ ମୁହିଁ ।
ମନେ କି କରିଛ ବୀର !
ସନ୍ତାନ ମମତା-ଅନ୍ଧ ଧନଞ୍ଜୟେ ବଧି
ଜିଣିଅଛ ପାଣ୍ଡବ ବାହିନୀ ?
ଏବେ ତ ! ଜୀବିତ ମୁହିଁ ପାଣ୍ଡବ ଘରଣୀ
ସମ୍ମୁଖେ ତୁମ୍ଭର ! ଦିଅ ରଣ !

Digitized by srujanika@gmail.com

ଜାଣନାହିଁ ଅର୍ଜୁନର ଧର୍ମପତ୍ନୀ ମୁହିଁ ?
ଯାବତ ପିଣ୍ଡରେ ମୋର ପ୍ରାଣ ବର୍ତ୍ତମାନ,
ଅସମ୍ଭବ ବିଜୟ ତୁମ୍ଭର ।
ଆସ ! ଆସ ଗନ୍ଧର୍ବ ଇଶ୍ୱର !
ପାର ଯେବ କର ରକ୍ଷା ।
ମଣିପୁର ଧ୍ୱଂସ ଆଜ ପ୍ରତିଜ୍ଞା ମୋହର ।

ଚନ୍ଦ୍ର— ଶାନ୍ତ ହୁଅ ଜନନୀ ଗୋ !
କର ଯୋଡ଼ି କ୍ଷମା ମାଗେ ପିତୃବ୍ୟ ତୋହର

ଚିତ୍ରା—କନ୍ତୁ କାହିଁ ?
କ୍ଷମା ଶବ୍ଦ ଯାଇଛ ଯେ ଭୁଲି
ଅଭାଗିନୀ ଚିତ୍ରାଙ୍ଗଦା ଲାଗି;
ଯେବେ ଅଶ୍ରୁମୁଖେ କରଯୋଡ଼ି
ମାଗିଥିଲି କ୍ଷମା ?
ନାଁ, ନାଁ, ନାଁ,
ଜାଣ ନାହିଁ କୁପିତା ଫଣିନୀ କ୍ଷମାର ମହିମା !
ଆସ ! ଆସ ଯେତେ ପତି-ହନ୍ତାଦଳ !
ଜଳଯାଅ ପ୍ରତିହିଂସାନଳେ ।

ଚନ୍ଦ୍ର—ମାଆ ଗୋ ! ପତିଶୋକେ ହରାଇଛ ଜ୍ଞାନ
ଚାଲ ! ଫେରି ଘରେ ।

ଚିତ୍ରା —ଘର ? ଘରେ ଯିବି ?
କାହିଁ ମୋର ଘର ?
ବସନ୍ତ କରଇ ଯହିଁ

ସ୍ୱାମୀହନ୍ତା ପିଶାଚର ଦଳ ।
ପାର୍ଥ ପରି, ତରି ଚିତ୍ରାଙ୍ଗଦା ।
ଅର୍ଜ୍ଜୁନର ମୃକ୍ତ ଆତ୍ମା
ଜଡ଼ ଦେହ ତେଜ ଯହିଁ ଘୂରି ରହିଥିବ;—
ସେହି ସ୍ୱରଗର ଦେଶେ—
ଚିରନ୍ତନ ଲାଗି,
ତହିଁ ମୋର ଘର ।
ପାର୍ଥ !
ମହାତୀର୍ଥ ମୋର ସେହି ଭୂମି ।
ତହିଁ ପୂର୍ବେ, ପ୍ରତିହିଂସା
ଅଶ୍ରୁଜଳ ଚକ୍ଷୁ ମୋର
ଉଗାରି ଅନଳ;
ଭସ୍ମୀଭୂତ କରିବ ଏ ପାପ ମଣିପୁର ।
ଆଉ ? ଜାଳି ଚିତା ନିଜ ହସ୍ତେ—
ସହମୃତା ହେବି ମୁହିଁ
ଅର୍ଜ୍ଜୁନର କୂଳେ ।

ଚିତ୍ର—କିନ୍ତୁ ଜନନୀ ଗୋ !
ଅପରାଧୀ ହେଲେ ମଧ୍ୟ ବଭ୍ରୁବାହ ସନ୍ତାନ ଯେ ତୋର !

ଚିତ୍ରା—ସନ୍ତାନ ସେ ମୋର ?
କିଏ ? ବଭ୍ରୁବାହ ?
ନାଁ, ନାଁ,
ସନ୍ତାନ ହେଲେ ସେ
ପାରନ୍ତା କି ପୋଛି ମୋର ଲଲାଟ ସିନ୍ଦୂର ?

Digitized by srujanika@gmail.com

ପୁତ୍ରହୀନା ! ପୁତ୍ରହୀନା ମୁହିଁ !
ନାହିଁ, ନଥିଲା ମୋ ପୁତ୍ର ଜନକାଳେ ।

ଚନ୍ଦ୍ର—ଧୈର୍ଯ୍ୟ ଧର ଜନନୀ ଗୋ ମୋର ।
ଅନନ୍ତ ନାଗର ପାଶେ
ଯାଇଅଛନ୍ତି ବଭ୍ରୁ ।
ଅଚିରେ ଫେରିବ ସେହ
ଅମୃତ ମଣି ସେ;—
ସ୍ପର୍ଶେ ଯାର ଧନଞ୍ଜୟ
ହୋଇବେ ଜୀବିତ ।

ଚଣ୍ଡୀ—ତଥାପି ! ତଥାପି ଛଳନା ମୋର ତୁଲେ ?
ଶବ୍ରୁଙ୍କ ପ୍ରତାରଣା ନ ପାରୁଛୁ ବୁଝି ?
ଭୁଲାଇଲେ ଭୁଲିବାର ନୁହେ ଚଣ୍ଡୀ ।
ଡାକ ! ଡାକ ସେହି ପିତୃହନ୍ତା ବବ୍ରୁ ସନ୍ତାନେ,
କରନ୍ତୁ ରଣ ସଙ୍ଗେ ମୋର;
ଆଜ ତୁମ୍ଭେ ! ତୁମ୍ଭେ ଆସ ରାଜ ପ୍ରତିନିଧି !
ପାର ଯେତେ ଦିଅ ବାଧା
ରକ୍ଷାକର ମଣିପୁର ରାଜ୍ୟ,
ହୁଅ ରାଜାର ସହାୟ ।
ରେଣୁ ରେଣୁ କର ଏହି ତୁଚ୍ଛ ମଣିପୁରେ
ଶର ମୁନେ ଉପାଡ଼ି ଫିଙ୍ଗିବ ।
ଜଳ ଉଠ ବହ୍ନି-ନାଶୀ ଅନଳର ଶିଖା
ଧ୍ୱଂସ ! ଧ୍ୱଂସହେଉ ମଣିପୁର ରାଜ୍ୟ !
ଜ୍ୱଳ ବହ୍ନି !

Digitized by srujanika@gmail.com

ଜ୍ୱଳ ଦାଉ ଦାଉ !
(ଶର ନିକ୍ଷେପ ଏକ ସ୍ଥାନକୁ । ସହସା ଜଳି ଉଠିଲା—
ପ୍ରଳୟ ତେଜରେ ଅଗ୍ନି । ସେହି ଅଗ୍ନି ମଧ୍ୟରୁ ବାହାରିଲେ
ହସି ହସି ଶ୍ରୀକୃଷ୍ଣ, ଅର୍ଜୁନ, ଓ ରେଖା)

ଶ୍ରୀକୃଷ୍ଣ—ଶାନ୍ତ !
ଶାନ୍ତ ହୁଅ ସଖି ଚିତ୍ରାଙ୍ଗଦା !

ଅର୍ଜୁନ—ଶାନ୍ତ ହୁଅ ସଖି !
ପୂର୍ଣ୍ଣେ ତବ ଦେଖ
ପ୍ରାଣ ମମ ପାଇଅଛୁ ଫେରି !
(କହି କହି ଚିତ୍ରାଙ୍ଗଦା ନିକଟକୁ ଆସିଲେ । ରେଖା ଓ ବଭ୍ରୁ
ସହିତ—ଚିତ୍ରାଙ୍ଗଦା ଅର୍ଜୁନଙ୍କ ଚରଣ ତଳେ ପ୍ରଣାମକରି
କହିଲେ—)

ଚିତ୍ରା—ପ୍ରିୟ ! ପ୍ରିୟତମ !
ଯଗଣ ଦେବତା ମୋର !

ଅର୍ଜୁନ—(କୋଳକେଇ) ଉଠ ! ଉଠ ସଖି !
(ବଭ୍ରୁ ଓ ରେଖା ଚରଣ ତଳେ ପ୍ରଣାମ କଲେ । ବୃଦ୍ଧ ଚିତ୍ରରଥ
ଆନନ୍ଦାଶ୍ରୁ ବର୍ଷି ଚୃହିଁ ରହିଥିଲେ ଓ ଶ୍ରୀକୃଷ୍ଣ ହସୁଥିଲେ ।
ପଛରେ ଧ୍ୱନୁଥିଲେ, ତାଙ୍କର ଚନ୍ଦ୍ର ବେଗରେ ।)

ଚିତ୍ରରଥ—ନମସ୍ତେ !
ନମସ୍ତେ ତରଣେ ତନ୍ଦୀ !

—୦—

Digitized by srujanika@gmail.com

ମୁଦ୍ରାକର—ଶ୍ରୀ ଗୋପାଳ ପ୍ରେସ,
କଟକ—୨
୧୯୭୪

Digitized by srujanika@gmail.com